

ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-143 ♦WEDNESDAY ♦19 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୪୩ ♦ବୁଧବାର ♦୧୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ପତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ଜଣ ଲୋକଙ୍କୁ ସମର୍ପି ଦେଇଥିଲା । ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ । ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି । ପୀଡିତା ନିବାଡା ଗାଁରେ ରୁହନ୍ତି । ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିୱାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା । କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ । ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ ।



ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ । ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ । ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ । ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି । ଏମାନେ ଗାଜିଆବାଦର ବାସିନ୍ଦା । ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ଯାଇ ନ ଥିଲା । ନିଜ ଦେଢ଼ଶୂର, ନଣଦେଇ ଓ ଶଶୂର ମଧ୍ୟ ତାଙ୍କୁ ଦୁଷ୍କର୍ମ ▶ପୃଷ୍ଠା-୭

## ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର' । ଏଥିପାଇଁ ଆନ୍ଧ୍ର ସରକାର ସରଳା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ । ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି । ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ । କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି । ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ । ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ୧,୩୦୦ କୋଟି ଟଙ୍କା ନିବେଶ ହେବ । ଏହି ୟୁନିଟ୍‌ରେ 'ସରଳା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ୍ 'ଭିଟଲ୍' ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍ ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ ▶ପୃଷ୍ଠା-୭

**୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ**

# ଏସ୍‌ସିବିରେ ଲଜ୍ଜା

## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ




■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି । ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି । ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ । ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା ।

**ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା । ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସାଲାଇନ୍ ସରିଯାଇଥିବାରୁ ସାଲାଇନ୍ ବୋତାଲ କାଢ଼ି ସେ ତଳେ ରଖିଥିଲା । ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା । ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ । ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା । ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା । ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା । ଡାକ୍ତରଙ୍କ ସୁପାରିଶକ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ▶ପୃଷ୍ଠା-୭

## ଆମେରିକାରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପରେ ଟ୍ରମ୍ପଙ୍କ ପଛଘୁଞ୍ଚା

# ୨୦୦ରୁ ଅଧିକ ଉତ୍ପାଦରୁ ହଟିଲା ଶୁଳ୍କ

■ ୱାଶିଂଟନ୍, ୧୮।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି । ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବାର ଏହା ହେଉଛି ଫଳ । ଏହାର ପ୍ରଭାବରେ ଏବେ ଶୁଳ୍କ ପ୍ରସଙ୍ଗରେ ପଛକୁ ହଟିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ ଉଠାଇ ଦେଇଛି । ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ।




**ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍**

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରେ କାର୍ଯ୍ୟକାରୀ ହୋଇଥିଲା । ରୁଷିଆ ତେଲ କ୍ରୟ କରିବା ପାଇଁ ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲଗାଇଥିଲା । ୨୦୨୫ ଆର୍ଥିକବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ୨.୫ ବିଲିୟନ ଡଲାର (୨୨,୦୦୦ କୋଟି ଟଙ୍କା) । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ । ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତୈଳ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ପ୍ରାୟ ହୋଇଛି । ସେ କହିଛନ୍ତି ଯେ ଆମେ ଏହାକୁ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରିବୁ । ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି । ତେବେ ଟ୍ରମ୍ପ ପ୍ରଶାସନ ସେହି ଉତ୍ପାଦଗୁଡ଼ିକ ଉପରେ ଶୁଳ୍କ ହଟାଇଛି ଯାହାର ଉତ୍ପାଦନ ଆମେରିକାରେ କମ୍ ଅଛି ।

# ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍ । କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ । ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ



ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା । ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

## ମରେଡିମିଲ୍ଲି ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳିବିନିମୟ

# କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮।୧୧ (ସମିସ): ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି । ଦେଶର ଆତଙ୍କ ସୃଷ୍ଟି କରିଥିବା ସବୁଠାରୁ ଦୁର୍ଦ୍ଦାନ୍ତ ମାଓବାଦୀ ମାଡ଼ଭି ହିଡ଼ମା ନିହତ ହୋଇଛି । ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି । ଖାଲି ହିଡ଼ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ୍ୟ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛନ୍ତି ।



**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

**୪ ରାଜ୍ୟରେ ଆତଙ୍କ ଖେଳାଇଥିଲେ ହିଡ଼ିମା ଓ ସହଯୋଗୀ**

ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ଦେଇଛନ୍ତି । ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମରେ ଥିବା ଏହି ଅଞ୍ଚଳରୁ ୬ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅଞ୍ଚଳରେ ଏବେ ବି ତଲାସୀ ଅଭିଯାନ ଜାରି ରହିଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମାଓବାଦୀ ହିଡ଼ମାକୁ ▶ପୃଷ୍ଠା-୭

# ଶୀତରେ ଥରୁଛି ଓଡ଼ିଶା

## ଘୁ.ଉଦୟଗିରି ସବୁଠୁ ଥଣ୍ଡା



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ । ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି । ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି । ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୭ ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ । ଏହାସହ ୩ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ । ସାମାନ୍ୟ ତାପମାତ୍ରା ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି ।

ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୨ ତାରିଖ ଯାଏଁ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ଦକ୍ଷିଣ ଭାରତରେ ବର୍ଷା ଆଶଙ୍କା ରହିଛି । ୨୨ ତାରିଖ ଯାଏଁ ତାମିଲନାଡୁରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ୨୦ ତାରିଖ ଯାଏଁ କେରଳରେ ପ୍ରବଳ ବର୍ଷା ହୋଇପାରେ । ସେହିପରି ଉପକୂଳ ଆନ୍ଧ୍ରପ୍ରଦେଶରେ ବୁଧବାର ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ କାଲିଠାରୁ ୨୧ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ▶ପୃଷ୍ଠା-୭





# ନାଇଜେରିଆ ବୋର୍ଡିଂ ସ୍କୁଲରୁ ୨୫ ଛାତ୍ରୀଙ୍କୁ ଅପହରଣ

## ଭାଇସ୍ ପ୍ରିନ୍ସପାଲ, ଗାର୍ଡଙ୍କୁ ହତ୍ୟା



ଅବୁଜା, ୧୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ଅଭାବନୀୟ ଘଟଣା ଘଟିଛି। ଦେଶର କେବ୍ବି ରାଜ୍ୟରେ ସୋମବାର ସକାଳେ କେତକ ଅଜଣା ବନ୍ଧୁକଧାରୀ ଆସାମାଜିକ ଲୋକେ ଏକ ବୋର୍ଡିଂ ସ୍କୁଲ୍ ଉପରେ ଆକ୍ରମଣ କରିଛନ୍ତି। ଏକାଧିକ ଅସ୍ତ୍ର ଧରି ଆକ୍ରମଣକାରୀମାନେ ଆସିଥିଲେ। ସେମାନେ ସ୍କୁଲର ଭାଇସ୍ ପ୍ରିନ୍ସପାଲ୍ ଓ ଜଣେ ଗାର୍ଡଙ୍କୁ ମଧ୍ୟ ହତ୍ୟା କରିଛନ୍ତି। ଏହାପରେ ବାଳିକା ଛାତ୍ରାବାସକୁ ଯାଇ ୨୫ଜଣ ଛାତ୍ରୀଙ୍କୁ ଅପହରଣ କରିନେଇଛନ୍ତି। ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି। ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ଟଙ୍କା ପାଇଁ ଏହି ଅପହରଣ କରାଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି। ସେନା ଓ ପୁଲିସ ମିଳିତ ଭାବେ ଜଙ୍ଗଲରେ ଅପରେସନ ଆରମ୍ଭ କରିଛନ୍ତି। ଉଲ୍ଲେଖଥାଉ କି, ଉତ୍ତର ନାଇଜେରିଆରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲଗୁଡିକରୁ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଅପହରଣ କରାଯାଛି। ନାଇଜେରିଆରେ ଏଭଳି ଘଟଣା ଆଦୌ ନୂଆ ନୁହେଁ। ୨୦୧୪ରେ ଚିବୋକ ଅପହରଣ ପରେ ଏହି ଭୟ ସବୁବେଳେ ରହିଆସିଛି। କିନ୍ତୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି କରିବା କାରଣରୁ ଅପହରଣ ଘଟଣାରେ ଯଥେଷ୍ଟ ହ୍ରାସ ହୋଉଛି।

# ଦିଲ୍ଲୀର ୩ କୋର୍ଟ, ୨ ସ୍କୁଲକୁ ବୋମା ଧମକ



ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ପୁଣି ବୋମା ଧମକ ମିଳିଛି। ଦିଲ୍ଲୀର ୩ଟି ଜିଲ୍ଲା କୋର୍ଟ ଓ ଦୁଇଟି ସ୍କୁଲକୁ ବୋମା ବିସ୍ଫୋରଣ କରି ଉଡାଇ ଦେବାକୁ ମେଲ୍‌ରେ ଏହି ଧମକ ଦିଆଯାଇଛି। ଧମକ ମିଳିବା ପରେ ପୁଲିସ ସାକେତ କୋର୍ଟ, ପଟିଆଲା କୋର୍ଟ ଓ ଦ୍ୱାରକା କୋର୍ଟକୁ ଖାଲି କରିବା ପରେ ଯାଞ୍ଚ୍ ଆରମ୍ଭ କରିଥିଲା। ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନାମର ଇମେଲ ଆଇଡିରୁ ଏହି ଧମକ ମିଳିଥିଲା। ଫଳରେ ୩ କୋର୍ଟ କ୍ୟାମ୍ପସରେ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରିଥିଲେ। ସୂଚନା ଯୋଗ୍ୟ ଯେ, ପଟିଆଲ ହାଉସ କୋର୍ଟରେ ମଙ୍ଗଳବାର ଏନ୍‌ଆଇଏ ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ଅନ୍ୟତମ ଅଭିଯୁକ୍ତ ଜସିର ବିଲାଲ ବାନୀକୁ ହାଜର କରାଯିବାର କାର୍ଯ୍ୟକ୍ରମ ଥିଲା। ଏହାର ଠିକ୍ ପୂର୍ବରୁ ସକାଳ ୧୧ଟାରେ ଏହି ମେଲ୍ ପଠାଯାଇଥିଲା। ଏହାପୂର୍ବରୁ ସିଆରପିଏଫ୍‌ର ଦୁଇଟି ସ୍କୁଲ୍‌କୁ ମଧ୍ୟ ବୋମା ଧମକ ମିଳିଥିଲା। ଜଣେ ଅଜଣା ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରି ସ୍କୁଲ ପରିସରରେ ବିସ୍ଫୋରଣ ରଖାଯାଇଛି ବୋଲି ଦାବି କରିଥିଲା। ସକାଳ ୯ଟାରେ ପ୍ରଶାନ୍ତ ବିହାର ଓ ଦ୍ୱାରକା ସ୍କୁଲ୍‌ରୁ କଲ୍ ମିଳିବା ପରେ ପୁଲିସ ଦୁଇଟି ସ୍କୁଲ୍‌କୁ ଖାଲି କରି ଯାଞ୍ଚ୍ କରିଥିଲା। କିନ୍ତୁ ଯାଞ୍ଚ୍ ପରେ କିଛି ମିଳି ନଥିଲା। ଏହାକୁ ଏକ ମିଛ ଧମକ ବୋଲି ପୁଲିସ ତରଫରୁ କୁହାଯାଇଛି।

# ଇରାନରେ ବିନା ଭିସାରେ ଭାରତୀୟଙ୍କ ପ୍ରବେଶ ନିଷିଦ୍ଧ

ତେହେରାନ, ୧୮ ।୧୧(ଏଜେନ୍ସି): ଭାରତ ନାଗରିକଙ୍କ ପ୍ରବେଶ ନେଇ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତୀୟଙ୍କ ଭିସା ଫ୍ରି ଏଣ୍ଟ୍ରି ଉପରେ ଇରାନ ନିଷେଧାଦେଶ ଜାରି କରିଛି। ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି ଲାଗୁ ହେବା ସହ କାର୍ଯ୍ୟକାରୀ ହେବ। ବିଭିନ୍ନ କାରଣରୁ ଇରାନ ଏହି ନିଷ୍ପତ୍ତି ନେଇଛି। ଗତ କେତେମାସ ହେବ କେତେକ ଭାରତୀୟଙ୍କୁ ନକଲି ଚାକିରି, ପରିବହନ ଯାତ୍ରା ଓ ମାନବ ଚାଲାଣ ବାହାନାରେ ଇରାନକୁ ଆଣିବା ଓ ତା'ପରେ ଅପହରଣ କରାଯିବାରୁ ଇରାନ ସରକାର ଏହି ପଦକ୍ଷେପ ନେଇଛନ୍ତି। ୨୦୨୪ ଫେବୃଆରୀରେ ଇରାନ ଭାରତୀୟଙ୍କ ପାଇଁ ବିନା ଭିସାରେ ପ୍ରବେଶ ସୁବିଧା ଉପଲବ୍ଧ କରାଇଥିଲା। ଏହି ସୁବିଧା କେବଳ ପର୍ଯ୍ୟଟନ ଶୀଘ୍ର ପାଇଁ ଉଦିଷ୍ଟ ଥିଲା ଓ ପ୍ରତି ୬ ମାସରେ ୧୫ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଇଥିଲା। କିନ୍ତୁ ଗତ କିଛି ଦିନ ମଧ୍ୟରେ ଏକାଧିକ ମାମଲାରେ ଏଜେଣ୍ଟମାନେ ଭାରତୀୟଙ୍କୁ ଚାକିରି ଓ ୟୁରୋପ ପହଞ୍ଚାଇଦେବା ନାମରେ ଇରାନ ଡକାଇଥିଲେ। ଫଳରେ ଭାରତସ୍ଥିତ ଇରାନ ଦୂତାବାସ ମନ୍ତବ୍ୟ ଦେଇଛନ୍ତି ଯେ, ଏବେ ଇରାନ ଯିବାକୁ ହେଲେ ଭାରତୀୟଙ୍କୁ ଭିସା ନେବାକୁ ହେବ। ଭାରତ ସରକାର ମଧ୍ୟ ଏ ନେଇ ମାର୍ଗଦର୍ଶିକା ଜାରି କରିଛି। ଏବେ ଇରାନ ଯାଉଥିବା ଭାରତୀୟମାନଙ୍କୁ ସତର୍କ ରହିବାକୁ ହେବ ବୋଲି କୁହାଯାଇଛି। ଭିସା ଫ୍ରି ଏଣ୍ଟ୍ରି ନେଇ କୌଣସି ଏଜେଣ୍ଟଙ୍କ କଥାକୁ ଭରସା ନ କରିବାକୁ କୁହାଯାଇଛି।

# ତାଇୱାନକୁ ନେଇ ଚୀନ୍-ଜାପାନ ମୁହାଁମୁହିଁ

ବେଜିଂ/ଟୋକିଓ, ୧୮ ।୧୧(ଏଜେନ୍ସି): ତାଇୱାନକୁ ନେଇ ଏବେ ଚୀନ୍ ଓ ଜାପାନ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପୁଜିଛି। ଜାପାନ ପ୍ରଧାନମନ୍ତ୍ରୀ ସନାଏ ତାକାଇଚି ମନ୍ତବ୍ୟ ଦେବା ପରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ନଭେମ୍ବର ୭ରେ ତାକାଇଚି ମନ୍ତବ୍ୟ ଦେଇଥିଲେ ଯେ, ଯଦି ତାଇୱାନ ଉପରେ ଚୀନ୍ ଆକ୍ରମଣ କରେ ତେବେ, ଜାପାନ ତାଇୱାନକୁ ସହାୟତା କରିବା ପାଇଁ ତା'ର ସୈନ୍ୟ ପଠାଇବ। ଏହାକୁ ଚୀନ୍ ନାପସନ୍ଦ କରିଛି। ତାଇକାଚିଙ୍କ ଏଭଳି ମନ୍ତବ୍ୟ ଉତ୍ତେଜନାମୂଳକ ଓ ଦାୟିତ୍ୱହୀନତାର ପରିଚୟ ଦେଉଛି ବୋଲି ଚୀନ୍ କହିଛି। ପୁଣି ଓସାକାରେ ଚୀନର କାଉନସିଲ ଜେନେରାଲ ଶୁଏ ଜିଆନ ଏହାଠାରୁ ଆହୁରି ଉତ୍ତେଜନାମୂଳକ ମନ୍ତବ୍ୟ ଦେଇଛନ୍ତି। ଏହି ମାମଲାରେ ଯିଏ ମୁଣ୍ଡ ପୁରାଇବ, ତାଙ୍କ ବେକ କାଟିଦିଆଯିବ ବୋଲି ଜିଆନ କହିଛନ୍ତି। ଏହାପରେ ଦୁଇ ଦେଶ ଜଣେ ଅନ୍ୟଜଣଙ୍କର ରାଷ୍ଟ୍ରଦୂତଙ୍କଠାରୁ ଜବାବ ମାଗିଛନ୍ତି। ନିଜ ନାଗରିକଙ୍କୁ ଜାପାନ ନ ଯିବାକୁ ଚୀନ କହିଛି। ସେଠାକୁ ଗଲେ କୌଣସି ବିପଦର ସାମ୍ନା କରିବାକୁ ପଡ଼ିପାରେ ବୋଲି ଚୀନ୍ ସତର୍କ କରାଇଛି। ସ୍ଥିତି ବିଗୁଡିଥିବା ବେଳେ ଚୀନ୍ କୋଷ୍ଟଗାର୍ଡର ଏକ ଜାହାଜ ଜାପାନ ନିୟନ୍ତ୍ରଣରେ ଥିବା ସେନକାକୁ ଦୀପ ନିକଟରେ ଦେଖିବାକୁ ମିଳିଥିଲା। କିନ୍ତୁ ଜାପାନ ଏହି ଜାହାଜକୁ ତୁରନ୍ତ ସେହି ଅଞ୍ଚଳରୁ ବାହର କରିଥିଲା। ସେପେଟେ ଜାପାନ ସମର୍ଥନରେ ଆମେରିକା ମଧ୍ୟ ଆଗକୁ ବାହାରିଛି। ଦୁଇ ଦେଶ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ବୁଝାମଣା ଅନୁସାରେ ଜାପାନ ଉପରେ କୌଣସି ବିପଦ ଆସିଲେ ଆମେରିକା ତାହାର ରକ୍ଷା କରିବ ବୋଲି କହିଛି। ତାଇୱାନ ମାମଲାରେ ଚୀନ୍ ଅଯଥା ଓ ବିନାକାରଣରେ ମୁଣ୍ଡ ପୁରାଉଛି ବୋଲି ଚୀନ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି।

# ସାଉଦିରେ ୪୫ ଭାରତୀୟ ଶ୍ରଦ୍ଧାଳୁଙ୍କୁ କବର ଦିଆଯିବ

ରିଆଦ, ୧୮ ।୧୧(ଏଜେନ୍ସି): ସାଉଦି ଆରବର ମକ୍କା-ମଦିନା ହାଇୱେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଥିବା ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁଙ୍କ ମୃତ ଦେହ ଭାରତକୁ ଅଣାଯିବ ନାହିଁ। ଏମାନେ ସମସ୍ତେ ଉମରା ପାଇଁ ସାଉଦି ଯାଇଥିଲେ। ଧାର୍ମିକ ରୀତିନୀତି ଅନୁଯାଇ ସବୁ ୪୫ ଜଣ ଭାରତୀୟଙ୍କୁ ସାଉଦିରେ ହିଁ କବର ଦିଆଯିବ ବୋଲି ତେଲଙ୍ଗାନା ମନ୍ତ୍ରୀମଣ୍ଡଳ ନିଷ୍ପତ୍ତି ନେଇଛି। ପ୍ରତ୍ୟେକ ପୀଡିତ ପରିବାରରୁ ଦୁଇଜଣ ଲେଖାଏ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ସାଉଦି ଯିବେ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ସାଉଦିର ନିୟମ ଅନୁସାରେ ମୃତକଙ୍କୁ ଭାରତ ଆଣିବା କଷ୍ଟକର ମନେ ହେଉଛି। ତେଣୁ ମଦିନାର ଜନ୍ନତୁଲ ବକିରେ ମୃତକ ଭାରତୀୟଙ୍କୁ କବର ଦିଆଯିବାର ବିକଳ୍ପ ପ୍ରଦାନ କରାଯିବ। ସେହିପରି ମୃତକଙ୍କ ପରିବାରକୁ ତୁରନ୍ତ ଅନୁକମ୍ପାମୂଳକ ରାଶି ମିଳିବା ମଧ୍ୟ କଷ୍ଟକର ମନେହେଉଛି। ସାଉଦିରେ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ସିଧାସଳଖ କୌଣସି ଅନୁକମ୍ପାମୂଳକ ରାଶି ଦିଆଯାଇ ନଥାଏ। ଯଦି ଟ୍ୟାଙ୍କର ଡ୍ରାଇଭର କିମ୍ବା କମ୍ପାନୀର ତ୍ରୁଟି ପ୍ରମାଣିତ ହୁଏ ଓ ପୁଣି ପରିବାର ଲୋକେ ଆଇନଗତ ଦାବି କରିବେ ତାହାଲେ ଅନୁକମ୍ପା ରାଶି ମିଳିବାର ସମ୍ଭାବନା ରହିଛି। ଏହି ପ୍ରକ୍ରିୟା ବହୁତ କଷ୍ଟକର ଓ ଏହା କେତେମାସ ଧରି ଚାଲିବ। ପୁଣି ହଜ୍ କିମ୍ବା ଉମ୍‌ରା ଯାତ୍ରା କରିବାକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ମୃତଦେହ ସାଉଦିରୁ ଫେରା ନଯିବାର ନିୟମ ରହିଛି। କିନ୍ତୁ ଯଦି ଅଣ ତୀର୍ଥଯାତ୍ରୀ ସାଉଦିରେ ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ମୃତହେହକୁ ଭାରତ ଫେରାଇଆଣିବାର ବିକଳ୍ପ ରହିଥାଏ।

# ସାମ୍ନାକୁ ଆସିଲା ଆତ୍ମଘାତୀ ଉମରର ନୂଆ ଭିଡିଓ

## 'ଆତ୍ମଘାତୀ ଆକ୍ରମଣ ଦ୍ୱାରା ସହିଦ ହେବାର ମିସନ ଥିଲା'



ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ନଭେମ୍ବର ୧୦ରେ ଆତ୍ମଘାତୀ ଆକ୍ରମଣ କରିଥିବା ଆତଙ୍କବାଦୀ ଉମର ମହମ୍ମଦ ଉରଫ ଉମର-ଉନ-ନବୀର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ବିସ୍ଫୋରଣ ପୂର୍ବରୁ ସେ ଏହି ଭିଡିଓ ସୁଟ୍ କରିଥିଲା ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଏଥିରେ ସେ ଆତ୍ମଘାତୀ ଆକ୍ରମଣକୁ ନେଇ ନିଜର ମତ ଦେଇଥିଲା। ସେ ପୂର୍ବରୁ ହିଁ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଥିଲା। ଏହି ଭିଡିଓରେ ସେ ଖଣ୍ଡିଆ ଇଂରାଜୀରେ କହିବାକୁ ପ୍ରୟାସ କରିଛି। ଏହା ଏକ ଆତ୍ମଘାତୀ ଆକ୍ରମଣ ନୁହେଁ, ଏହା

- ଆତ୍ମଘାତୀ ଆକ୍ରମଣରୁ ଓହରି ଯାଇଥିଲା ଜସିର
- ଅଲ୍ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ପରିବାର ଗୃହବନ୍ଦୀ
- ୧୦ ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ ଜବତ

ସହିଦ ହେବାର ଏକ ମିଶନ ବୋଲି ସେ କହିଛି। ତେବେ ଏହାକୁ ନେଇ ବିରୋଧାଭାଷ ସୃଷ୍ଟି ହୋଇଛି। ଉମର ହିଁ ଲାଲ୍‌କିଲ୍ଲା ନିକଟରେ ଆଇ-୨୦ କାର୍‌ରେ ବିସ୍ଫୋଣ କରିବା ସହ ନିଜକୁ ଉଡାଇ ଦେଇଥିଲା। ଏଥିରେ ୧୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୬ ଜଣ ଡାକ୍ତର ସାମିଲ ରହିଛନ୍ତି। ଏହି ମାମଲରେ ଯାଞ୍ଚ୍ ଏଜେନ୍ସିଗୁଡିକ ଏହି ଟେରର ମଡ୍ୟୁଲର ବାକି ସଦସ୍ୟ ଓ ବୈଷୟିକ ଭାବେ ସମର୍ଥନ କରୁଥିବା ନେଟ୍‌ୱର୍କକୁ ସାମ୍ନାକୁ ଆଣିବାକୁ ପ୍ରୟାସରେ ରହିଛି। ସେପଟେ ଆତଙ୍କବାଦୀମାନେ ଡ୍ରୋନ୍ ଓ ରକେଟ୍ ମାଧ୍ୟମରେ ଆକ୍ରମଣ କରିବାକୁ ଚାହୁଁଥିଲେ ବୋଲି ସୋମବାର ହୋଇଥିବା ଯାଞ୍ଚରୁ ଜଣାପଡ଼ିଛି।

ତେଣେ ଏହି ମାମଲାରେ ଏବେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ବିସ୍ଫୋରଣରେ ଉମରର ଅନ୍ୟତମ ସହଯୋଗୀ ଜସିର ବିଲାଲ ଓରଫ୍ ଦାନିଶକୁ ଗତକାଲି ଶ୍ରୀନଗରରୁ ଗିରଫ କରାଯାଇଥିଲା। ସେ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରଥମ ପସନ୍ଦ ଥିଲା। କିନ୍ତୁ ସେ ଏହା କରିବାକୁ ମନା କରିଥିଲା। ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡରେ ରହୁଥିବା ଜସିରକୁ ଏହି କାର୍ଯ୍ୟପାଇଁ ଉମର ପ୍ରବର୍ତ୍ତାଇଥିଲା। ରାଜନୀତି ବିଜ୍ଞାନର ଛାତ୍ର ଥିବା ଜସିରକୁ ୨୦୨୩ରୁ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରବର୍ତ୍ତାଯାଉଥିଲା। ତାକୁ ମଧ୍ୟ ବୈଷୟିକ ସହାୟତା ପ୍ରଦାନ କରାଯାଉଥିଲା। ଗିରଫ ହୋଇଥିବା ଡାକ୍ତରଙ୍କୁ ପଚରାଉଚରା କରାଯିବା ପ୍ରକ୍ରିୟାରେ ଏହା ଜଣାପଡ଼ିଥିଲା। କିନ୍ତୁ ସେ ଆତ୍ମଘାତୀ ଆକ୍ରମଣ କରିବାକୁ ମନା କରିଥିଲା। ଏହା ଇସଲାମ ଧର୍ମରେ ପାପ ବୋଲି ସେ କହିଥିଲା। ୨୦୨୩ ଅକ୍ଟୋବରରେ କୁଲଗାଁଓରେ ଜସିରକୁ ଏକ ମସଜିଦ୍‌ରେ ଏହି ଟେରର ମଡ୍ୟୁଲ ସହ ପରିଚିତ କରାଯାଇଥିଲା। ଏହାପରେ ଫରିଦାବାଦ୍‌ର ଅଲ ଫଲାହ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ା ଘରେ ତାକୁ ରଖାଯାଇଥିଲା। କିନ୍ତୁ ୨୦୨୫ ଏପ୍ରିଲ୍‌ରେ ସେ ଏହି ମଶନରୁ ଓହରିଯାଇଥିଲା। ଖରାପ ଆର୍ଥିକ ସ୍ଥିତି ଓ ଇସ୍‌ଲାମରେ ଆତ୍ମହତ୍ୟା ପାପର ଦ୍ୱାହି ଦେଇ ସେ ଓହରିଯାଇଥିଲା। ଏହାପରେ ଉମର ନିଜେ ଆତ୍ମଘାତୀ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲା। ଜସିରକୁ ଏନ୍‌ଆଇଏ ୧୦ ଦିନିଆ ବିଚାରବିଭାଗୀୟ ହେପାଜତକୁ ନେଇଛି।

ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ଫରିଦାବାଦ୍‌ସ୍ଥିତ ଅଲ ଫଲହା ବିଶ୍ୱବିଦ୍ୟାଳୟରେ ଚଢ଼ାଉ ଜାରି ରଖିଛି। ଆତଙ୍କବାଦ ମଡ୍ୟୁଲ ସହିତ ଜଡିତ ଡାକ୍ତର ନିସାର ଉଲ ହାସନର ଡାକ୍ତର ପତ୍ନୀ ଓ ଏମ୍‌ବିବିଏସ୍ କରୁଥିବା ଝିଅ ବିଶ୍ୱବିଦ୍ୟାଳୟ ପରିସରରେ ଗୃହବନ୍ଦୀ କରିଛି। ଏହାକୁ ବାଦ୍ ଦେଲେ ଏମ୍‌ବିବିଏସ୍‌ର ୧୦ ଜଣ ଛାତ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି ଓ ଏମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସର ବାହର ଯିବା ନେଇ ବାରଣ କରାଯାଇଛି। ମୋବାଇଲର କଲ୍ ଡିଟେଲ ରେକର୍ଡିଂ ଓ ଅନ୍ୟ ତଥ୍ୟଗୁଡିକର ଯାଞ୍ଚ କରାଯାଉଛି। ଡା ନିସାର ବିଶ୍ୱବିଦ୍ୟାଳୟ ମେଡିସିନ ବିଭାଗର ଫ୍ରେଫେସର ଅଛନ୍ତି। ନିସାର ଦିଲ୍ଲୀ ବିସ୍ଫୋରଣ ସହିତ ଜଡିତ ଡା ଉମର, ଡା ମୁଜମ୍ମିଲ ଶକିଲ ଓ ଡା ଶାହିନ ସଇଦର ସମ୍ପର୍କରେ ଥିଲେ। ବିସ୍ଫୋରଣ ପରେ ନାସିର ଫେରାର ହୋଇଯାଇଥିଲା। ପରେ ପଶ୍ଚିମବଙ୍ଗରେ ତାଙ୍କୁ ଯାଞ୍ଚ୍ ଏଜେନ୍ସି ଗିରଫ କରିଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନେଟ୍‌ୱର୍କ ଅଂଶ ଥିଲା ନାସିର।

# ଏସ୍‌ଆଇଆର୍‌କୁ ବିରୋଧ ବଢୁଛି

ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ବାରଟି ରାଜ୍ୟରେ ହେବାକୁ ଥିବା ସେସ୍ପିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କୁ ନେଇ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଏକ ବୈଠକ କରାଯାଇଛି। ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହୋଇଥିଲେ। ଏହି ବୈଠକରେ ଏସ୍‌ଆଇଆର ବିରୋଧରେ

- ଆସନ୍ତା ସପ୍ତାହରେ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ
- ଭୋଟରଙ୍କୁ ହଟାଇବା ପ୍ରୟାସକୁ ବିରୋଧ କରିବୁ: ଖଡ୍‌ଗେ
- ଭୋଟର ତାଲିକା ସମୀକ୍ଷାକୁ ତାମିଲନାଡୁର ବୟକଟ୍

ଦିଲ୍ଲୀର ରାମଲୀଳା ମୈଦାନରେ ରାଲି କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ସପ୍ତାହରେ ଏହି ରାଲି ହେବ। ଆଜିର ବୈଠକରେ କଂଗ୍ରେସ ନେତା କେସି ବେଣୁଗୋପାଳ, ସମ୍ବନ୍ଧିତ ରାଜ୍ୟର କଂଗ୍ରେସ ପ୍ରଭାରୀ, ପ୍ରଦେଶ ଅଧ୍ୟକ୍ଷ ଏବଂ କଂଗ୍ରେସର ବିଧାନ ପରିଷଦ ନେତା ତଥା ସେହି ରାଜ୍ୟଗୁଡିକର ସିଡବ୍ଲ୍ୟୁସି ସଦସ୍ୟ ଏବଂ ବରିଷ୍ଠ ନେତା ଉପସ୍ଥିତ ଥିଲେ।

ଏହି ବୈଠକରେ ଖଡଗେ କହିଥିଲେ ଯେ ଭୋଟର ତାଲିକାରୁ ନାମ ହଟାଇବାକୁ ଦିଆଯିବ ନାହିଁ। ଗଣତାନ୍ତ୍ରିକ ସଂସ୍ଥାରୁ ଜନତାଙ୍କ ବିଶ୍ୱାସ ହ୍ରାସ ପାଉଥିବାବେଳେ ନିର୍ବାଚନ କମିଶନ (ଇସି)ଙ୍କ ଏଭଳି ଆଚରଣ ଅତ୍ୟନ୍ତ ନୈରାଶ୍ୟଜନକ। ବିଜେପି ଛତ୍ରଛାୟାରେ ରହି କାମ କରୁନାହୁଁ ବୋଲି ଇସିଙ୍କ ପକ୍ଷରୁ କହିବା ଉଚିତ। ବିଜେପି ଭୋଟ ଚୋରି ପାଇଁ ଏସ୍‌ଆଇଆରକୁ ଅସ୍ତ୍ର କରିବାକୁ ପ୍ରୟାସ କରୁଛି। ଯଦି ଇସି ଏହାକୁ ଅଣଦେଖା କରନ୍ତି ତେବେ ଏହା ଚୁପ୍ ହୋଇ ବସିବା ସହ ସମାନ ହେବ। ପ୍ରକୃତ ଭୋଟରଙ୍କୁ ହଟାଇବାରେ ଏବଂ ଜାଲ୍ ଭୋଟରଙ୍କୁ ସାମିଲ କରାଇବାକୁ ହେଉଥିବା ପ୍ରତ୍ୟେକ ପ୍ରୟାସ ପର୍ଦ୍ଦାଫାସ କରାଯିବ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ପରେ କେରଳ ଏବଂ ତାମିଲନାଡୁରେ ଏସ୍‌ଆଇଆରକୁ ବିରୋଧ କରାଯାଉଛି। ତାମିଲନାଡୁର ବୁଥ୍ ଲେଭୁଲ ଅଫିସର (ବିଏଲଓ)ଙ୍କ ସହିତ ତହସିଲଦାର ସ୍ତରର ଅଧିକାରୀମାନେ ଏସ୍‌ଆଇଆରକୁ ବୟକଟ କରିବାକୁ ମଙ୍ଗଳବାର ଘୋଷଣା କରିଛନ୍ତି। ତାମିଲନାଡୁର ରାଜସ୍ୱ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି ଯେ କାର୍ଯ୍ୟଚାପ, କମ୍ ଲୋକ, ସମୟସୀମା ମଧ୍ୟରେ ସାରିବାର ଚାପ, ଅଧୁରା ପ୍ରଶିକ୍ଷଣ ଏବଂ ପାରିଶ୍ରମିକକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସେହିପରି କେରଳ ସରକାର ମଧ୍ୟ ସ୍ଥାନୀୟ ପୌର ନିର୍ବାଚନରେ ଏସ୍‌ଆଇଆର ସ୍ଥଗିତ ରଖିବାକୁ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ନିର୍ବାଚନ ସହିତ ଏସ୍‌ଆଇଆର କରାଇବା କାଠିକର ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଇସିଙ୍କ ସୂଚନା ଅନୁଯାୟୀ, ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏ ପର୍ଯ୍ୟନ୍ତ ୫୦.୧ କୋଟି ଏସ୍‌ଆଇଆର ଫର୍ମ ବଣ୍ଟା ଗଲାଣି।

# ଦିଲ୍ଲୀ ବିସ୍ଫୋରଣ ଚେର ବାଂଲାଦେଶକୁ ଲମ୍ବିଛି

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଯାଞ୍ଚ ଏବେ ବାଂଲାଦେଶରେ ପହଞ୍ଚିଛି। ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ବିସ୍ଫୋରଣ ସହିତ ବାଂଲାଦେଶର ଅଲ-କାଏଦାର ସମ୍ପର୍କ ଥିବା ଜାଣିବାକୁ ପାଇଛି। ଏନ୍‌ଆଇଏ ଅନସରୁଲ୍ଲା ବାଂଲା ଟମ୍ (ଏବିଟି)ର ଜଣେ ସଦସ୍ୟ ଇଖତାରକୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏବେ ଭାରତ ଓ ବାଂଲାଦେଶ ସୀମାରେ ଥିବା ଜିଲ୍ଲାଗୁଡିକ ଉପରେ ଏନ୍‌ଆଇଏ ନଜର ରଖିଛି। ଇଖତାର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ବିସ୍ଫୋରକ ଯୋଗାଇବାର ଅଭିଯୋଗ ହୋଇଛି। ଏଥିସହ ବିସ୍ଫୋରଣ ସହ ସୀମାପାରର ସମ୍ପର୍କ ରହିଛି ବୋଲି ଏନ୍‌ଆଇଏ ବିଶ୍ୱାସ କରୁଛି। ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଏହି ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ଏନ୍‌ଆଇଏ ଏହାକୁ ବେଶ୍ ଗୁରୁତ୍ୱ ଦେଉଛି। ପାକିସ୍ତାନର ଲସ୍କର-ଇ- ତୋହିବା ସହ ପଶ୍ଚିମବଙ୍ଗର ମାଲଦା ଓ ମୁର୍ସିଦାବାଦର ମୌଳବାଦୀମାନେ ଭିଡିଓ କନପରେନ୍ସରେ ଯୋଗାଯୋଗ କରିଥିଲେ। ବିସ୍ଫୋରଣର କିଛିଦିନ ପୂର୍ବରୁ ସୈଫୁଲ୍ଲା ସହ ଯୋଗାଯୋଗ ହୋଇଥିଲା। ସୈଫୁଲ୍ଲା ସହ ବାଂଲାଦେଶ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ହୋଇଥିଲା। ଫଳରେ ସୀମାପାର ମୌଳବାଦୀ ନେଟ୍‌ୱର୍କ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି।


# ହସିନାଙ୍କ ସମର୍ଥନରେ ବାଂଲାଦେଶ ବନ୍ଦ



- ଆୱାମୀ ଲିଗ୍‌ର ବନ୍ଦ ଡାକରା, ୟୁନୁସଙ୍କ ଇସ୍ତଫା ଦାବି

ଢାକା, ୧୮ ।୧୧(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ (ଆଇସିଟି) ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ସୋମବାର ସାରା ଦେଶରେ ବନ୍ଦ ଡାକରା ଦିଆଯାଇଛି। ହସିନାଙ୍କ ପାର୍ଟି ଆୱାମୀ ଲିଗ୍ ଏହି ବନ୍ଦ ଡାକରା ଦେଇଛି। ଆସିଟିର ରାୟକୁ ଆୱାମୀ ଲିଗ୍ ପ୍ରତ୍ୟାଖାନ କରିଛି। ଏଥିସହ ପାର୍ଟି ମଧ୍ୟବର୍ତ୍ତୀକାଳୀନର ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି। ଆଇସିଟିର ଏହି ନିଷ୍ପତ୍ତି ତଥା ରାୟ ଏକପାଖିଆ ଓ ପକ୍ଷପାତପୂର୍ଣ୍ଣ ବୋଲି ଆୱାମୀ ଲିଗ୍‌ର ନେତା ଜାହାଙ୍ଗୀର କବୀର ନାନକ ପାର୍ଟି ଫେସବୁକ୍ ପେଜ୍‌ରେ ଏକ ଭିଡିଓ ଜାରି କରି କହିଛନ୍ତି। କୋର୍ଟଙ୍କ କାର୍ଯ୍ୟ ଓ ପ୍ରକ୍ରିୟା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ମକଦ୍ଦମା ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ଓ ନଭେମ୍ବର ୧୭ରେ ଅନ୍ତିବ ରାୟ ଦିଆଯାଇଥିଲା ଓ ଏହା କିପରି ସମ୍ଭବ ବୋଲି ସେ କହିଛନ୍ତି। ମାତ୍ର ଦୁଇମାସ ମଧ୍ୟରେ କୋର୍ଟରେ ୨୦ ଦିନ ଶୁଣାଣି ହୋଇଥିଲା। ୮୪ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୫୪ଜଣଙ୍କୁ ଶୁଣାଣିରେ ସାମିଲ କରାଯାଇଥିଲା। ମୁଖ୍ୟ ବିଚାରପତି ଏକମାତ୍ର ହେବ ଅନୁପସ୍ଥିତ ଥିଲେ। ତେଣୁ କିପରି ଏହି ରାୟ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ହସିନାଙ୍କ ବିରୋଧରେ ଦିଆଯାଇଥିବା ଏହି ରାୟକୁ ବାଂଲାଦେଶ ଲୋକ ସ୍ୱୀକାର କରୁନାହାନ୍ତି ବୋଲି ସେ କହିଛନ୍ତି।

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୮।୧୧ (ଏଜେନ୍ସି): ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟଦେଇଛନ୍ତି। ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଡ଼ ନିର୍ଦ୍ଦେଶ ଦେଇ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ 'ପ୍ରାକୃତିକ ବିପର୍ଯ୍ୟୟ' ଘୋଷଣା କରିବାକୁ କହିଛନ୍ତି। ଏହା ଦ୍ୱାରା ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ, ପ୍ରାଶାସନିକ ଦାୟିତ୍ୱ ସ୍ପଷ୍ଟ ହେବ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଜରୁରୀ ସମ୍ବଳର ଉପଲବ୍ଧତା ବୃଦ୍ଧି ପାଇବ। ଜିମ୍ କାର୍ବେଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ସମ୍ବନ୍ଧିତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି ଆର ଗଭାଇ, ଜଷ୍ଟିସ ଏଜି ମସିହ ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ଖଣ୍ଡପୀଠ ସୋମବାର ଏହି ନିର୍ଦ୍ଦେଶ ଜାରି କରିଥିଲେ। ଜିମ୍ କାର୍ବେଟ ବେଧଡ଼କ ଗଛ କଟା ଏବଂ ବେଆଇନ ନିର୍ମାଣ କ୍ରମାଗତ ଭାବେ ଚିନ୍ତାର ପ୍ରସଙ୍ଗ ପାଲଟି ଥିଲା।

ଖଣ୍ଡପୀଠ ଜୋର ଦେଇ କହିଥିଲେ ଯେ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ରାଜ୍ୟଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟକରନ୍ତୁ। ଶୀଘ୍ର ଏ ନେଇ ବିଜ୍ଞପ୍ତି ଜାରି କରନ୍ତୁ। ଏହା ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବନ୍ୟଜନ୍ତୁ ସହ ସଂଘର୍ଷରେ ପ୍ରାଣ ହରାଉଥିବା ଲୋକଙ୍କୁ ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ (ସିଏସଏସ-ଆଇଡିଡବ୍ଲ୍ୟୁଏଚ୍) ଅଧିନରେ ୧୦ ଲକ୍ଷ ଟଙ୍କା ଦେବା ବାଧ୍ୟତାମୂଳକ। ସାରା ଦେଶରେ ଏହି ସହାୟତା ରାଶି ସମାନ ହେବା ଉଚିତ। ଏହା ପ୍ରଦାନରେ କୌଣସି ବିଳମ୍ବ କିମ୍ବା ପ୍ରାଶାସନିକ ଜଟିଳତା ନ ରହିବା ଉଚିତ।

ସୂଚନା ଅନୁଯାୟୀ ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟ ପୂର୍ବରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି। ଅନ୍ୟ ରାଜ୍ୟମାନଙ୍କୁ ତୁରନ୍ତ ଏପରି କରିବା ପାଇଁ କୋର୍ଟ କହିଛନ୍ତି। ସେହିପରି କୋର୍ଟ ମୂଲ୍ୟାଙ୍କନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ୬ ମାସ ମଧ୍ୟରେ ଏକ ମାର୍ଗଦର୍ଶିକା ଆଣିବାକୁ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟି (ଏନଟିସିଏ)ଙ୍କୁ କହିଛନ୍ତି। ଏ ନେଇ ଏନଟିସିଏ ରାଜ୍ୟଗୁଡ଼ିକ ଏବଂ ସେଣ୍ଟ୍ରାଲ ଏମ୍ପାୱାରଡ କମିଟି (ସିଇସି) ସହ ଆଲୋଚନା କରିବାରିବ। ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ କୋର୍ଟ ରାଜ୍ୟମାନଙ୍କୁ ୬ ମାସ ସମୟ ଦେଇଛନ୍ତି। ସେହିପରି ଏକ ଉଚ୍ଚ ସ୍ତରୀୟ କମିଟିର ପ୍ରସ୍ତାବକୁ କୋର୍ଟ ଗ୍ରହଣ କରିଛନ୍ତି। ଏହି କମିଟି ଫସଲ ହାନି, ପଶୁପାଳନ, ଆହତ ଏବଂ ମୃତ୍ୟୁ ସହିତ ଜଡ଼ିତ କ୍ଷତିକୁ ଭରଣା କରି କ୍ଷତିପୂରଣ ବ୍ୟବସ୍ଥାକୁ ଦକ୍ଷ, ସୁଗମ ଏବଂ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା। ରିଲିଫ ସହାୟତା ଦେବାରେ ବିଳମ୍ବ ହେଲେ ଜନତା ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇ ଥାଆନ୍ତି।

# ସାଉଦିକୁ ଏଫ୍-୩୫ ବିମାନ ବିକ୍ରି କରିବ ଆମେରିକା

ୱାଶିଂଟନ, ୧୮ ।୧୧(ଏଜେନ୍ସି): ସାଉଦି ଆରବକୁ ଆମେରିକା ଏଫ୍-୩୫ ବିମାନ ବ୍ରିକି କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏହି ବିମାନ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ସାମରିକ ବିମାନ ବିବେଚିତ ହେଉଛି। ଟ୍ରମ୍ପ ସାଉଦି ଆରବକୁ ଏକ ମହାନ ଭାଗୀଦାରି ବୋଲି କହିଛନ୍ତି। ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍) ମଙ୍ଗଳବାର ହ୍ୱାଇଟ୍ ହାଉସ୍ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆମେରିକା ବିମାନ ଦେବାକୁ ନିଷ୍ପତ୍ତି ନେଇଛି। ଗତ କେତତେବର୍ଷ ହେବ ସାଉଦି ଏଫ୍-୩୫ ବିମାନ କ୍ରୟ କରିବାକୁ ଚାହିଁ ଆସୁଛି। ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ପାଖରେ ଏହି ବିମାନ ରହିଛି। ଆମେରିକୀୟ ସାଂସଦ ଚାହିଁଲେ ଏହି ବିମାନ କିଣାବିକା ପ୍ରକ୍ରିୟାକୁ ରୋକିପାରିବେ। କିନ୍ତୁ ସାଧାରଣତଃ ଏହା ହୋଇନଥାଏ। ଏଫ୍-୩୫ ୫ମ ପୀଢ଼ିର ଫାଇଟର ଜେଟ୍ ବିବେଚିତ ହେଉଛି। ଏହାକୁ ଲକ୍‌ହିଡ୍ ମାର୍ଟିନ କମ୍ପାନୀ ତିଆରି କରିଛି। ୨୦୦୬ରୁ ଏହି ବିମାନ ତିଆରି କରିବା ପ୍ରକ୍ରିୟା ଆରମ୍ଭ ହେଉଛି। ୨୦୧୫ରେ ଏହାକୁ ଆମେରିକା ବାୟୁସେନାରେ ସାମିଲ କରାଯାଇଥିଲା। ପେଣ୍ଟାଗନ ଇତିହାସରେ ଏହା ସବୁଠାର ଦାମୀ ବିମାନ। ଏଫ୍-୩୫ର ୩ଟି ଭେରିଆଣ୍ଟ ରହିଛି ଓ ଏଗୁଡିକର ମୂଲ୍ୟ ୭୦୦ରୁ ଆରମ୍ଭ କରି ୯୪୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ପୁଣି ଏଫ୍-୩୫କୁ ଅପରେଟ୍ କରିବା ପାଇଁ ପ୍ରତିଘଣ୍ଟା ୩୧. ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।

ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଦୁର୍ନୀତି ଓ ଅପାରଗତାକୁ ପ୍ରଶ୍ରୟ ଦିଅନାହିଁ

ଭୁବନେଶ୍ୱର,୧୮।୧୧(ସମିସ): ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ତେଣୁ ଅବହେଳା, ଦୁର୍ନୀତି ଓ ଅପାରଗତାକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।




ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ଜିଲ୍ଲାପାଳମାନେ ପ୍ରଦାନ କରନ୍ତୁ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରାଯିବା ଆବଶ୍ୟକ। ସେହିପରି ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ପ୍ରତି ତିନି ଚାରି ମାସରେ ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୋଧରେ ଧରପଗଡ଼କୁ ଅଧିକ

- ■ ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି
- ■ ପ୍ରତି ୩-୪ ମାସରେ ଯୋଜନାର ଅଗ୍ରଗତି ସମୀକ୍ଷା

କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ ଓ ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବାନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

ଧାନ କାଟିଲେଣି ଚାଷୀ

# ଏ ଯାଏଁ ହେଲାନି ସାଟେଲାଇଟ୍ ସର୍ଭେ

ପୁରୀ,୧୮।୧୧(ସମିସ): ପୁରୀ ଏକ କୃଷିବହୁଳ ଜିଲ୍ଲା। ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରିଥାନ୍ତି। ଅନେକ ପରିବାରର ମୁଖ୍ୟ ଆୟ ଧାନ ଚାଷ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏମିତି କିଛି ପରିବାର ରହିଛନ୍ତି ଯେଉଁମାନେ ବର୍ଷକୁ ଥରେ ଧାନ ଅମଳ କରି ନିଜେ ଖାଇବା ପାଇଁ ସାଇତି ରଖି ବଳକା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ସରକାରୀ ବାବୁ ଏଭଳି ବାସ୍ତବତାକୁ କିନ୍ତୁ ବୁଝିବା ଅବସ୍ଥାରେ ନାହାନ୍ତି। ଚାଷ ଓ ଚାଷୀଙ୍କ ପ୍ରତି ସେମାନେ ନିୟମିତ ଅବହେଳା କରିଆସୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାରେ ପ୍ରାୟ ସପ୍ତାହେ ହେବ ଧାନକଟା ଆରମ୍ଭ ହେଲାଣି। ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଫସଲ ବି ଭଲ ହୋଇଛି। ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧାନକୁ କିଭଳି ମଣ୍ଡିରେ ବିକ୍ରି କରିବେ, ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି। କାରଣ ଏଯାଏଁ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରି ନ ଥିବା ଜଣାପଡ଼ିଛି। କେବଳ ପଞ୍ଜୀପକରଣ କାମ ସାରି ବସି ପଡ଼ିଛି ବିଭାଗ।

ବିଭିନ୍ନ କୃଷି ସମବାୟ ସମିତି ଜରିଆରେ ଧାନ କିଣିବାକୁ ଦୀର୍ଘ ଦିନ ହେଲା ପଞ୍ଜୀକରଣ ସରିଥିଲେ ବି ଅନ୍ୟାନ୍ୟ ପ୍ରକ୍ରିୟା ଆଦୌ ଆରମ୍ଭ ହୋଇନାହିଁ। ଫଳରେ ମଣ୍ଡି ଖୋଲିବା ତ ବିଳମ୍ବ ହେବ, ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପାଇବା କଥା, ତାହା ଆଉ ପାଇବେ ନାହିଁ। ଅନ୍ୟପକ୍ଷରେ, କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ। ଏଭଳି ଆଶଙ୍କା ଦେଖାଦେଇଛି।

ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇରୁ ଚାଷୀ ପଞ୍ଜୀକରଣ କରାଗଲାଣି। ଅଗଷ୍ଟ ୨୫ରୁ ପଞ୍ଜୀକରଣ କାମ ଶେଷ ହୋଇଥିଲେ ବି ଆଜିଯାଏଁ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାମ ଶେଷ ହୋଇନାହିଁ। ଭାଲିଡେସନ ପରେ ସାଟେଲାଇଟ୍ ସର୍ଭେ କରାଯିବା କଥା।



- ■ ଧାନ ବିକିବାରୁ ବଞ୍ଚିତ ହେବେ ଚାଷୀ
- ■ ଟାର୍ଗେଟ ପରିମାଣ ହ୍ରାସ ଆଶଙ୍କା

ସାଟେଲାଇଟ୍ ସର୍ଭେ ପରେ କୃଷି ସେବା ସମବାୟ ସମିତି ଲ୍ୟାମ୍ପସ୍, ପାକ୍ସସ୍ତରରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବା କଥା। ଏହା ପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଟାର୍ଗେଟ ଦିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇ ନଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କଣାସ, ପିପିଲି, ନିମାପଡ଼ା ଆଦି ବ୍ଲକରେ ପ୍ରାୟ ସପ୍ତାହେ ହେବ ଧାନ କଟା ଆରମ୍ଭ ହେଲାଣି। ପାଖାପାଖି୩୦ପ୍ରତିଶତ ଧାନକଟା ହେଲାଣି। ଆଉ ସପ୍ତାହକ ପରେ ୫୦ ପ୍ରତିଶତ ଧାନ କଟା ସରିଥିବ। ଏପରିସ୍ଥଳେ ସାଟେଲାଇଟ୍ ସର୍ଭେ କଲେ ଜମିରେ ତ ଧାନ ନ ଥିବ, କି ରିପୋର୍ଟ ଯିବ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଡିସେମ୍ବର ୨୦ ମଧ୍ୟରେ ମଣ୍ଡି ଖୋଲିବାର ଆକଳନ କରାଯାଉଥିଲେ ହେଁ ସେତେବେଳକୁ ସମସ୍ତ ପ୍ରକ୍ରିୟା ସାରିବାକୁ ହାତରେ ସମୟ ମଧ୍ୟ ନ ଥିବ। ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି। ଏଥିରେ ଚାଷୀ ଉପଯୁକ୍ତ ଟାର୍ଗେଟ ପାଇବା ଓ ଧାନ ବିକିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସରକାର ଗତବର୍ଷଠାରୁ ଇନ୍‌ପୁଟ୍ ସବ୍‌ସିଡି ମିଶାଇ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିଛନ୍ତି। ଚଳିତବର୍ଷ ମଧ୍ୟ ସେହିପରି ଧାନ କିଣାଯିବ। ଚଳିତବର୍ଷ ଚାଷରୁ ଭଲ ଦି' ପଇସା ରୋଜଗାର କରିବା ଆଶାରେ କିଛି ବି ଜମି ପଡ଼ିଆ ନ ରଖି ଚାଷୀ ଚାଷ କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ ଜମିରେ ଧାନ ଫସଲ ହୋଇଛି। ଉତ୍ତମ ପାଣିପାଗ ଯୋଗୁଁ ଜିଲ୍ଲାରେ ଭଲ ଫସଲ ବି ହୋଇଛି। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କିଛି ଧାନ ନଷ୍ଟ ହୋଇଥିବାବେଳେ ଚଳିତବର୍ଷ ସୁରୁଖୁରୁରେ ଅମଳ ହେବା ଆଶା କରାଯାଉଛି। ତେଣୁ ସରକାର ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟ ରଖି ମଣ୍ଡି ପ୍ରକ୍ରିୟା ବିଳମ୍ବିତ କରୁଥିବା ମଧ୍ୟ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହେଲାଣି।

# ବିଧାନସଭା ପରିଦର୍ଶନ କଲେ ୧୨ଟି ଦେଶର ୪୦ ଜଣ ପ୍ରତିନିଧି

ଭୁବନେଶ୍ୱର,୧୮।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଲୋକସଭା ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ) ପକ୍ଷରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ମଙ୍ଗଳବାର ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟପ୍ରଣାଳୀ ଏବଂ ବିଧି ବ୍ୟବସ୍ଥା ବାବଦରେ ଅବଗତ ହୋଇଛନ୍ତି। ବିଧାନସଭା ସଚିବାଳୟ ସମ୍ମିଳନୀ କକ୍ଷରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉଦଘାଟନ କରିଥିଲେ। ଉପସ୍ଥିତ ପ୍ରତିନିଧିମାନଙ୍କୁ ବାଚସ୍ପତି ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ



ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ ହୋଇପାରିଛି। ଏତଦ୍‌ବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ଦ୍ୱାରା ସମସ୍ତ କାର୍ଯ୍ୟକୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବାଚସ୍ପତି ଏହି ଅବସରରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓଡ଼ିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମକୁ ଆହୁରି ନିବିଡ଼ କରିବା ପାଇଁ ଡ. ମହାଲିଙ୍ଗ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ବିଧାନସଭାର ଗବେଷଣା ନିର୍ଦ୍ଦେଶକ ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ପ୍ରାଇଡର ନିର୍ଦ୍ଦେଶକ ଏବଂ ବିଧାନସଭାର ଅଧିକାରୀମାନେ ଉପସ୍ଥିତ ଥିଲେ।

ବହୁଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲା

# ପରିବାରର ୫ ଜଣଙ୍କୁ ଆଜୀବନ ସଜା

ରାୟଗଡ଼ା, ୧୮।୧୧(ସମିସ): ୨୦୧୪ ମସିହାରେ ରାୟଗଡ଼ା ସହରରେ ସଂଘଟିତ ବହୁ ଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଗୋଟିଏ ପରିବାରର ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲରେ ରହିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲେ, ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍। ୧୪ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଦୀର୍ଘ ୧୧ବର୍ଷ ପରେ ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୧୪ ଅଗଷ୍ଟ ୯ ରେ ରାୟଗଡ଼ା ସହରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ ଖଲାସି ରୂପେ କାର୍ଯ୍ୟ କରୁଥିବା ବୁଦୁରାବଲାସାର କେ. ଆପଲା ନାରାୟଣଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ ନେଇ ଉଦୟପ୍ଲାଜା ସିନେମା ହଲ ନିକଟରେ କୁକୁଡ଼ା ଫାର୍ମଠାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ମୃତକଙ୍କ ସମ୍ପର୍କୀୟ ଏ. ରାବଣା ରାୟଗଡ଼ା ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ଏହି ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ କିଶୋର-ଅଶୋକ

ଜିଲ୍ଲାରେ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ ଓ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ଦେଲେ ପ୍ରସ୍ତାବ

ବାରିପଦା, ୧୮ ।୧୧(ସମିସ): ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପ୍ରଫେସର କିଶୋର ବସା ଏବଂ ତାଙ୍କ ଭାଇ ତଥା ବିଶ୍ୱ ଯନ୍ତ୍ରୀ ମହାସଂଘ (ଡବ୍ଲ୍ୟୁଇଏଫଓ)ର ରଣନୈତିକ ଯୋଜନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ କାର୍ଯ୍ୟନିର୍ବାହୀ ଉପସଭାପତି ଓ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ପୂର୍ବତନ ସଭାପତି ଇଞ୍ଜିନିୟର୍ ଅଶୋକ



ବସା ମଙ୍ଗଳବାର ଅପରାହ୍ଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ସାକ୍ଷାତ ସମୟରେ ପ୍ରଫେସର୍ କିଶୋର ଓଡ଼ିଶାର ସାଂସ୍କୃତିକ ଓ ଆଦିବାସୀ ବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସେ ରାଇରଙ୍ଗପୁରଠାରେ ଏକ ଜାତୀୟ ଆଦିବାସୀ ବିକାଶ ପ୍ରତିଷ୍ଠାନ(ଏନ୍ଆଇଟିଡି) ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ରାଇରଙ୍ଗପୁର ଓଡ଼ିଶା ସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବହୁସଂଖ୍ୟକ ଆଦିବାସୀ ଜନଗୋଷ୍ଠୀ କେନ୍ଦ୍ରୀଭୂତ ହୋଇଥିବାରୁ ଏହା ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରତିଷ୍ଠାନକୁ ହାଇଦରାବାଦର ଜାତୀୟ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଆଦର୍ଶରେ ଗଢ଼ି ତୋଳାଯାଇପାରିବ ବୋଲି ପ୍ରଫେସର୍ ବସା ମତପ୍ରକାଶ କରିଥିଲେ। ସେହିଭଳି ବାରିପଦାଠାରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଏକ ଜାତୀୟ ଝୁମର କେନ୍ଦ୍ର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଝୁମର ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ସମନ୍ୱୟର ପ୍ରତୀକ ବୋଲି ସେ କହିଥିଲେ। ଏହାଛଡ଼ା ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ଭେ(ଏଏସଆଇ) ଅଧୀନକୁ ଅଣାଯାଉ ବୋଲି ସେ ନିବେଦନ କରିଥିଲେ।

- ■ ଖିଚିଂର ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟକୁ ଏଏସଆଇ ଅଧୀନକୁ ଅଣାଯାଉ
- ■ ୱାଟର ଆକ୍ସନ ଡିକେଡ୍ ୨୦୧୮-୨୮ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ

ଅନ୍ୟପଟେ ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ଉପରେ ଗୁରୁତ୍ୱ ଦେଇ ଜାତିସଂଘଙ୍କ ଦ୍ୱାରା ଘୋଷିତ "ୱାଟର ଆକ୍ସନ ଡିକେଡ୍ ୨୦୧୮-୨୦୨୮' ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି ୬,୧୧,୧୩ ଓ ୧୪)ରେ ଜଳର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ୨୦୩୦ ସୁଦ୍ଧା ଜଳ ଚାହିଦା ଯୋଗାଣର ଦ୍ୱିଗୁଣିତ ହେବ ଏବଂ ୨୦୫୦ ସୁଦ୍ଧା ଦେଶର ଜିଡିପିର ୬ପ୍ରତିଶତ ହ୍ରାସ ହେବାର ଆଶଙ୍କା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରି ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରି ଜଳ ନୀତିକୁ ପୁନର୍ଗଠନ କରିବାକୁ ସେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଏକ ବିସ୍ତୃତ ଟିପ୍ପଣୀ ମଧ୍ୟ ଇଞ୍ଜିନିୟର ବସା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ହିତରେ ନିଜ ନିଜ ମତାମତ ବ୍ୟକ୍ତିଗତ ଭାବେ ରଖିବାର ସୁଯୋଗ ଦେଇଥିବାରୁ ଉଭୟ ଯମଜ ଭାଇ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଜଳପ୍ରପାତରେ ଭାସିଗଲେ ଦୁଇ ଛାତ୍ର

ଖଇରପୁଟ, ୧୮ ।୧୧ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଗୁମ୍ମାଝରଣ ଜଳପ୍ରପାତରେ ଆଜି ଏକ ଅଘଟଣ ଘଟିଛି। ଏଠାକୁ ବୁଲି ଆସିଥିବା ଦୁଇଜଣ ପର୍ଯ୍ୟଟକ ଗାଧୋଇବା ବେଳେ ଜଳପ୍ରପାତରେ ଭାସି ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଜେ. ଶ୍ରୀକାନ୍ତ ଓ ଲିଙ୍ଗରାଜ ମହାପାତ୍ର।



ସେମାନଙ୍କ ଘର ଜୟପୁରରେ ବୋଲି ସୂଚନା ମିଳିଛି। ଦୁହେଁ ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର ଛାତ୍ର। ମାଥିଲି ଦମକଳ ବାହିନୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

ସୂଚନା ଅନୁଯାୟୀ, ଶ୍ରୀକାନ୍ତ ଓ ଲିଙ୍ଗରାଜଙ୍କ ସମେତ କିଛି ଯୁବକ ଆଜି ଏହି ଜଳପ୍ରପାତ ନିକଟକୁ ବଣଭୋଜି କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଗାଧୋଉଥିବା ବେଳେ ଜଳପ୍ରପାତର ସ୍ରୋତରେ ଭାସି ଯାଇଥିଲେ। ଦୁଇଜଣ ପହଁରିପହଁରି ଫେରିଆସିଥିବା ବେଳେ ଶ୍ରୀକାନ୍ତ ଓ ଲିଙ୍ଗରାଜ ନିଖୋଜ ହୋଇଯାଇଥିଲେ।


# ଧିମେଇଛି ରାଜ୍ୟ ସ୍କଲାରସିପ୍ ପୋର୍ଟାଲ୍

ଆବେଦନରୁ ବହୁ ଛାତ୍ରଛାତ୍ରୀ ବଞ୍ଚିତ ହେବାର ଆଶଙ୍କା

ଭୁବନେଶ୍ୱର, ୧୮ ।୧୧ (ସମିସ): ରାଜ୍ୟ ସ୍କଲାର୍‌ସିପ୍ ପୋର୍ଟାଲ୍‌ରେ ଛାତ୍ରବୃତ୍ତି ଆବେଦନ ସମୟରେ ଧୀମା ହେଉଛି। ଗୋଟିଏ ସାର୍ଟିଫିକେଟ୍ ଅପଲୋଡ୍ କରିବା ମଧ୍ୟରେ ସ୍ୱତଃ ଲଗ୍‌ଆଉଟ୍ ହୋଇଯାଉଛି। ଫଳରେ ଆବେଦନକାରୀ ଆଉ ଆଗକୁ ବଢ଼ି ପାରୁ ନାହାନ୍ତି। ପୁଣିଥରେ ମୂଳରୁ ଆରମ୍ଭ କରୁଛନ୍ତି। ଏପରିକି ବହୁ ଛାତ୍ରଛାତ୍ରୀ ଦିନ ତମାମ୍ ପ୍ରୟାସ କରିବା ପରେ ମଧ୍ୟ ଆବେଦନ କରିବାରେ ସଫଳ ହେଉ ନ ଥିବା ଅଭିଯୋଗ କରୁଥିବାରୁ ଛାତ୍ରବୃତ୍ତି ଆବେଦନରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ପୋଷ୍ଟ ମାଟ୍ରିକ୍ ସ୍କଲାରସିପ୍ ଆବେଦନ ସମୟରେ ଗୋଟିଏ ପୃଷ୍ଠାର ତଥ୍ୟ ପୂରଣ କରିବା ପରେ ଅନ୍ୟ ପୃଷ୍ଠାକୁ ଯିବା ପାଇଁ ବହୁ ସମୟ ଲାଗୁଛି। ଏପରିକି ଅଧିକାଂଶ ସମୟରେ ଅନ୍ୟ ପୃଷ୍ଠାକୁ ଯିବା ପୂର୍ବରୁ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ହୋଇ ଯାଉଛି। ଡକ୍ୟୁମେଣ୍ଟ ଅପଲୋଡ୍ କରିବା ପାଇଁ ସବୁଠାରୁ ବେଶି ସମସ୍ୟା ସୃଷ୍ଟି ହେଉଛି। ଅନୁରୂପ ଭାବେ ଇ-ମେଧାବୃତ୍ତି ଓ ଅନ୍ୟ ସମସ୍ତ ଆବେଦନ ସମୟରେ ସମାନ ଧରଣର ସମସ୍ୟା ସୃଷ୍ଟି ହେଉଥିବା ଛାତ୍ରଛାତ୍ରୀମାନେ ସ୍କ୍ରିନ୍‌ସଟ୍ ସହିତ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଗତମାସ ୨୪ ତାରିଖ ଠାରୁ ପ୍ରାୟ ୩ଦିନ ପର୍ଯ୍ୟନ୍ତ ଏହି ୱେବସାଇଟ୍ ସମ୍ପୂର୍ଣ୍ଣ ଭାବେ କ୍ରାସ୍ ହୋଇଯାଇଥିଲା। ମୂଳରୁ ୱେବସାଇଟ୍ ନ ଖୋଲିବାରୁ ଆବେଦନରୁ ବଞ୍ଚିତ ବହୁ ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ତଦନୁଯାୟୀ ଆବେଦନ ଅବଧି ବୃଦ୍ଧି କରାଯାଇଥିଲା। ହେଲେ ବାରମ୍ବାର ସମାନ ସମସ୍ୟାର ପୁନରାବୃତ୍ତି ହେଉଥିବାରୁ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୋର୍ଟାଲ୍ ପାଇଁ ଉଦ୍ଦିଷ୍ଟ ସହାୟତା ନମ୍ବରରେ ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁ ନଥିବାରୁ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହାସହ ଆବେଦନ ଅବଧି ସରିବା ପୂର୍ବରୁ ୱେବସାଇଟ୍‌କୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି।



## ପାଣିକୋଇଲି ଟ୍ରାଫିକ ସମସ୍ୟାର ସୁଧାର ପାଇଁ ପଦକ୍ଷେପ

# ଜବରଦଖଲ ଉଚ୍ଛେଦ ପୂର୍ବରୁ ଜାତୀୟ ରାଜପଥ କଡ଼ରୁ ମାପ

ପାଣିକୋଇଲି,୧୮।୧୧(ସମିସ)

ପାଣିକୋଇଲି ଛକରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି। ତ୍ରୁଟିପୂର୍ଣ୍ଣ ଯାତାୟତ ବ୍ୟବସ୍ଥା ଓ ଟ୍ରାଫିକ ନିୟନ୍ତ୍ରଣ ନ ଥିବାରୁ ଦୈନିକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ପରିବହନ ବିଭାଗ ଶୂନ ମୃତ୍ୟୁହାର ସପ୍ତାହ ପାଳନ କରୁଥିବା ବେଳେ ଅନ୍ୟପଟେ ଟ୍ରାଫିକ ସୁଧାର ଦିଗରେ ନିରବତା ଅବଲମ୍ବନ କରଉଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୧୬ ଓ ୨୦ ମିଶ୍ରଣସ୍ଥଳୀ ପାଣିକୋଇଲି ବଜାର ମଧ୍ୟ ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ମଟର ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ବହୁ ଧନଜୀବନ ଅକାରଣରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗତ ଅକ୍ଟୋବର ୨୩ ତାରିଖ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ପ୍ରଶାସନିକ



ଅଧିକାରୀ ପାଣିକୋଇଲି ବଜାର ପରିଦର୍ଶନ କରିବା ସହିତ ଯଥାଶୀଘ୍ର ଜବର ଦଖଲ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି ସୂଚନା ଦେଇଥିଲେ। ଏ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୧୭ ତାରିଖ ଉଭୟ ରାଜପଥର ପଥରପଦା ଓ ଅଳତିରି ମୌଜାର କଡ଼କୁ ରାଜପଥ ସମ୍ପ୍ରସାରଣ ପାଇଁ ମାପ କରାଯାଇ ସରକାରୀ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ କରିଥିଲେ। ତେବେ ଏ ନେଇ ୨ ଦିନ ହେବ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ରାଜପଥ ବିଭାଗର ରାଜସ୍ୱ ଅଧିକାରୀ ଶୈଳେନ୍ଦ୍ର ମହାନ୍ତି, ରାଜପଥ ବିଭାଗର ରାଜସ୍ୱ ନିରୀକ୍ଷକ ଗୋବିନ୍ଦ ସ୍ୱାଇଁ, ତହସିଲର ରାଜସ୍ୱ ସୁପରଭାଇଜର ଧନେଶ୍ୱର ସାହୁ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କାଟେ ପୁର୍ତୀ, ଅମୀନ ବିକାଶ ରାଉତ, ଅକ୍ଷୟ ପାଢୀ ସମେତ ପାଣିକୋଇଲି ବଜାରର କଟକ ବସ୍‌ଷ୍ଟପ ପଟକୁ ମାପଚୁପ କରିଥିଲେ। ୧୭ ତାରିଖ ଅଳତିରି ମୌଜା ମାପ କରାଯାଇଥିବା ବେଳେ ଆଜି ପଥରପଦା ମୌଜାର ପାଣିକୋଇଲି ଥାନା ଠାରୁ ବଜାର ରଞ୍ଜନ ସୁଇଟ୍ସ ପର୍ଯ୍ୟନ୍ତ ମାପ କରାଯାଇଛି। ଆହୁରି ଦୁଇ ଦିନ ମାପ ଚାଲିବ ବୋଲି ସୂଚନା ମିଳିଛି।। ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତିଙ୍କ ନେତୃତ୍ୱରେ ଏଏସଆଇ ନିର୍ମଳ ରାଉତଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ଥିଲେ। ଅପରପକ୍ଷେ ମାପଚୁପ ପରେ ବଜାର ଦୋକାନ କରି ଗୁଜୁରାଣ ମେଂଟାଉଥିବା ଉଠା ଦୋକାନୀମାନଙ୍କ ମଧ୍ୟରେ ଆତଙ୍କ ବୃଦ୍ଧି ପାଇଛି। ଜବିକା ହରାଇବାର ଭୟ ଘାରିଛି। ଉଠା ଦୋକାନୀମାନଙ୍କୁ ହଟାଇବା ପୂର୍ବରୁ ସେମାନଙ୍କ ପାଇଁ ସ୍ଥାଛି ବନ୍ଦୋବସ୍ଥ କରାଇବାକୁ ସାଧାରଣରେ ଦାବି ହୋଇଛି।

## ପାଣିକୋଇଲି ପୁଲିସ ପକ୍ଷରୁ ବାଂଲାଦେଶୀ ଚିହ୍ନଟ ପକ୍ରିୟା ଆରମ୍ଭ



ପାଣିକୋଇଲି,୧୮।୧୧(ସମିସ): ସାରା ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଉକ୍ତ ଅନୁପ୍ରବେଶକାରୀ ମାନେ ରାଜ୍ୟର ଢିଲା ଆଇନଶୃଙ୍ଖଳା ବ୍ୟବସ୍ଥାର ଗଳାବାଟ ମଧ୍ୟ ଦେଇ ଚୋରି ଡକାୟତି, ହତ୍ୟା, ଦୁଷ୍କର୍ମ ଭଳି ସଙ୍ଗୀନ ଅପରାଧ କରି ପୁଣି ନିଜ ଦେଶକୁ ଫେରାର ହେଇଯାଉଛନ୍ତି। କେନ୍ଦୁଝର ଜିଲ୍ଲାରେ ଏକ ଦିବ୍ୟାଙ୍ଗ ଆଦିବାସୀ ସଂପ୍ରଦାୟର ନାବାଳିକାକୁ ଜଣେ ମୁସଲିମ ସଂପ୍ରଦାୟର ବାଂଲାଦେଶୀ ଅନୁପ୍ରବେଶକାରୀ ଦୁଷ୍କର୍ମ କରିବା ପରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ଲାଗି ରାଜ୍ୟର ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶ ବଳରେ ଯାଜପୁରର ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ସବଇନିସପ୍ଟେର ପ୍ରଶାନ୍ତ କୁମାର ଦାଶ, ଏଏସଆଇ ସୋମନାଥ ରାଉତ, ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦଶ ଜଣଙ୍କୁ ଥାନାରେ ଅଟକ ରଖିଥିଲେ। ପରେ ସେମାନଙ୍କର ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ଜଣାଇବା ସହିତ ଯଦି ଥାନା ଅଞ୍ଚଳରେ କୌଣସି ବ୍ୟକ୍ତିଙ୍କୁ ସ୍ଥାନୀୟ ବ୍ୟକ୍ତି ମାନେ ସନ୍ଦେହ କରନ୍ତି ତେବେ ୯୯୩୮୨୦୨୯୯୫ ନମ୍ବରରେ କିମ୍ବା ୧୦୦ରେ ଜଣାଇବାକୁ ଥାନାଧିକାରୀ ଶ୍ରୀ ମହାନ୍ତି ସ୍ଥାନୀୟ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## କୋରେଇ କଲେଜ ପରିସର ଅଶାନ୍ତ

# ମୋବାଇଲ ମେସଜକୁ ନେଇ ଛାତ୍ର ଗଣ୍ଡଗୋଳ

### ବନ୍ଧୁକ ଦେଖାଇ ଦୁଇ ଅଣଛାତ୍ର ଅଟକ

କୋରେଇ,୧୮।୧୧(ସମିସ): ଯାଜପୁର ଜିଲ୍ଲା କୋରେଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ। ବନ୍ଧୁକ ଦେଖାଇ ଛାତ୍ରଙ୍କୁ ଧମକ ଦେବାର ଅଭିଯୋଗ। ଥାନାରେ ଦୁଇ ଆଣଛାତ୍ର ଅଟକ ଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର। ଖବର ମୁତାବକ କାହ୍ନୁଚରଣ ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ କିଛି ଛାତ୍ର ଛିଡା ହୋଇ ପରସ୍ପର ମଧ୍ୟରେ ମୋବାଇଲ୍ ମେସଜକୁ ନେଇ ଯୁକ୍ତିତର୍କ ଲାଗିଥିଲେ। ଏହି ସମୟରେ ଗୋଟିଏ ପକ୍ଷର ଛାତ୍ର ଅନ୍ୟ ପକ୍ଷର ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଯାହାର ଫଳ ସ୍ୱରୂପ ଆକ୍ରମଣ ହୋଇଥିବା ଛାତ୍ର କିଛି ଅଣଛାତ୍ରଙ୍କୁ ଡକାଇଥିଲେ। ଅଣଛାତ୍ରମାନେ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଙ୍କୁ ମାରଧର କରିବା ସହ ବନ୍ଧୁକ ଦେଖାଇ ଧମକ ଦେଇଥିବାର କିଛି ଛାତ୍ର ପ୍ରକାଶ କରିଛନ୍ତି। ଖବର ପାଇ କଲେଜ ଅଧକ୍ଷ କୋରେଇ ପୁଲିସକୁ ଜଣାଇବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣ ଅଣଛାତ୍ରଙ୍କୁ ଥାନାକୁ ନେଇଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। କୋରେଇ ପୁଲିସ ଉଭୟ ପକ୍ଷଙ୍କୁ ପଚାରାଉଚରା କରୁଥିବା ବେଳେ ଅଟକ ଥିବା ଅଣଛାତ୍ରମାନେ ବନ୍ଧୁକ ଦେଖାଇ ନଥିବା କହୁଥିଲେ ବି କଲେଜ ଛାତ୍ରମାନେ ବନ୍ଧୁକ ଦେଖାଇ ଥିବା କଥା ପ୍ରକାଶ କରୁଛନ୍ତି। ଅପରପକ୍ଷେ କଲେଜ କ୍ୟାମ୍ପସ ମଧ୍ୟକୁ ମୋବାଇଲ ବ୍ୟାନ ଥିବା ସତ୍ତ୍ୱେ ଏହି ଘଟଣାରେ ସଂପୃକ୍ତ ଥିବା ଛାତ୍ରମାନେ ମୋବାଇଲ୍ ଆଣିଥିବାରୁ ସେମାନଙ୍କୁ କଲେଜରେ ଚାଲିଥିବା ଇଣ୍ଟରନାଲ ପରୀକ୍ଷା ଓ କ୍ଲାସରୁ ସସପେଣ୍ଡ କରାଯାଇଥିବା କଲେଜ ଅଧକ୍ଷ ପ୍ରକାଶ କରିଛନ୍ତି।

# ସୁରଭି ପ୍ରତିଯୋଗିତାରେ ପ୍ରଥମ ବିରାଜିତାଙ୍କୁ ସମ୍ବର୍ଦ୍ଧନା

ବିଞ୍ଝାରପୁର,୧୮।୧୧(ସମିସ): ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଜୁନିୟର ବିଭାଗର କୁଇଜରେ ପ୍ରଥମ ସ୍ଥାନ ସହ ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିରାଜିତା କରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଞ୍ଝାରପୁର ଶିକ୍ଷାମଣ୍ଡଳ ଅଧୀନସ୍ଥ ଅରେଇସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ସିଆର୍‌ସିସି ରଶ୍ମିରଞ୍ଜନ ଧଳ, ପୂର୍ବତନ ପ୍ରଧାନଶିକ୍ଷକ ରବି ନାରାୟଣ ନାୟକ, ପ୍ରଧାନଶିକ୍ଷକ ଚନ୍ଦ୍ରମଣି ନାୟକ, ଶିକ୍ଷକ ସେକ୍ ମହମ୍ମଦ ଦାଉଦ, ସେକ୍ ମହମ୍ମଦ ଉଦଦ, ସସ୍ମିତା ସାହୁ, ଜାନକୀ ଦାସ, ଦେବେନ୍ଦ୍ର ନାୟକ ସମେତ ବିଦ୍ୟାଳୟ



ପରିଚାଳନା କମିଟିର ସଭାପତି ଶ୍ରୀକାନ୍ତ ମଲ୍ଲିକ ପରିଚାଳନା କମିଟିର ସଭ୍ୟ ଦିଲିପ୍ ମିଶ୍ର, ଅଭିରାମ ପଣ୍ଡା, ସତ୍ୟରଞ୍ଜନ ମଲ୍ଲିକ, ଉପସଭାପତି ସସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଛିଣ୍ଡା ଖରସ୍ରୋତା ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ




କୁଆଖିଆ,୧୮।୧୧(ସମିସ): ଛିଣ୍ଡା ଖରସ୍ରୋତା ନଦୀର ପୁନରୁଦ୍ଧାର ପାଇଁ ଦୀର୍ଘ ଲଢେଇ ପରେ ସରକାରଙ୍କ ନିଦ ଭାଙ୍ଗିଛି ଓ ଆଜି ଏଥିପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ଖରସ୍ରୋତା ନଦୀର ଡାହାଣ ପାଶ୍ୱର୍ ବନ୍ଧ ଉପରେ ଟିକରପଡା ଜଗନ୍ନାଥ ମନ୍ଦିର ନିକଟରେ ୫.୭୫ କୋଟି ଟଙ୍କା ବ୍ୟୟରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ଓ ୩.୩୪ କୋଟି ଟଙ୍କା ବ୍ୟୟରେ ନଦୀ ପୁନରୁଦ୍ଧାର ଓ ଡାଲୁ ନିର୍ମାଣ କାର୍ଯ୍ୟ ପାଇଁ ଆଜି ଟିକରପଡା ଠାରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ଆସନ୍ତା ବର୍ଷ ଅକ୍ଟୋବର ମାସ ଓ ଡାଲୁ ନିର୍ମାଣ କାର୍ଯ୍ୟ ମଇ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସ୍ଲୁଇସ୍ ଗେଟ୍ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବେଳେ ଡାଲୁ କାମ ଡ୍ରେନେଜ୍ ବିଭାଗ ଦ୍ୱାରା କରାଯିବା ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ତୀର୍ଥରାଜ ପଣ୍ଡା, ପରିବେଶବିତ୍ ଗୋପୀନାଥ ପତି, ପୁର୍ବତନ ବ୍ଲକ୍ ଅଧ୍ୟକ୍ଷ ଶଶୀଭୂଷଣ ସାହୁ, ନିଶା ମୁକ୍ତି ଆନ୍ଦୋଳନ ପ୍ରବକ୍ତା ଇଂ. ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଟ୍ରେଲର ଧକ୍କାରେ ବାଇକ୍ ଚାଳକ ମୃତ

ଧର୍ମଶାଳା,୧୮।୧୧ (ସମିସ): ଧର୍ମଶାଳା ଥାନା ୫୩ ନଂ. ଜାତୀୟ ରାଜପଥ ପାଖର ଛକ ନିକଟରେ ଆଜି ପୂର୍ବାହ୍ନରେ ଟ୍ରଲର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ସୁକିନ୍ଦା ଥାନା ଲେମ୍ବୋ ଗ୍ରାମର ବିଷ୍ଣୁ ପ୍ରଧାନଙ୍କ ପୁଅ ବିଜୟ କୁମାର ପ୍ରଧାନ (୨୮) ବୋଲି ଜଣାପଡିଛି। ସେ ଆଜି କୌଣସି କାମରେ ବାଇକରେ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ ତାଙ୍କ ପଛରେ ଯାଉଥିବା ଓଆର ୦୫ଆଇ-୪୭୬୩ ନମ୍ବର ବିଶିଷ୍ଟ ଏକ ଟ୍ରେଲର ଗାଡି ପଛପଟୁ ଧକ୍କାଦେଇ ତାଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଞ୍ଚବ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ମୃତଦେହକୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାକୁ ହସ୍ତାନ୍ତର କରିଛି। ଏନେଇ ଧର୍ମଶାଳା ପୁଲିସ ୭୧୭/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ

ପାଣିକୋଇଲି,୧୮।୧୧(ସମିସ): ଖାଲରୁ ପାଣିକୁ ନେଇ ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗଟିକୁ ଗ୍ରହଣ କରି ତଦନ୍ତ କରୁଛି। ପ୍ରକାଶଯେ ପାଣିକୋଇଲି ଥାନା ଅର୍ନ୍ତଗତ ଷଠିପୁର ଗ୍ରାମର ବିପିନ ବାରିକଙ୍କ ଇଟା ପଡୁଥିବାରୁ ତାଙ୍କର ନିର୍ଦ୍ଦେଶ କ୍ରମେ ତାଙ୍କର ଜଣେ ଶ୍ରମିକ ସେହି ଗ୍ରାମର ବାଳକୃଷ୍ଣ ରଣା ନିକଟସ୍ଥ ଏକ ଖାଲକୁ ପାଣି ଆଣିବାକୁ ଯାଇଥିଲେ। ବାଳକୃଷ୍ଣ ପାଣି ଆଣୁଥିବା ବେଳେ ଷସଠିପୁର ଗ୍ରାମର ନକୁଳ ଦାସଙ୍କ ପୁଅ ସନ୍ତୋଷ ବାଳକୃଷ୍ଣକୁ ପାଣି ନେବା ଲାଗି ବିରୋଧ କରିବା ସହିତ ସେହି ପାଣି ଭର୍ତ୍ତି ଖାଲରେ କାନଧରି ଛିଡ଼ା କରାଇ ଦେଇଥିଲା। ପରେ ବାଳକୃଷ୍ଣ ପାଟି କରି ଡାକିବାରୁ ତାର ପାଟି ଶୁଣି ବିପିନ ଓ ତାଙ୍କ ଦୁଇ ପୁଅ ବିଶ୍ୱଜିତ ଓ ସତ୍ୟଜିତ ଘଟଣାସ୍ଥଳକୁ ଯାଇ ସନ୍ତୋଷକୁ ଏହାର କାରଣ ପଚାରିବାରୁ ସନ୍ତୋଷ ଓ ନକୁଳ ଅଶ୍ରାବ୍ୟ ଭାଷାରେ ତିନି ଜଣଙ୍କୁ ଗାଳି କରିବା ସହିତ ଠେଙ୍ଗା ଓ କୋଦାଳରେ ଆକ୍ରମଣ କରିଥିଲେ। ଘଟଣାଟି ଉଗ୍ରରୁପ ନେବା ପରେ ସନ୍ତୋଷ ରାଗି ଯାଇ ବିଶ୍ୱଜିତର ହାତର ଏକ ଆଙ୍ଗୁଳିକୁ କାମୁଡ଼ି ପକାଇଲା। ଫଳରେ ବିଶ୍ୱଜିତର ଆଙ୍ଗୁଳି ଅଧା କଟିଯାଇଥିଲା। ଏ ନେଇ ବିପିନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗମ୍ଭିରତାର ସହ ମାମଲାର ତଦନ୍ତ କରୁଛି।

# ଓଷ୍ଟା ପକ୍ଷରୁ କାରାବରଣ ଦିବସ



ଧର୍ମଶାଳା,୧୮।୧୧(ସମିସ): ଧର୍ମଶାଳା ବ୍ଲକ ଜାରକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଆମ ପାଠାଗାର ସଭାଗୃହରେ ଜିଲ୍ଲା ଓଷ୍ଟା ପକ୍ଷରୁ କାରାବରଣ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ସଭାରେ ଶିକ୍ଷକ ଆନ୍ଦୋଳନରେ ୧୧ ଜଣ ଶିକ୍ଷକ ୨୧ଦିନ କାରାବରଣ କରିଥିଲେ। ସେ ଦିବସକୁ କାରାବରଣ ଦିବସ ରୂପେ ପାଳନ କରାଯାଉଛି। ଏହି ଉତ୍ସବରେ ଓଷ୍ଟାର ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସଂପାଦକ ନିର୍ମଳ କୁମାର ଜେନା, ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ଯୁଗ୍ମ ସଂପାଦକ ରାଜକିଶୋର ପରିଡା, ପୂର୍ବତନ ଓଷ୍ଟା କାର୍ଯ୍ୟକର୍ତ୍ତା ରଘୁନାଥ ବେହେରା, ନୃସିଂହ ଚରଣ ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ବିଷ୍ଣୁଚରଣ ସାହୁ, କୋରାଇ ବ୍ଲକ ଓଷ୍ଟା ସମ୍ପାଦକ ସରୋଜ କୁମାର ରାଉତ, ଧର୍ମଶାଳା ବ୍ଲକ ଓଷ୍ଟା ପୂର୍ବତନ ସଭାପତି ସୁଦାମ ପଣ୍ଡା, ସଭାପତି ସୁଜାତା ମହାପାତ୍ର, ସଂପାଦକ ସଂଜୟ କୁମାର ସାହୁ, ବରୀ ବ୍ଲକ ଓଷ୍ଟା ସଂପାଦକ ଦିବ୍ୟଲୋଚନ ମହାପାତ୍ର, ସୁକିନ୍ଦା ବ୍ଲକ ଓଷ୍ଟା ସମ୍ପାଦକ ଅମୂଲ୍ୟ କୁମାର ନାୟକ, ରସୁଲପୁର ବ୍ଲକ ଓଷ୍ଟା ସଂପାଦକ ପ୍ରଭାତ କୁମାର ଚନ୍ଦ, ଯାଜପୁର ବ୍ଲକ ଓଷ୍ଟା ସମ୍ପାଦକ ଉପେନ୍ଦ୍ର କୁମାର ବେହେରା, ସୁକିନ୍ଦା ବ୍ଲକ ଓଷ୍ଟା ସଭାପତି ଶ୍ରୀପତି ବାରିକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଓଷ୍ଟାର ଉପ ସଭାପତି ପ୍ରତାପ ଚନ୍ଦ୍ର ପହି ଧନ୍ୟବାଦ ଦେଇଥିଲେ।

# ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



କବାଟବନ୍ଧ,୧୮।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ପକ୍ଷରୁ (ଚଢ଼େଇଧରା) ଧର୍ମଶାଳା ଦମକଳ କେନ୍ଦ୍ରର ଫାୟାର ଅଫିସର ଉଦ୍ଧବ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଏକ ୫ ଜଣିଆ ଟିମ୍ ପକ୍ଷରୁ ଏହି ଅଗ୍ନିକାଣ୍ଡ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ପ୍ରକାରର ପ୍ରଦର୍ଶନ କରାଯାଇଥିଲା। ଏହି ଶିବିରରେ ଘରୋଇ ଅଗ୍ନିକାଣ୍ଡ ଏବଂ ଏହାର ଆୟତ୍ତ ସମ୍ବନ୍ଧରେ ଅବଗତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଏକ ଖୋଲା ସ୍ଥାନରେ ମକ୍ ଡ୍ରିଲ ମାଧ୍ୟମରେ ଏଲ୍‌ପିଜି ସିଲିଣ୍ଡର, ତେଲ କଡ଼େଇରେ ନିଆଁ ଲଗାଇ ଏହାକୁ କିପରି ନିୟନ୍ତ୍ରଣ କରାଯିବ, ତାହାକୁ ଅଗ୍ନିଶମ ବାହିନୀ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ଉଦ୍ଧବ ଚରଣ ସାହୁ, ମୁଖ୍ୟ ଅଗ୍ନି ଯୋଦ୍ଧା ସନ୍ତୋଷ ପତି, ଅଗ୍ନି ଯୋଦ୍ଧା ବସନ୍ତ ମହାନ୍ତି, ବିନୋଦ ପାତ୍ର, ମିନକେତେନ ସାମଲ, ଆଲୋକ କୁମାର ମଲ୍ଲିକଙ୍କ ସମେତ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା, ପରିଚାଳନା କମିଟି ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ମଦ ବିକ୍ରି ବନ୍ଦ ପାଇଁ ଦାବିପତ୍ର

ପାଣିକୋଇଲି,୧୮।୧୧(ସମିସ): ଯାଜପୁର ଜିଲ୍ଲା ଅବକାରୀ ବିଭାଗ ଓ ପୁଲିସ ବିଭାଗର ଦାୟିତ୍ୱହୀନତା କାରଣରୁ ବର୍ତ୍ତମାନ ପ୍ରତି ଗ୍ରାମରେ ବେଆଇନ ମଦ ବିକ୍ରୀ ଏକ ନିତିଦିନିଆରେ ପରିଣତ ହୋଇଗଲାଣି। ଯୁବକ ଠାରୁ ବୁଢା ଯାଏଁ ଗ୍ରାମରେ ଖୋଲିଥିବା ଚୋରା ମଦ ପିଇ ଗ୍ରାମରେ ବିଭିନ୍ନ ଅପରାଧ ତଥା ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଫଳରେ ଗ୍ରାମର ପ୍ରତି ଘରେ ଅଶାନ୍ତିର ବାତାବାରଣ ସୃଷ୍ଟି ହେଉଛି। ଏ ନେଇ ପାଣିକୋଇଲି ଥାନା ଓ ଯାଜପୁର ରୋଡ଼ ଅବକାରୀ ବିଭାଗ ଅଧିନସ୍ଥ ତଣ୍ଡରା ପଞ୍ଚାୟତର ଜନସାଧାରଣ ନିଜ ପଂଚାୟତକୁ ନିଶା ମୁକ୍ତ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ପଞ୍ଚାୟତର ପ୍ରତି ୱାର୍ଡରେ ବୈଠକ କରି ଜନମତ ସଂଗ୍ରହ କରିବା ପରେ ପଞ୍ଚାୟତର ସଚେତନ ନାଗରିକ ପ୍ରସନ୍ନ କୁମାର ସ୍ୱାଇଁ, ମାଧବ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ସତ୍ୟରଞ୍ଜନ ଖଣ୍ଡାଇ, ସୌମ୍ୟ ରଞ୍ଜନ ପରିଡ଼ା, ପୂର୍ଣ୍ଣ ଚନ୍ଦ୍ର ପରିଡ଼ାଙ୍କ ସମେତ ବହୁ ସ୍ଥାନୀୟ ଜନସାଧାରଣ ମାନେ ଯାଜପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଥାନାଧିକାରୀଙ୍କୁ ଭେଟି ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ରଞ୍ଜିତ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି।

# ଥାନା ଅଧିକାରୀଙ୍କ ବଦଳି

ଧର୍ମଶାଳା,୧୮।୧୧(ସମିସ): ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କ ପାଣିକୋଇଲି ହେଡକ୍ୱାଟରକୁ ବଦଳି ହୋଇଥିବା ଜଣାପଡିଛି। ସେ ଧର୍ମଶାଳା ଥାନାରେ ଏକ ବର୍ଷ କାଳ ରହି ବିଭିନ୍ନ ଘଟଣାରେ ବିବାଦୀୟ ହୋଇପଡିଥିଲେ। ଜବତ ହୋଇ ଥାନା ପରିସରରେ ରହିଥିବା ବାଲିବୋଝେଇ ଗାଡିକୁ ଦୁର୍ବୃତ୍ତମାନେ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରି ଛଡ଼ାଇନେବା ଘଟଣାରେ ଅଭିଯୋଗ ପରେ ଚୁପହୋଇ ବସିରହିବା ଏବଂ ଏହି ଥାନା ଅଧିନ ବିଭିନ୍ନ ଗ୍ରାମରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଏଥିରେ ରୋକ ଲଗାଇବାରେ ସେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ ଯାଜପୁର ଏସ୍‌ପି ଯସପ୍ରତାପ ସିମଲ ତାଙ୍କୁ ପାଣିକୋଇଲିସ୍ଥିତ ପୁଲିସ ହେଡକ୍ୱାଟରକୁ ବଦଳି କରିଥିବା ଜଣାପଡିଛି। ଏବେ ଥାନା ଅଧିକାରୀ ଦାୟିତ୍ୱରେ ଏସ୍‌ଆଇ ରମାକାନ୍ତ ନାୟକ ରହିଥିବା ଜଣାଯାଇଛି।

# ନିଖିଳ ଉତ୍କଳ ଶିଶୁ ମେଳା ସମିତିର ବାର୍ଷିକୋତ୍ସବ

ବଡ଼ଚଣା,୧୮।୧୧(ସମିସ): ଚଣ୍ଡିଖୋଲ ସନ୍ନିକଟ ନେଉଳପୁର ମିଲତ୍ ନଗର ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ନିଖିଳ ଉତ୍କଳ ଶିଶୁ ମେଳା ସମିତିର ୪୬ତମ ବାର୍ଷିକ ଉତ୍ସବ ସଭାପତି ଡ.ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଧନଞ୍ଜୟ ସ୍ୱାଇଁ ଯୋଗଦେଇ ଶିଶୁର ହସ ଦୁନିଆର ଶ୍ରେଷ୍ଠ ସମ୍ପଦ। ଅଭିଭାବକ ମାନେ ପିଲାମାନଙ୍କୁ ଶିକ୍ଷାର ବୋଝ ନଦେଇ ସେମାନଙ୍କୁ ନିଜ ମନ ମୁତାବକ ଶିକ୍ଷା ଗ୍ରହଣ କରିବା ପାଇଁ ଛାଡ଼ିଦେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ବହି ନଥିବା ଘର, ଝରକା ନ ଥିବା ଘର ସହିତ ସମାନ। ପିଲାମାନଙ୍କ ମଧ୍ୟରେ ସାହିତ୍ୟ ମନସ୍କ ହେବା ସହିତ ସାହିତ୍ୟ ବାତାବରଣ ସୃଷ୍ଟି କରିବା ପାଇଁ ଅଭିଭାବକମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ଡ.ତୁହିନାଂଶୁ ରଥ ଜାତୀୟ ଶିକ୍ଷା ନୀତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଅରୁଣ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶରତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣିଙ୍କୁ ମା' ଯଶୋଦା ଶିଶୁ ସାହିତ୍ୟ ପୁରସ୍କାର ଓ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ବୈକୁଣ୍ଠନାଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥି ସହିତ ବରିଷ୍ଠ ସାମ୍ବାଦିକ ଶିବରାମ ସାହୁଙ୍କୁ ଆଦର୍ଶ ସାମ୍ବାଦିକ ସହିତ ୧୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଚଳିତ ମାଟ୍ରିକ ପରୀକ୍ଷା ଧର୍ମଶାଳା ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁଶ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ସାହୁଙ୍କୁ କ୍ଷୀରୋଦ ଚନ୍ଦ୍ର ନାୟକ ଶକୁନ୍ତଳା ନାୟକ ସ୍ମୃତି ପୁରସ୍କାର, ବଡଚଣା ବ୍ଲକ୍‌ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁଶ୍ରୀ ରାଜଶ୍ରୀ ସାମଲଙ୍କୁ ମାଳତୀ ଲତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଅଧକ୍ଷ ଦୁଷ୍ମନ୍ତ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।



## ବାଲି ଉତ୍ତୋଳନକୁ କେନ୍ଦ୍ର କରି ଉତ୍ତେଜନା

# ଖଣି ବିଭାଗ ଦ୍ୱାରା ଜେସିବି ଜବତ

ଯାଜପୁର,୧୮।୧୧(ସମିସ): ରାଜ୍ୟରେ ବାଲି ମାଫିଆଙ୍କୁ ସାବାଡ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଜିଲ୍ଲାପାଳଙ୍କୁ ନିଦ୍ଦେଶ ଦେଉଥିବା ବେଳେ ଉକ୍ତ ନିର୍ଦ୍ଦେଶକୁ ଠିକଣା କାର୍ଯ୍ୟକାରୀ ହେଉନଥିବାରୁ ବାଲି ମାଫିଆଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଯାଜପୁର ତହସିଲ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତରେ ବେଆଇନ ବାଲି ଉତ୍ତୋଳନକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି। ବୈତରଣୀ ନଦୀର ଶାଖା ଯମୁନା ଓ ବୁଢ଼ା ନଦୀ ବାଲି ଘାଟରୁ ବାଲି ଉତ୍ତୋଳନ ହେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଜୋରଦାର ବିରୋଧ କରିଥିଲେ। ପୁର୍ବରୁ ରହିଥିବା ପଥର ବନ୍ଧକୁ ଖୋଳି ବାଲି ଉଠାଣ ପାଇଁ ଜେସିବି ମେସିନ ଆସିଥିବା ବେଳେ ଶତାଧିକ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଉକ୍ତ ପଥର ବନ୍ଧ ଖୋଳାଗଲେ ତଳିଆ ଅଞ୍ଚଳରେ ଥିବା ହଜାର ହଜାର ଏକର ଚାଷ ଜମି ନଷ୍ଟ ହେବାର ଆଶଙ୍କା ଥିବା ଦର୍ଶାଇ ଉକ୍ତ ଜେସିବି ମେସିନକୁ ଅଟାଇଥିଲେ ଗ୍ରାମବାସୀ। ଏ ସଂପର୍କରେ ସ୍ଥାନୀୟ ଯାଜପୁର ସଦର ପୁଲିସ ଓ ଖଣି ବିଭାଗକୁ ଅବଗତ କରାଯାଇଥିଲା। ଘଟଣାସ୍ଥଳରେ ପୁଲିସ ଓ ଜୁନିୟର ଖଣି ଅଧିକାରୀ ଛାୟାକାନ୍ତ ମହାନ୍ତ ପହଞ୍ଚି ଜେସିବି ମେସିନକୁ ଜବତ କରିଥିଲେ। ଏହି ଘଟଣାରେ ମେସିନ ଅପରେଟରକୁ ମଧ୍ୟ ଅଟକ ରଖାଯାଇଥିଲା। ଗତ କିଛି ଦିନ ହେଲା ଏହି ନଦୀ ଶଯ୍ୟାରୁ ବାଲି ଉଠାଣ ପାଇଁ ମାଫିଆ ମାନେ ପ୍ରସ୍ତୁତି ଚଳାଇଥିବା ବେଳେ ଏହାକୁ ଜୋରଦାର ବିରୋଧ କରିବା ପାଇଁ ଗ୍ରାମବାସୀ ଏକତ୍ରିତ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବାଲିଘାଟକୁ ବିରୋଧ ▶ ରାସ୍ତାରେ ଖୁଣ୍ଟ ବସାଇଲେ ଗ୍ରାମବାସୀ

**ବିଞ୍ଝାରପୁର, ୧୮।୧୧(ସମିସ)**



ବିଞ୍ଝାରପୁର ତହସିଲ ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ନଦୀ ସଂଲଗ୍ନ ଘଣ୍ଟିଆଳିଠାରେ ବାଲିଘାଟକୁ ଘଣ୍ଟିଆଳି ଗ୍ରାମର ଗ୍ରାମବାସୀ ବିରୋଧ କରି ଘାଟ ରାସ୍ତାକୁ ସିମେଣ୍ଟ ଖୁଣ୍ଟ ବସାଇଅବରୋଧକରିଛନ୍ତି।ସୂଚନାଅନୁଯାୟୀ ବିଞ୍ଝାରପୁର ତହସିଲ ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ନଦୀ ସଲଗ୍ନ ଘଣ୍ଟିଆଳିଠାରେ ବାଲିଘାଟକୁ ୨୦୧୭ ମସିହାରେ ସରକାରୀ ଭାବରେ ନିଲାମ କରାଯାଇଥିଲା। ହେଲେ ଏହି ବାଲିଘାଟ ସଂଲଗ୍ନ ଗ୍ରାମ୍ୟ ଖେଳ ପଡ଼ିଆ, ଶ୍ମଶାନ ଓ ନିକଟରେ ଥିବା ହାଇ ଲେବୁଲ ସେତୁ ପ୍ରଭାବିତ ହେବ ଦର୍ଶାଇ ଗ୍ରାମବାସୀ ଏହି ବାଲିଘାଟକୁ ବିରୋଧ କରିବା ସହିତ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଘଣ୍ଟିଆଳି ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରି ତତ୍କାଳିନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଖଣି ବିଭାଗ, ଜଳସମ୍ପଦ ବିଭାଗ ଓ ବିଞ୍ଝାରପୁର ତହସିଲକୁ ସରଜମିନ ତଦନ୍ତ କରି ରିର୍ପୋଟ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୦୨୨ ମସିହାରେ ଖଣି, ଜଳସମ୍ପଦ, ରାଜସ୍ୱ, ବନବିଭାଗ ଦ୍ୱାରା ଘଣ୍ଟିଆଳି ବାଲିଘାଟ ସଂଲଗ୍ନ ସଇରାତ ତଦନ୍ତ କରାଯାଇ ରିର୍ପୋଟ ଜିଲ୍ଲାପାଳଙ୍କୁ ଦିଆଯାଇଥିଲା। ଜିଲ୍ଲାପାଳ ରିର୍ପୋଟ ମାଧ୍ୟମରେ ଅବଗତ ହୋଇ ଏହି ଘାଟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହିତ ଏହାକୁ ବନ୍ଦ କରାଯାଇଥିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ହେଲେ ବର୍ତ୍ତମାନ ପ୍ରଶାସନ ପୁନର୍ବାର ଘଣ୍ଟିଆଳି ବାଲିଘାଟରୁ ବାଲି ଉଠାଇବାକୁ ମସୁଧା କରୁଥିଲା ବେଳେ ଘଣ୍ଟିଆଳି ଗ୍ରାମବାସୀ ବାଲିଘାଟକୁ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ଏଠାରେ ବାଲିଘାଟ ହେବା ଦ୍ୱାରା ବାଲିଘାଟ ସଲଗ୍ନ ଖେଳପଡ଼ିଆ, ଶ୍ମଶାନ, ହାଇକଲେବଲ ସେତୁ, ଗ୍ରାମ୍ୟ ରାସ୍ତା ପ୍ରଭାବିତ ହେବ ତେଣୁ ବାଲିଘାଟକୁ ବିରୋଧ କରିବା ସହ ଘାଟର ମୁଖ୍ୟ ରାସ୍ତାରେ ସିମେଣ୍ଟ ଖୁଣ୍ଟ ବସାଇ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସମାଧାନ ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ପାରିବାରିକ ବିବାଦକୁ ନେଇ ଗଣ୍ଡଗୋଳ
# ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ସୁକିନ୍ଦା, ୧୮।୧୧(ସମିସ):** ସୁକିନ୍ଦା ଅଞ୍ଚଳରେ ପାରିବାରିକ ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିବା ବେଳେ ସେହି ପରିବାରର ଜଣେ ସଦସ୍ୟଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାକୁ ନେଇ ବିଭିନ୍ନ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ ସୁକିନ୍ଦା ଥାନା ଅନ୍ତର୍ଗତ ବର୍ତ୍ତଣ୍ଡା ଗ୍ରାମ ନିମ (ଦଳିତ) ସାହି ଗଣେଶ୍ୱର ମଳିକ ଓ ମୋହନ ମଳିକଙ୍କ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ବିବାଦ ଲାଗିରହିଥିଲା। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ମକଦ୍ଦମା ମଧ୍ୟ ବିଚାରାଧୀନ ଅଛି। ଗତକାଲି ଗଣେଶ୍ୱରଙ୍କ ପୁଅ ଅଜୟ ମଳିକ ସନ୍ଧ୍ୟାରେ ନଦୀକୁ ଯାଉଥିବା ସମୟରେ ମୋହନଙ୍କ ପୁଅ ବେଣୁଧର ଅଜୟକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଜୟ ଗୁରୁତର ଆହତ ଅବସ୍ଥାରେ ସୁକିନ୍ଦା ଓ ପରେ କଟକ ସ୍ଥାନାନ୍ତର ହୋଇଥିବା ବେଳେ ସେହି ରାତିରେ ଘରେ କେହି ନଥିବା ସୁଯୋଗରେ ବେଣୁଧରଙ୍କ ପରିବାର ଗଣେଶ୍ୱରଙ୍କୁ ମାରି ଟାଙ୍ଗି ଦେଇଥିବା ଗଣେଶ୍ୱରଙ୍କ ପୁଅ ସଞ୍ଜୟ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗଣେଶ୍ୱର ଓ ମୋହନଙ୍କ ମଧ୍ୟରେ ଶଳା ଭିଣୋଇ ସମ୍ପର୍କ ଥିବା ଜଣାପଡ଼ିଛି। ଗତ ନିର୍ବାଚନ ସମୟରେ ଉଭୟ ପରିବାରଙ୍କ ମଧ୍ୟରେ ହୋଇଥିବା ମକଦ୍ଦମାରେ ଗତକାଲି ଜାମିନ ପାଇବା ପରେ ଅଜୟ ମୋହନଙ୍କ ଘର ସମ୍ମୁଖରେ ପରିବାର ଲୋକଙ୍କୁ ଅସଭ୍ୟ ଗାଳି ଗୁଲଜ କରିବାରୁ ପୁଅ ବେଣୁଧର ଏହାକୁ ବିରୋଧ କରିବା ସମୟରେ ଉଭୟଙ୍କ ମଧ୍ୟରେ ବଚସା ଓ ହାତାହାତି ହୋଇଥିବା ମୋହନ ଲିଖିତ ଅଭିଯୋଗ କରିଛନ୍ତି। ଏହି ସମୟରେ ଅଜୟ ଆହତ ଅବସ୍ଥାରେ ପ୍ରଥମେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଆଜି ସକାଳୁ ଗଣେଶ୍ୱରଙ୍କ ଝୁଲନ୍ତା ମୃତଦେହ ଜବତ ହେବାପରେ ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳିଛି। ଏହି ଘଟଣା ପଛରେ ରାଜନୈତିକ ବିବାଦ ଥିବା ଚର୍ଚ୍ଚା ଜୋର ଧରିଛି। ଘଟଣାକୁ ନେଇ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଗଣେଶ୍ୱରଙ୍କ ମୃତଦେହ ଜବତ କରି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ରହସ୍ୟ ଖୋଲିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ନଗଡ଼ାରେ ଶୀତ ପ୍ରକୋପ
# ଚୁଲି ନିଆଁରେ ପୋଡ଼ି ହୋଇଗଲେ ବୃଦ୍ଧା

**ସୁକିନ୍ଦା, ୧୮।୧୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅପହଞ୍ଚ ଇଲାକା ନଗଡ଼ାରେ ପୋଡ଼ି ହୋଇ ଜଣେ ମହିଳା ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଜଙ୍ଗଲ ପାହାଡ଼ ଘେରା ଆଦିବାସୀ ଅଞ୍ଚଳ ନଗଡ଼ାର ବୃଦ୍ଧା ଜାମୁନି (୬୫) ପ୍ରଧାନ ଥଣ୍ଡା ପ୍ରକୋପରୁ ରକ୍ଷା ପାଇବା ପାଇଁ ଘରେ ଥିବା ଚୁଲିରେ ନିଆଁରେ ସେକି ହେଉଥିବା ସମୟରେ ଶୋଇ ଯାଇଥିଲେ। ଅଚାନକ ଜାମୁନିଙ୍କ ପାଟି ଶୁଣି ପରିବାର ଲୋକେ ଜାମିନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ସ୍ଥାନାନ୍ତର କରାଯାଇଛି। ଚୁଲି ନିଆଁରୁ ଜାମୁନିଙ୍କ ପିନ୍ଧା ଲୁଗାରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ନିଶା ମୁକ୍ତ ଯୁବ ସମାଜ ଗଣଦୌଡ଼



**କୁଆଖିଆ, ୧୮।୧୧(ସମିସ):** ବିଶ୍ୱହିନ୍ଦୁ ପରିଷଦର ଯୁବା ସଂଗଠନ ବଜରଙ୍ଗ ଦଳ, ଶ୍ରୀରାମପୁର ପ୍ରଖଣ୍ଡ ଯାଜପୁର ତରଫରୁ ନିଶା ମୁକ୍ତ ଯୁବ ସମାଜ ପାଇଁ ସଚେତନତା କାର୍ଯ୍ୟକ୍ରମ 'ରନ୍ ଫର୍ ହେଲ୍ଥ୍' ନାମରେ ଏକ ଗଣଦୌଡ଼ ସ୍ଥାନୀୟ କୁଆଖିଆ ବଜାରରେ ଆୟୋଜିତ ହୋଇଯାଇଛି। ଏହି ଗଣଦୌଡ଼ କୁଆଖିଆ ଠାରୁ ଆରମ୍ଭ ହୋଇ ଭାୟା ବରାଣ୍ଟ ଛକ ଦେଇ ପୁନଶ୍ଚ କୁଆଖିଆ ନିକଟରେ ପହଞ୍ଚିବା ପରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଯାଜପୁର ଜିଲ୍ଲାର ସହ-କାର୍ଯ୍ୟବାହ ସନ୍ଦିପ ବିଶ୍ୱାଳ ଯୋଗଦେଇ ଭାରତର ଭବିଷ୍ୟତ ଯୁବକ ମାନଙ୍କ ହାତରେ ରହିଛି କିନ୍ତୁ ଯୁବକମାନେ ନିଶାସେବନ କରି ପଥ ଭ୍ରଷ୍ଟ ହେଉଛନ୍ତି ସେଥିରୁ ନିବୃତ୍ତ ରହିବା ସହିତ ସମାଜକୁ ସଚେତନତା କରିବ ହିଁ ଜଣେ ଯୁବକର କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ସଭାପତି ତଥା ବର୍ତ୍ତମାନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଶ୍ରମ, ଚକାପାଦ କନ୍ଧମାଳର ମୁଖ୍ୟ ପରିଚାଳକ ଅକ୍ଷୟ ବଳ କହିଥିଲେ ଯେ ଆଜିର ଯୁବ ଶକ୍ତି ହେଉଛନ୍ତି ରାଷ୍ଟ୍ରର ଶକ୍ତି ତେଣୁ ଯୁବକମାନେ ନିଶା ସେବନରୁ ମୁକ୍ତ ରହି ରାଷ୍ଟ୍ର ବ୍ରତୀ ହେବା ପାଇଁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଖାପାଖି ୨୫୦ ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦ, ଯାଜପୁର ଜିଲ୍ଲାର କୋଷାଧ୍ୟକ୍ଷ ଯଶୋବନ୍ତ ଦାସ ସଂଯୋଜନା କରୁଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ, ଯାଜପୁର ଜିଲ୍ଲା ଉପ-ସଭାପତି ପ୍ରଦିପ କବି, ସମ୍ପାଦକ ରାଜ କିଶୋର ମଲିକ, ବିଧି ପ୍ରକୋଷ୍ଠ ଭକ୍ତ ବତ୍ସଳ ସାହୁ, ବଜରଙ୍ଗ ଦଳ ସହସଂଯୋଜକ ଶରତ ସାହୁ, ବଳଉପାସନା ପ୍ରମୁଖ କ୍ରିତିକ ରଞ୍ଜନ ରାଉତ, ମିଳନ କେନ୍ଦ୍ର ପ୍ରମୁଖ ଧର୍ମେନ୍ଦ୍ର ଗୁଇଁ ଓ କେନ୍ଦ୍ରାପଡ଼ା ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ସମାପନ କରିବା ପାଇଁ ପ୍ରଖଣ୍ଡର କାର୍ଯ୍ୟକର୍ତ୍ତା ପ୍ରଦିପ ଗିରି, ଅମିୟ ରଞ୍ଜନ ସାହୁ, ଅନିରୁଦ୍ଧ ଗୁଇଁ, ବିଶ୍ୱଜିତ ସାହୁ, ଗଗନ ମାହାନ୍ତି, ମାୟାଧର ଦାଶ, ନିରାକାର ସାହୁ, ଅଂଶୁମାନ କର, ରଶ୍ମି ରଞ୍ଜନ ପଣ୍ଡା, ନାରାୟଣ ପରିଡ଼ା ସହଯୋଗ କରିଥିଲେ।

# ଠିକାଦାରଙ୍କ ବିରୋଧରେ ମେଳି ବାନ୍ଧିଲେ ଚାଷୀ



**ବରୀ, ୧୮।୧୧(ସମିସ):** ଓଡ଼ିଶା କୃଷକ ବିକାଶ ମଞ୍ଚର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ଜେନା, ବରୀ ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେଉରା ଓ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ସମ୍ପାଦକ ପ୍ରଶାନ୍ତ କୁମାର ପଢ଼ିଆରିଙ୍କ ନେତୃତ୍ୱରେ ଏକ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଶେଷକରି କିମ୍ପିରିଆପାଳ ଧଳ ସାହି ନିକଟରୁ ଅରୁଆଳ ପର୍ଯ୍ୟନ୍ତ ଚାଲିଥିବା ପୂର୍ତ୍ତ ବିଭାଗର ନଦୀବନ୍ଧ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ ଅଧିଗ୍ରହଣ ହେବାକୁ ଥିବା ଚାଷୀମାନଙ୍କ କ୍ଷତିପୂରଣ ରାଶି ପ୍ରଦାନ ହୋଇନାହିଁ। ଏ ବାବଦରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନ ଏହି କାର୍ଯ୍ୟକୁ ବନ୍ଦ ରଖିଥିବା ବେଳେ ସଂପୃକ୍ତ ଠିକାଦାର କିଛି ମୁଷ୍ଟିମେୟ ଲୋକଙ୍କୁ ଧରି ଏହି କାର୍ଯ୍ୟକୁ କରାଇ ନେବାକୁ ମସୁଧା କରୁଛି ବୋଲି ଚାଷୀମାନେ ଜାଣିବାକୁ ପାଇଛନ୍ତି। ଏ ନେଇ ଆଜି ଶତାଧିକ ଚାଷୀମାନେ ଏକତ୍ରିତ ହୋଇ ସମ୍ପୃକ୍ତ ସମ୍ପ୍ରସାରଣ କାର୍ଯ୍ୟକୁ ବିରୋଧ କରିଥିଲେ ଏବଂ ଯେଉଁ ଚାଷୀ ମାନଙ୍କର ଚାଷ ଜମି ନଦୀ ବନ୍ଧରେ ଯାଉଛି ସେମାନଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ କରାଯିବା ପରେ ସଂପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି।

## ଘର ଭାଙ୍ଗୁଛି ଚୋରା ମଦ
# ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଶଙ୍ଖଚିଲା, ୧୮।୧୧(ସମିସ):** କୋରେଇ ବ୍ଲକ ତଣ୍ଡରା ପଞ୍ଚାୟତ ତଣ୍ଡରା ଗ୍ରାମରେ ଚୋରା ମଦ ବିକ୍ରି ବିରୋଧରେ କିଛି ଦିନ ଧରି ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରାମକୁ ମଦ ମୁକ୍ତ କରିବାକୁ ପ୍ରୟାସ କରି ଆସୁଛନ୍ତି। ଏନେଇ ଆଜି ଗ୍ରାମର ଗୋଟେ ଟିମ ସମାଜସେବୀ ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦାବିପତ୍ର ମୁତାବକ ଗ୍ରାମରେ ମଦ ବିକ୍ରି ଯୋଗୁଁ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଛି। ମଦ ପିଇବା ଫଳରେ ପରିବାର ସମେତ ଗ୍ରାମରେ ଭାଇଚାରା ନଷ୍ଟ ହେଉଛି। ପରିବାର ମଧ୍ୟରେ ବାପା ପୁଅ, ସ୍ୱାମୀ ସ୍ତ୍ରୀ, ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଇ ପରିବାର ଭାଙ୍ଗି ଯାଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଗ୍ରାମର ବୟସ୍କ କିମ୍ବା ଯୁବକ ଯେ ଖାଲି ମଦ ପିଉଛନ୍ତି ତାହା ନୁହେଁ; ନିକଟସ୍ଥ ସ୍କୁଲ ପାଖରେ ଚୋରା ମଦ ବିକ୍ରି ଯୋଗୁଁ ଛୋଟ ପିଲା ମଧ୍ୟ ସେମାନଙ୍କୁ ଦେଖି ପିଇବା ଆରମ୍ଭ କରୁଥିବା କହିଛନ୍ତି ଗ୍ରାମବାସୀ। ଫଳରେ ଛୋଟ ଛୋଟ ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହେଇଯାଉ ଥିବା କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଚୋରା ମଦ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏବଂ ଗ୍ରାମରୁ ସମ୍ପୂର୍ଣ୍ଣ ମଦ ବନ୍ଦ କରି ଏକ ମଦମୁକ୍ତ ପଞ୍ଚାୟତ ଗଠନ କରିବାରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଖାଲି ଜିଲ୍ଲାପାଳଙ୍କୁ ନୁହେଁ ଅବକାରୀ ବିଭାଗ, ଆରକ୍ଷୀ ଅଧିକ୍ଷକ, ପାଣିକୋଇଲି ଥାନାଧିକାରୀଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି। ଯଦି ଚୋରା ମଦ ଓ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମର ସତ୍ୟରଞ୍ଜନ ଖଣ୍ଡାଇ, ଗୋପାଳ ସେଠୀ, ଗଜେନ୍ଦ୍ର ମଳିକ, ସୌମ୍ୟ ରଞ୍ଜନ ପରିଡ଼ା, ଅକ୍ଷୟ ସ୍ୱାଇଁ, ସଂଗ୍ରାମ ମଲ୍ଲିକ, ଅନୁ ମଲ୍ଲିକ, ସନ୍ତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



**ମଙ୍ଗଳପୁର/କୟାଁଗୋଲା, ୧୮।୧୧(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଆଜି ପୋଷାକ ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପିତତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ କୟାଁ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକ, କୟାଁ ପଞ୍ଚାୟତର ସମିତିସଭ୍ୟ ରୋଶନ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୁନ ଟୁଡୁ, ସିଆର୍‌ସିସି ପ୍ରିୟରଞ୍ଜନ ଦାଶ, ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଧରମପୁର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଖଗେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ସାହୁ, ସ୍ନେହାଞ୍ଜଳି ଯେନା ପ୍ରମୁଖଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ବିଶ୍ୱଜିତ ଦାସ, ଅରକ୍ଷିତ ଯେନା, କୃଷ୍ଣ ଚନ୍ଦ୍ର ଯେନା, ପ୍ରଭାତ କୁମାର ଯେନା, ବର୍ଷାରାଣୀ ପାଣ୍ଡବ, ରଶ୍ମିତା ସାହୁ, ମାନସୀ ଯେନା, ଅମିତା ଯେନା, ମିନତି ଯେନା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ବିଞ୍ଝାରପୁର ବିଧାୟିକାଙ୍କ ପୂର୍ବତନ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ପାଲଟପୁର ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ଯୁବ ସମାଜସେବୀ ବିରଜା ମଲ୍ଲିକ, ପଞ୍ଚାନନ ମଲ୍ଲିକ, କୟାଁ ପଞ୍ଚାୟତ ବିଜେଡି ସଭାପତି ଚୌବନ ବାରିକ, ନରୋତ୍ତମ ମଲ୍ଲିକ, ଦିଲୀପ କୁମାର ନାୟକ, ଚିନ୍ମୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ଶିକ୍ଷା ଓ ମନସ୍ତତ୍ତ୍ୱ ବିଭାଗର ଆଲୋଚନାଚକ୍ର




**କୟାଁଗୋଲା, ୧୮।୧୧(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ଏବଂ ମନସ୍ତତ୍ତ୍ୱ ବିଭାଗ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶାରଦ ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାଧ୍ୟାପକ ଡ. ସସ୍ମିତା କର ଏବଂ ପ୍ରାଧ୍ୟାପକ ଡ. ସୁଦାମ ସାହୁ ଯୋଗଦେଇ 'ଅଭିପ୍ରେରଣା ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ: ଶିକ୍ଷକ ଓ ଶିକ୍ଷାଦାନରେ ସମ୍ବଳ ଓ ପ୍ରତିବନ୍ଧକ' ବିଷୟ ଉପରେ ଆଲୋକପାତ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ତପସ୍ୱିନୀ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଶୁଭସ୍ମିତା ପଣ୍ଡା, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ବ୍ରଜକିଶୋର ସାହୁ, କୁସେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ପାଠଚକ୍ରରେ ଯୁକ୍ତ ୩ର ଶିକ୍ଷା ଓ ମାନସ୍ତତ୍ତ୍ୱ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷା ବିଭାଗର ଅଧ୍ୟାପିକା ସୁଷମା ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଦିବ୍ୟାଙ୍ଗଙ୍କ ସମସ୍ୟାର ସମାଧାନ ବୈଠକ

**ଯାଜପୁର, ୧୮।୧୧(ସମିସ):** ଯାଜପୁର ଜିଲ୍ଲାରେ ଥିବା ଦିବ୍ୟାଙ୍ଗ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନ ହେଲେ ଆମରଣ ଅନଶନ କରିବାକୁ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଥିଲେ। ଏହି ପରିପ୍ରେକ୍ଷିରେ ଆଜି ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟପରିସରରେ ଏକ ବୈଠକ କରାଯାଇ କିଭଳି ଦିବ୍ୟାଙ୍ଗ ମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଦାବୀ ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜରୁରୀ ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରି ଦିବ୍ୟାଙ୍ଗ ମାନଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ।। ଶିଶୁ ଅଧିକାର କର୍ମୀ ଶ୍ରୀଦାସ ଶିଶୁମାନଙ୍କ ମୌଳିକ ଅଧିକାର ସୁନିଶ୍ଚିତ ନିମନ୍ତେ ବିଭିନ୍ନ ଦାବି ରଖିଥିଲେ। ବିଶେଷକରି ଦିବ୍ୟାଙ୍ଗ ଓ ଅନୁସୂଚିତ ଜନଜାତିର ଶିଶୁମାନଙ୍କ ଶିକ୍ଷା ଅଧିକାରକୁ ଠିକଣା କାର୍ଯ୍ୟକାରୀ କରିବା, ଖାଦ୍ୟ ଅଧିକାର, ସରକାରୀ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ସୁଗମ୍ୟତା, ଶିଶୁମାନଙ୍କ ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର ସମସ୍ୟା, ଶିଶୁଶ୍ରମିକ, ବାଲ୍ୟବିବାହକୁ ରୋକିବା ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଗୃହିତ ହୋଇଥିଲା।

## ବସୁନ୍ଧରା ଯୋଜନାରେ ସାମିଲ ପାଇଁ ନିବେଦନ
# ୪୦ ବର୍ଷ ହେଲା ଗୋଚର ଜାଗାରେ ପରିବାର

**କବାଟବନ୍ଧ, ୧୮।୧୧(ସମିସ)**



ବସୁନ୍ଧରା ଯୋଜନାରେ ଭୂମିହୀନ ପରିବାରକୁ ବାସଗୃହ ଜମି ପ୍ରଦାନ କରିବାର ପ୍ରାବଧାନ ରହିଛି। ସରକାରୀ ନିର୍ଦ୍ଦେଶନାମାରେ ଚାରି ଡେସିମିଲରୁ କମ୍ ଜମି ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଜମି ପଟା ପ୍ରଦାନ କରାଯାଏ। ଭୂମିହୀନମାନଙ୍କୁ ଚିହ୍ନଟ କରି ତୁରନ୍ତ ତାଙ୍କୁ ସରକାରୀ ଭାବେ ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦେବାକୁ ସରକାର କଡା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଧର୍ମଶାଳା ତହସିଲ ଅଞ୍ଚଳରେ ତାହା କାର୍ଯ୍ୟକାରୀ କରାଯାଉ ନାହିଁ। ଯାହାକୁ ନେଇ ସରକାରୀ କର୍ମଚାରୀ ମାନେ କେତେ ସରକାରଙ୍କ ନିର୍ଦ୍ଦେଶ ପାଳନ କରୁଛନ୍ତି ତାହା ଅନୁମାନ କରାଯାଉଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ବୃନ୍ଦାଦେଇପୁର ଗ୍ରାମର ସ୍ୱର୍ଗତ ବଟକୃଷ୍ଣ ମହାନ୍ତିଙ୍କ ପରିବାର ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସରକାରଙ୍କ ଠାରୁ ସ୍ଥାୟୀ ଜମି ପଟା ଖଣ୍ଡେ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଏହା ଭିତରେ ବଟକୃଷ୍ଣଙ୍କ ମୃତ୍ୟୁ ମଧ୍ୟ ହୋଇ ସାରିଛି ମାତ୍ର ଜମି ପଟା ଖଣ୍ଡେ ପାଇ ପାରିଲେ ନାହିଁ। ଏହା ପରେ ବଟକୃଷ୍ଣଙ୍କ ବିଧବା ପତ୍ନୀ ମଧ୍ୟ ଦୀର୍ଘ ବର୍ଷ ଧରି ସରକାରଙ୍କ ବସୁଧା ଯୋଜନାରେ ସାମିଲ ହେବା ପାଇଁ ଅନୁରୋଧ କରୁଥିଲେ ମଧ୍ୟ ଉକ୍ତ ଯୋଜନାରେ ସାମିଲ ହେବା ପାଇଁ ତାଙ୍କୁ କୌଣସି ପ୍ରକାର ସହଯୋଗ କରାଯାଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସେ ନିଜ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆଉ କେବେ ମିଳିବ ବୋଲି ଆଶା ହରାଇଛନ୍ତି। ଏବେ ବୟସର ଅପରାହ୍ନରେ ପହଞ୍ଚିଛନ୍ତି ବୃଦ୍ଧା ସ୍ୱର୍ଗତ ବଟକୃଷ୍ଣ ମହାନ୍ତିଙ୍କ ସ୍ତ୍ରୀ ଭାନୁମତୀ ମହାନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ଝାଟିମାଟି ଘର ଉପରେ ଜରିପାଲ ପକେଇ ବାକି ଜୀବନ ଅତିବାହିତ କରୁଛନ୍ତି। ନିଜସ୍ୱ ପଟା ଜାଗା ନ ଥିବାରୁ ସେ ଆବାସ ଯୋଜନାରେ ସାମିଲ ହୋଇ ପାରୁ ନାହାଁନ୍ତି। ସରକାରୀ ଗୋଚର କିସମ ଜାଗାକୁ ଦଖଲ କରି ଘରବାରିର ପାଉତି କାଟି ବର୍ଷ କୁ ବର୍ଷ ଟିକସ ପଇଠ କରି ଉକ୍ତ ସ୍ଥାନରେ ରହୁଛନ୍ତି ବିଧବା ଭାନୁମତି। ଆବାସ ଯୋଜନାରେ ସାମିଲ ହେବା ପାଇଁ ଆବଶ୍ୟକ ମାନଦଣ୍ଡ ତଥା ଯୋଗ୍ୟ ହୋଇଥିଲେ ମଧ୍ୟ ନିଜସ୍ୱ ଘରବାରୀ ଜମି ପଟ୍ଟା ନଥିବାରୁ ଆବାସ ଯୋଜନାରେ ସାମିଲ ହୋଇ ପାରୁ ନାହାଁନ୍ତି। ଜମି ପଟ୍ଟା ପାଇଁ ତାଙ୍କ ସ୍ୱାମି ଏ ଅଫିସ୍‌ରୁ ସେ ଅଫିସ୍ ଦୌଡ଼ି ଦୌଡ଼ି ନିରାଶ ହୋଇ ଶେଷରେ ମୃତ୍ୟୁ ବରଣ କଲେ। ମାତ୍ର ସ୍ଥାୟୀ ଜମି ପଟ୍ଟା ଖଣ୍ଡେ ମିଳିଲା ନାହିଁ। ବାରମ୍ବାର ଅଭିଯୋଗ ପରେ ସରକାରଙ୍କ ତରଫରୁ ଏକ ଜରିପାଲ ଯୋଗାଇ ଦିଆଯାଇଛି। କଚ୍ଚା ଘରକୁ ମରାମତି କରିବା କିମ୍ବା ଛପର କରିବା ପାଇଁ ସେ ମଧ୍ୟ ସକ୍ଷମ ନୁହଁନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ମଧ୍ୟ ଭାନୁମତୀ ଜମି ପଟ୍ଟା ପାଇଁ ବହୁ ବାର ଗୁହାରି କରିଛନ୍ତି। ମାତ୍ର କୌଣସି ସୁଫଳ ମିଳି ନାହିଁ। ତୁରନ୍ତ ଘରବାରୀ ପଟ୍ଟା ସହ ଆବାସ ଖଣ୍ଡେ ଯୋଗାଇ ଦେବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।


यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ପୁବାଶାସନ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁବାଶାସନ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୁବାଶାସନ ଶାଖା** / **ଋଣଗ୍ରହୀତାମାନେ: ୧) ମେସର୍ସ ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଆଶିଷ କୁମାର ସାହୁ, ୨) ଶ୍ରୀ ଆଶିଷ କୁମାର ସାହୁ,** ପିତା: ଯୋଗେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ସ୍ୱ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ | କ୍ୟାଶ କ୍ରେଡିଟ୍ | ୨୬.୦୮.୨୦୨୫ / ୧୦.୦୯.୨୦୨୫ / ୩୧.୦୮.୨୦୨୫ ସୁଦ୍ଧା ଟ.୨୫,୨୫,୬୧୧.୦୯ | ୧) ଶ୍ରୀ ଯୋଗେନ୍ଦ୍ର ସାହୁ, ପିତା: ସ୍ୱ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪/୨୧୮୯, ଖାତା ନଂ.: ୭୬୭/୪୦୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ପୁବାଶାସନ, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଅନୁରୂପ ପୂର୍ବ ଖାତା ନଂ.: ୭୬୭/୧୬୨, ପ୍ଲଟ୍ ନଂ.: ୩୪, ପୋ.: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଭାଗବତ ବାସୁଦେବ, ପୂର୍ବ: ବସନ୍ତ ସ୍ୱାଇଁ, ପଶ୍ଚିମ: ପ୍ଲଟ୍ ନଂ.: ୨୨ର ଅଂଶ, **୨) ବନ୍ଧକପ୍ରାପ୍ତ କଳକବ୍ଜା, ଯନ୍ତ୍ରପାତି ଏବଂ ଷ୍ଟକ୍** |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୧.୨୦୨୫** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ସମ୍ପାଦକୀୟ



କେବଳ ଟଙ୍କାପଇସା ହୋଇଗଲେ ସଫଳତା ମିଳିବ ନାହିଁ; ଟଙ୍କା ଉପାର୍ଜନ କରିବାର ସ୍ୱାଧୀନତା ଦ୍ୱାରା ହିଁ ସଫଳତା ମିଳିଥାଏ।

-ନେଲସନ ମଣ୍ଡେଲା

ସକାଳ
THE SAKALA

## ଜମି ଝାମେଲା

ଜମି କିଣାବିକା ସମ୍ପର୍କିତ ଦଲିଲ୍‌ର ପଞ୍ଜିକରଣ(ରେଜିଷ୍ଟ୍ରେସନ୍ ଅଫ୍ ସେଲ୍‌ଫ ଡିଡ୍) ଉକ୍ତ ଜମିର ମାଲିକାନା ପ୍ରମାଣପତ୍ର ଭାବେ ସ୍ୱୀକୃତ ହେବ ନାହିଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ୍ ମାସରେ ଦେଇଥିବା ରାୟକୁ ପୁଣି ଗତ ୭ ତାରିଖରେ ଦୋହରାଇଛନ୍ତି। ସମ୍ମାନସ୍ପଦ ଅଦାଲତ ବିଭିନ୍ନ ଦୃଷ୍ଟିରୁ ତର୍ଜମା କରି ଉପରୋକ୍ତ ରାୟ ଦେଇଥିବେ। କିନ୍ତୁ ଏହାଦ୍ୱାରା ବିଚରା କ୍ରେତାଟିଏ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ତାହା ବୋଧହୁଏ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇନାହିଁ। ତୃଣମୂଳସ୍ତରରେ ଏଭଳି ଅନେକ ସମସ୍ୟା ରହିଛି, ଯାହାକୁ ଅଦାଲତଙ୍କ ଉପରୋକ୍ତ ରାୟ ଅଧିକ ଜଟିଳ କରିବାର ଆଶଙ୍କା ରହିଛି।

ସମ୍ପ୍ରତି ଜମିଜମା ସଂକ୍ରାନ୍ତରେ ପ୍ରଚଳିତ ଆଇନଗୁଡ଼ିକ ହେଲା ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ-୧୯୮୨(ଯାହା ବଳରେ ବିକ୍ରି, ଉପହାର, ଲିଜ୍ ଓ ମୋର୍ଟଗେଜ୍ ଆକାରରେ ଜମି ହସ୍ତାନ୍ତର କରାଯାଇପାରିବ), ଇଣ୍ଡିଆନ୍ ଷ୍ଟାମ୍ପ ଆକ୍ଟ-୧୮୯୯(ଯେଉଁଥିରେ ସରକାର ପଞ୍ଜିକରଣ ବାବଦ ଟିକସରେ ଭାଗୀଦାର ହେବେ) ଓ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮(ଯାହା ବଳରେ ଦଲିଲ୍ ପଞ୍ଜିକୃତ ହେବ)। ଉପରୋକ୍ତ ତିନିଟି ଯାକ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜିକୃତ ହେବା ବାଧ୍ୟତାମୂଳକ, ଯାହା ଫଳରେ କିଏ କାହାକୁ ବିକ୍ରି କଲା ତାହା ରେକର୍ଡଭୁକ୍ତ ହେବ। କିନ୍ତୁ ଜମିର ପ୍ରକୃତ ମାଲିକ କିଏ ତାହା ଏହି ପ୍ରକ୍ରିୟାରେ ପ୍ରମାଣିତ ହୋଇପାରିବ ନାହିଁ କି ସବରେଜିଷ୍ଟ୍ରାର ଜମିର ମାଲିକାନା ଆରୋପିତ କରିବା ପାଇଁ ଅଧିକୃତ ନୁହନ୍ତି।

ସାମ୍ପ୍ରତିକ ତଞ୍ଚକତାପୂର୍ଣ୍ଣ ଦୁନିଆରେ ଅସାଧୁ ଦଲାଲ୍‌ମାନେ ଗୋଟିଏ ଜମିକୁ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରିଦେଉଥିବାର ଉଦାହରଣ ବଢ଼ିବାରେ ଲାଗିଛି। ବାହୁବଳ, ଅର୍ଥବଳ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଟିଏ ଜମି ଉପରେ ଅଧିକାର ଜାହିର କରିପାରୁଥିବା ବେଳେ ନ୍ୟାୟପୂର୍ଣ୍ଣ ଓ ଆଇନାନୁମୋଦିତ ପ୍ରକ୍ରିୟାରେ କଷ୍ଟାର୍ଜିତ ଧନରେ ଜମି ଖଣ୍ଡିଏ କିଣିଥିବା ବିଚରା ସାଧାରଣ ଲୋକଟିଏ ସବୁଆଡୁ ନିରାଶ ହେଉଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଅସାଧୁ ଅମଲାମାନଙ୍କ କାରସାଦୀରେ ବିଚରା ସାଧାସିଧା ଲୋକଟିଏ ଜମି କିଣିବା ପରେ ମଧ୍ୟ ପଟା ବା ମ୍ୟୁଟେସନ୍ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଯଦି ସେ ଏହା ମଝିରେ ଆର୍ଥିକ ଆବଶ୍ୟକତା ପାଇଁ କିଣିଥିବା ଜମି ଖଣ୍ଡିକ ବିକିବାକୁ ଚାହେଁ ତେବେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ରାୟ ଆଧାରରେ ମାଲିକାନା ପାଇ ନଥିବାରୁ ବିକ୍ରି କରିବାର ଯୋଗ୍ୟ ହେବ କି ନାହିଁ ତାହା ଆଇନଗତ ଜଟିଳତା ସୃଷ୍ଟି କରିବ। ଫଳରେ ମହତ୍ ଉଦ୍ଦେଶ୍ୟରେ ଅଦାଲତ ଦେଇଥିବା ରାୟ ଗରିବ ଲୋକଟିର ବିପକ୍ଷରେ ଯିବ। ଏଣୁ ଆମେ ଅଦାଲତଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ତୃଣତୃଳସ୍ତରର ସମସ୍ୟାକୁ ହୃଦୟଙ୍ଗମ କରି ରାୟ ଯେପରି ଗରିବ ଅସହାୟ ଲୋକଟିର ହିତରେ ଆସିପାରିବ ସେଭଳି ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ହେଲେ ଆଇନ ମିତ୍ରମାନେ ଏ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ରାୟରେ ବିହିତ ସଂଶୋଧନ ପାଇଁ ସାଧୁ ଉଦ୍ୟମ କରିପାରିବେ।

## ହସିନା-ଅଡୁଆ ବଢ଼ିଲା

ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସେଠାକାର ଏକ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଭାରତ ପାଇଁ ଅଡୁଆ ବଢ଼ିଛି। ଆନ୍ତର୍ଜାତିକ ଆଇନ୍ ଓ ଭାରତ-ବାଂଲାଦେଶ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ବାଧ୍ୟ ନୁହେଁ। କିନ୍ତୁ କୂଟନୈତିକ ସମ୍ପର୍କର ସୁରକ୍ଷା ଦୃଷ୍ଟିରୁ ଅନୌପଚାରିକ ପ୍ରତ୍ୟର୍ପଣ ଭାରତ ପାଇଁ ଅଧିକ ନୈତିକ ତର୍କସମ୍ମତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ସେହିଦେଶରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ତେଣୁ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟ ନୁହେଁ। ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୂନ ଏକବର୍ଷରୁ ଊର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ସେହିପରି ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଞ୍ଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। ହସିନାଙ୍କ କ୍ଷେତ୍ରରେ ଉପରୋକ୍ତ ସଞ୍ଜ୍ଞା ଲାଗୁ ହେଉଥିବାରୁ ଆନ୍ତର୍ଜାତିକ ଆଇନ ଭାରତ ସପକ୍ଷରେ ଅଛି।

ଏ ସବୁର ଊର୍ଦ୍ଧ୍ୱରେ ସାମ୍ପ୍ରତିକ ଦ୍ରୁତପରିବର୍ତ୍ତନଶୀଳ ଭୂ-ରାଜନୈତିକ ଓ କୂଟନୈତିକ ସ୍ଥିତି ଦୃଷ୍ଟିରୁ ହସିନା ପ୍ରସଙ୍ଗ ଭାରତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦଲାଇ ଲାମାଙ୍କୁ ରାଜନୈତିକ ଆଶ୍ରୟ ଦେଇ ଭାରତ ଯେପରି ଚୀନ୍ ଯୁଦ୍ଧର ସମ୍ମୁଖୀନ ହୋଇଥିଲା ତାହାର ପୁନରାବୃତ୍ତି ଶେଖ୍ ହସିନାଙ୍କ ପ୍ରସଙ୍ଗରେ ହେବା ଅସମ୍ଭବ ନୁହେଁ। ସାମରିକ ଶକ୍ତି ଦୃଷ୍ଟିରୁ ବାଂଲାଦେଶ ଏକ ଦୁର୍ବଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଚୀନ୍ ଓ ପାକିସ୍ତାନ ଶରଣରେ ଥିବାରୁ ବଳଶାଳୀ ହେବାକୁ ଅଧିକ ସମୟ ଲାଗିବ ନାହିଁ। ଏହି ସୁଯୋଗରେ ବାଂଲାଦେଶକୁ ମୋହରା କରି ଚୀନ୍ ଓ ପାକିସ୍ତାନ ଉତ୍ତର-ପୂର୍ବ ଦିଗରୁ ଭାରତ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଇତିମଧ୍ୟରେ ବାଂଲାଦେଶର କାମଚଳା ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଗ୍ର ହେଉଛି। ତେଣୁ ହସିନା ପ୍ରସଙ୍ଗରେ ଅଧିକ ଆକ୍ରମଣାତ୍ମକ ହେବା ଅସ୍ୱାଭାବିକ ନୁହେଁ। ଭାରତ ଯେଉଁ ଦେଶକୁ ଜନ୍ମ ଦେଇଥିଲା ସେହି ଦେଶଠାରୁ ପୁଣି ଏକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ନ ହେଉ।

# ଛଦ୍ମ-ରାଜନୀତିର କପଟ-ରୋମାଞ୍ଚ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ରୋମାଞ୍ଚ ଅନୁଭବ କରିବା, ସାଦା ଭାଷାରେ କହିଲେ ଲୋମଟାଙ୍କୁରା ସାକ୍ରାରଟିଏ ଅନୁଭବ କରିବା ଆଦୌ ଏମିତି କିଛି ବିରଳ ଅନୁଭବଟିଏ ନୁହେଁ। ଏମିତି ବି କୁହାଯାଇପାରେ ସବୁ କିସମର ମାନବିକୀ ପ୍ରତିକ୍ରିୟାମାନଙ୍କ ଭିତରେ ଏ 'ରୋମାଞ୍ଚ' ପ୍ରତିକ୍ରିୟାଟି, ଏ ଲୋମଟାଙ୍କୁରା ପ୍ରତିକ୍ରିୟାଟି ହେଉଛି ବୋଧହୁଏ ବେଶୀ ଗଣତାନ୍ତ୍ରିକ। ଅର୍ଥାତ୍ ରାଜାପ୍ରଜା, ନାରୀପୁରୁଷ ବା ଜାତିଧର୍ମ ନିର୍ବିଶେଷରେ ଏ ପ୍ରତିକ୍ରିୟାଟି ତା'ର ସାର୍ବଜନିନତା ଜାହିର କରିଥାଏ। କବି ହୁଅନ୍ତୁ କି ଅକବି, ରାଜନେତାଏ ହୁଅନ୍ତୁ କି ପାଗଳ ପ୍ରେମିକ ହୁଅନ୍ତୁ କି ନଛୋଡ଼ବନ୍ଧା ମିଛୁଆ ହୁଅନ୍ତୁ -ସଭିଙ୍କର ନିର୍ଭେଜାଲ ଗଣତାନ୍ତ୍ରିକ ମୌଳିକ ଅଧିକାର ହେଉଛି ଠିକଣା ପାଣିପାଗ ପାଇଲେ ଆପଣା ଦେହର ଥାନଅଥାନରେ ସୋରିଷ ପ୍ରମାଣ ହେଉ କି କୁଆପଥର ପ୍ରମାଣ ହେଉ, ଟାଙ୍କୁରିତ ଆବୁ ମେଞ୍ଚାଏ ମେଞ୍ଚାଏ ଗଜୁରେଇ ଆଣିବା।

କଳାବାଦଲ ତଳେ ପୁଞ୍ଜାଏ ଧୋବ ଫରଫର ବଗବଗୁଲି ଉଡ଼ିଯିବା ଦେଖିଲେ ଶିଶିରଭିଜା ଶରତ ସକାଳେ ଅଭିମାନିନୀ ଶେଫାଳି ଫୁଲଙ୍କ ଆଲୁଳାୟିତ ଭୂମିଲଗ୍ନ-ମୁଦ୍ରା ଦେଖିଲେ କବିମାନଙ୍କ ଲୋମଟାଙ୍କୁରି ଉଠିଥାଏ - କେତେବେଳେ ଘନ ଆବେଗର ଆତିଶଯ୍ୟରେ ତ ଆଉ କେତେବେଳେ ନଶ୍ୱରତାର ଚିନ୍ତନରେ, ଅନିତ୍ୟତାର ଭୟବିଜଡ଼ିତ କରୁଣ ଉପଲବ୍ଧିରେ। ପ୍ରଥମ ପ୍ରେମର ମହ୍ଲାର ରାଗର ଚୁନା ଚୁନା ଉର୍ମିରେ ଧୋଇ ହୋଇଗଲେ ରୋମାଞ୍ଚ, ବରଫଶୀତଳ ଝରଣାଜଳର ଲାଜୁଆ ଛୁଆଁରେ ରୋମାଞ୍ଚ ଏବଂ ନିର୍ଜନ ପ୍ରହରରେ ଗାଁ ଶ୍ମଶାନର ଅଶ୍ୱତ୍ଥ ବୃକ୍ଷର ପତ୍ରଗହଳିରେ ଅମାନିଆ ପବନ ରଚୁଥିବା ଶବ୍ଦ ଭଉଁରୀରେ ବି ରୋମାଞ୍ଚ। ଅପ୍ରତ୍ୟାଶିତ ଆନନ୍ଦ, ଅପ୍ରତ୍ୟାଶିତ ଭୟ, ଆତଙ୍କ ଓ ଛାତିକୁ ରୁନ୍ଧି ପକାଉଥିବା କୋହଉଚ୍ଛୁଳା ଆବେଗ ପରି ସ୍ୱାଭାବିକ ମାନବୀୟ ପ୍ରବୃତ୍ତିସବୁର ଏମିତି ଗୋଲ୍‌ଗୋଲ୍ ଅକ୍ଷରମାନ ଲେଖି ହୋଇଯାନ୍ତି ଅତି-ସଂବେଦୀ ଦେହାଚ୍ଛାଦିତ ଚର୍ମପୃଷ୍ଠାରେ। ଜମା କିଛି ବିରଳ କି ଅନାହୂତ ନୁହେଁ ଏ ରୋମାଞ୍ଚ, ଏ ଲୋମଟାଙ୍କୁରାର ସିରିସିରି ସ୍ପନ୍ଦନ। କିନ୍ତୁ ବିରଳ ବା ଅନାହୂତ ନିଶ୍ଚୟ ଯେତେବେଳେ କେହିଜଣେ ଆପଣାର ମନ୍ଦ ଉଦ୍ଦେଶ୍ୟଟିକୁ ଗୁପ୍ତ ରଖି ସର୍ବସାଧାରଣରେ ବଖାଣି ବସେ ତା'ର ଲୋମଟାଙ୍କୁରାର ଗାଥା, ଯେତେବେଳେ ଯେଉଁ କଥା କି ଘଟଣା ଯୋଗୁଁ ତା'ର ଲୋମଟାଙ୍କୁରେଇ ଯାଇଥିଲା, ଯେଉଁ ଉତ୍ସରୁ ତା' ଦେହର ସେ ଅନ୍ୟଥା ଟାଆଁସା ଚର୍ମ ଉପରେ ଲୋମଟାଙ୍କୁରାର ଚଅଁର ପବନ ଖେଳି ଯାଇଥିଲା, ସେ କଥା, ସେ ଘଟଣା ଓ ଉତ୍ସ କୌଣସି ସଚ୍ଚା ମଣିଷକୁ ତିଳପ୍ରମାଣେ ବି ଚହଲେଇ ଦେବନାହିଁ କିମ୍ବା ଯଦି ବା ଚହଲେଇ ଦେବ, ସେଇଟା ସତ -ରୋମାଞ୍ଚଜନିତ ନହୋଇ ହେବ କେବଳ ନିରୋଳା ବିରକ୍ତିଜନିତ। କାରଣ ସଚ୍ଚା ମଣିଷ ଜଣକ ଅତି ସହଜରେ ହଂସ ପରି ପାଣିରୁ କ୍ଷୀର ଅଲଗା କରିଦେଇଥାଏ, ସତ କାନ୍ଦଣା ଓ କୁମ୍ଭୀର କାନ୍ଦଣାର ଫରକଟିକୁ ବୁଝିଯାଇଥାଏ ଏବଂ ବୁଝି ବି ଯାଇଥାଏ ସତ୍‌ପ୍ରେମ, ସତ୍‌ଭାବ ଓ ସଦିଚ୍ଛା ପ୍ରେରିତ ଉଚ୍ଚାରଣର ଶ୍ରବଣରେ ଯେଉଁ ଲୋମଟାଙ୍କୁରାର ଅନୁଭବଟି ହୋଇଥାଏ, ତା'ର ଉତ୍ସ ସବୁବେଳେ ଖାଦହୀନ, ସବୁବେଳେ ଛଳନା-ନିର୍ମୋକରହିତ ଓ ବିଶୁଦ୍ଧ ଆବେଗପୂର୍ଣ୍ଣ।

କବି, ଭାବୁକ ଓ ଚିନ୍ତକ, ପ୍ରେମଭାବ ବା ମମତ୍ୱବୋଧରେ ସଦା ପୁଲକିତ ମଣିଷମାନେ ରୋମାଞ୍ଚିତ ହୋଇଥା'ନ୍ତି ବାରବାର। ସେମାନଙ୍କର ଏ ଅନୁଭବର ଉତ୍ସ ଅନେକ ସମୟରେ ଖୁବ୍ ମହନୀୟ, ଶୋଭନୀୟ, ଖୁବ୍ ପୂତପବିତ୍ର। ସରସୀ ଜଳରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭାରେ ମୋହିତ ହୋଇ କବି ରୋମାଞ୍ଚିତ ହୁଏ ଓ ଗାଇ ଉଠେ: 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି'; ନଗାଧିରାଜ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡର ଅନନ୍ୟ ସୌନ୍ଦର୍ଯ୍ୟର ସୁମରଣା କରି କବି ଗାଇ ଉଠେ; 'ସୁଜଳାଂ ସୁଫଳାଂ ଶସ୍ୟଶ୍ୟାମଳାଂ' ବା 'ସର୍ବେଷାଂ ନୋ ଜନନୀ ଭାରତ ବର୍ଷେ'; 'ବସୁଧୈବ କୁଟୁମ୍ବକମ୍'ର ସାରତତ୍ତ୍ୱଟି ବୁଝିଥିବା କବି ଗାଇଉଠେ: 'ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱ ହିତେ ତା'ର ପ୍ରତି ପ୍ରାଣବିନ୍ଦୁ' ଓ ପ୍ରତିଟି ମଣିଷର ଦୁଃଖକୁ ନିଜର କରିଥିବା କବି ଗାଇ ଉଠେ: 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ / ଜଗତ ଉଦ୍ଧାର ହେଉ'। ରୋମାଞ୍ଚର ଶିହରଣରେ ଆମେ ଥରି ଉଠୁ ଉଡ୍ଡୀୟମାନ ତ୍ରିରଙ୍ଗାର ଅବଲୋକନରେ, ଥରି ବି ଉଠୁ ଯେତେବେଳେ ସ୍ୱାଧୀନତା ଦିବସର ମାହେନ୍ଦ୍ର ବେଳାରେ ଆମେ ଶୁଣିଥାଉ 'ଏ ମେରେ ୱତନ କେ ଲୋଗୋ'। ଏ ରୋମାଞ୍ଚସବୁ ସ୍ୱର୍ଗୀୟ ରୋମାଞ୍ଚ। ସତ୍-ରୋମାଞ୍ଚ ସବୁର ଉତ୍ସ ହେଉଛି ଆମକୁ କିୟତ୍‌କ୍ଷଣ ପାଇଁ ସ୍ତବ୍ଧ କରି ଦେଇଥିବା ଭାବାବେଗ, ଆମକୁ ବିମୋହିତ କରି ଦେଉଥିବା ସୌନ୍ଦର୍ଯ୍ୟ କିମ୍ବା ଆମର ମାନବତାକୁ ଉଜ୍ଜ୍ୱଳ, ପ୍ରଖର, ଜାଗରିତ କରିଦେଉଥିବା ପ୍ରେମ- ସେ ପ୍ରେମ ଦେଶପ୍ରେମ ହୋଇପାରେ, ବିଶ୍ୱପ୍ରେମ ହୋଇପାରେ, ହୋଇପାରେ ବି ଉଚ୍ଚାଙ୍ଗ ଭାବାଦର୍ଶର ପ୍ରେମ କିମ୍ବା ମହାନ୍ ସମ୍ବିଧାନ ପ୍ରତି ଆମର ସମ୍ମାନ, ଆନୁଗତ୍ୟ ଓ ଅଖଣ୍ଡ ପ୍ରେମ। ଏ ଧରଣର ରୋମାଞ୍ଚମାନ ସର୍ବଦା ବନ୍ଦନୀୟ ଓ ସେଥିପାଇଁ ବର୍ଣ୍ଣନୀୟ ମଧ୍ୟ - ସର୍ବସାଧାରଣରେ ହେଉ କି ଏକ କ୍ଷୁଦ୍ର ଅନ୍ତରଙ୍ଗ ମହଲରେ ହେଉ। କିନ୍ତୁ ଘୋର ବିଡ଼ମ୍ବନାର କଥା ଯେ ବର୍ତ୍ତମାନର ଏ 'ପୋଷ୍ଟ-ଟ୍ରୁଥ୍', ଏ 'ଫେକ୍ ବା ଡିପ୍‌ଫେକ୍' ର କାଳଖଣ୍ଡରେ, ଏ ଉଗ୍ର-ଦକ୍ଷିଣ ବା ଉଗ୍ର-ବାମ ଆଦର୍ଶରେ ଭ୍ରଷ୍ଟ-ମୋହିତ ମଣିଷଙ୍କ ଭିଡ଼ ଭିତରେ ପକ୍‌କା ଅଭିନୟ-ପ୍ରବଣ ଏମିତି କେତେ କେତେ ତଥାକଥିତ ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଆମେ ଦେଖୁଛେ, ଯେଉଁମାନେ ହଠାତ୍ ଆଦ୍ୟ ଆଷାଢ଼ର ବ୍ରାହ୍ମଣୀ ବେଙ୍ଗମାନଙ୍କ ପରି ଲମ୍ଫ ମାରିବା ଆରମ୍ଭ କରି ଦେଉଛନ୍ତି ଗୋଟିଏ ରାଜନୈତିକ ମଞ୍ଚରୁ ଅନ୍ୟ ଏକ ରାଜନୈତିକ ମଞ୍ଚକୁ; ଯେଉଁମାନେ ଆପଣାକୁ ସବୁପ୍ରକାର ଦୋଷବୋଧରୁ ମୁକ୍ତ କରିଦେବା ପାଇଁ ଏମନ୍ତ ଲମ୍ଫପ୍ରଦାନ, ଏମନ୍ତ 'ବୋଧିପ୍ରାପ୍ତି' ଓ ତଦ୍‌ଜନିତ 'ରୋମାଞ୍ଚ'ର କଥା ଓ ଗାଥାମାନ ବଖାଣି ବସୁଛନ୍ତି ସେମାନଙ୍କୁ ଅପର୍ଯ୍ୟାପ୍ତ ବିସ୍ମୟ, ଅପର୍ଯ୍ୟାପ୍ତ ଅବିଶ୍ୱାସର ସହ ଦେଖୁଥିବା, ଶୁଣୁଥିବା ଶ୍ରୋତା ବା ଦର୍ଶକମାନଙ୍କ ଆଗରେ।

ବିଜ୍ଞାନ କହେ, 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ରୂପକ ଦୈହିକ ବ୍ୟାପାରଟିର ମୂଳରେ ରହିଛି ଆମର 'ଜେନିଟିକ୍' ବା 'ଜୈବ-କୋଷୀୟ' ସ୍ମୃତି; ରହିଛି ବି ବିବର୍ତ୍ତନୀୟ ଇତିହାସର ପ୍ରଥମ ପର୍ଯ୍ୟାୟମାନଙ୍କରେ ଆଦିମ ମଣିଷ ଭୋଗିଥିବା ଭିନ୍ନ ଭିନ୍ନ ଦୈହିକ କ୍ରିୟା-ପ୍ରତିକ୍ରିୟାମାନଙ୍କର ସ୍ମୃତି। ଆଦିମ ମଣିଷର ଶରୀର ଥିଲା ଲୋମବହୁଳ ଏବଂ ଯାବତୀୟ ପ୍ରାକୃତିକ ଦୁର୍ବିପାକ ଭିତରେ ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଭୟ, ଆତଙ୍କସବୁକୁ ସାମ୍ନା କରୁଥିବାବେଳେ 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ଥିଲା ଲୋମଶ ମଣିଷର ସ୍ୱାଭାବିକ ଦୈହିକ ପ୍ରତିକ୍ରିୟା। ବାଘର ହେଣ୍ଟାଳ ଶୁଣିଲେ ଆଦିମ ମଣିଷର ଲୋମସବୁ ଠିଆ ହୋଇ ଯାଉଥିଲେ। ଏବେ କିନ୍ତୁ କତିପୟ ଅତ୍ୟାଧୁନିକ ମଣିଷମାନଙ୍କର ଲୋମସବୁ ଠିଆ ହୋଇଯାଉଛନ୍ତି ମାଇକ୍ରୋଫୋନ୍ ଆଗରେ ସେମାନେ ମିଛ ଆଦର୍ଶ, ମିଛ ଦେଶାତ୍ମବୋଧର ବନ୍ଦନା ଗାଉଥିବା ବେଳେ। ଏଣ୍ଡୁଅ ପରି ବାରମ୍ବାର ରଙ୍ଗ ବଦଳାଇବାରେ ଓସ୍ତାଦ କେତେଜଣ ଏବେ ଯେଉଁ 'ରୋମାଞ୍ଚ'ର ସିରିସିରି ଦହନ ଅନୁଭବ କରୁଛନ୍ତି, 'ଲୋମଟାଙ୍କୁରା'ର କଣ୍ଟକାଘାତ ସେମାନେ ଥରେ କେବେ ନିଶ୍ଚୟ ଭୋଗିଥିଲେ ବୋଲି କୋହକମ୍ପିତ ସ୍ୱରରେ ଉଦ୍‌ଗାରି ପକାଉଛନ୍ତି, ସେ ସବୁ ତୁଚ୍ଛା ମିଛ ରୋମାଞ୍ଚ, ମିଛ ଲୋମଟାଙ୍କୁରା। ସେମାନଙ୍କର ଏ ଦୈହିକ (ମାନସିକ ବି) ଅନୁଭବ ହୋଇଥାଏ କେବେ କେଉଁଠି କେଉଁ ମଞ୍ଚରେ କାହା ତୁଣ୍ଡରୁ ଘୃଣା, ଅସୂୟା ଓ ସାଂପ୍ରଦାୟିକତାର ବିଷମୟ ଭାଷଣବାଜି ଶୁଣିବା ପରେ ବା କାହା ତୁଣ୍ଡରୁ ଧର୍ମ, ସଂସ୍କୃତି ଓ ରାଷ୍ଟ୍ରପ୍ରେମ ନାମରେ ବିଭାଜନକାରୀ ମତମନ୍ତବ୍ୟମାନ ଶୁଣିବା ପରେ। ଏମାନଙ୍କର ଏ ଅନୁଭବ ହୋଇଥାଏ ବିକୃତ ଆବେଗ, ବିକୃତ ଆବେଶସବୁର ପ୍ରାବଲ୍ୟ ଯୋଗୁଁ ଏବଂ ଖାସ୍ ସେଥିଯୋଗୁଁ ଏ ଅନୁଭବ ପୂରାପୂରି ଶସ୍ତା, ପୂରାପୂରି ସାଧାରଣ, ଏପରିକି ପୂରାପୂରି ଖାଦହୀନ ଭାବରେ ହାସ୍ୟୋଦ୍ଦୀପକ ମଧ୍ୟ।

କଟାଫଳମାନଙ୍କର ଥାଳିଏ 'ସାଲାଡ୍'ର ଦର୍ଶନରେ କିମ୍ବା କୌଣସି ବିକ୍ରୟଯୋଗ୍ୟ ଲୋଭନୀୟ ଚିଜ ଉପରେ ମସ୍ତବଡ଼ ଆକର୍ଷଣୀୟ 'ଡିସକାଉଣ୍ଟ' ବା 'ରିହାତି'ଟିଏ ପାଇଲେ ଯେମିତି କେତେ କେତେ ଅବୋଧମଣିଷଙ୍କର ଲୋମଟାଙ୍କୁରି ଉଠିଥାଏ ଲଜ୍ଜାହୀନ ସୁଖବୋଧରେ, ସେମିତି ଏମାନଙ୍କର ବି ହୋଇଥାଏ ଠିକଣା ପାଣିପାଗରେ, କିମ୍ବା ଠିକଣା ମଞ୍ଚମାନଙ୍କରେ ଠିଆ ହୋଇଥିବା ବେଳେ। ମିଛ-ରୋମାଞ୍ଚ, ମିଛ ଲୋମଟାଙ୍କୁରା ବନ୍ଦନୀୟ କେବେ ନୁହେଁ, ତେଣୁ ବର୍ଣ୍ଣନୀୟ ବା କେମିତି ହେବ? ଯଦି ଏମିତି କପଟ-ରୋମାଞ୍ଚରେ କିଏ କେବେ ଥରି ଉଠିଥିବ, ସିଏ ଅନ୍ୟ କିଛି ହୋଇପାରେ, କିନ୍ତୁ କେବେ କ'ଣ ସିଏ ମଧୁ, ଗୋପବନ୍ଧୁ କି ଭୀମଭୋଇଙ୍କ ପରି ଜଣେ ସଚ୍ଚା ମଣିଷ, ଜଣେ ଶୁଦ୍ଧସୁବର୍ଣ୍ଣ ମଣିଷ ହୋଇପାରିବ?

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଅପମିଶ୍ରଣର ସାମ୍ରାଜ୍ୟ

ସୁଧାଂଶୁ ପାତ୍ର

ପୁଷ୍ଟିକର ଖାଦ୍ୟ ଅମୃତ ସମାନ, ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ। କିନ୍ତୁ ଆଜି ଦେଶବାସୀଙ୍କ ସୁସ୍ଥ ଓ ନିରାମୟ ଜୀବନ ଏବେ ମୁନାଫାଖୋର ଅପମିଶ୍ରଣକାରୀ ବେପାରୀଙ୍କ ହାତରେ। ଏହାର ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଭେଜାଲ କଫ୍ ସିରପ୍ ଖାଇ ୨୩/୨୫ ଶିଶୁଙ୍କ ମୃତ୍ୟୁ ଘଟଣା। କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରି କଲେ ଯେ ୨ ବର୍ଷରୁ କମ୍ ବୟସର ଶିଶୁକୁ କଫ୍ ଶିରପ୍ ଦେବା ଉଚିତ ନୁହେଁ। ବିଜ୍ଞପ୍ତି ଜାରି କରି ସରକାର ତାଙ୍କ ଦାୟିତ୍ୱ ସାରିଦେଲେ।

ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଏବଂ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟରେ ମିଳୁଛି। ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଦେଶରେ ଦୈନିକ ୭୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାର ଭରପୂର ଫାଇଦା ଉଠାଉଛନ୍ତି ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ। ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ। ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରିଖିବା କଷ୍ଟକର। ଅପମିଶ୍ରଣର ଏହି ଗୋଲକଧନ୍ଦା ଓ ଅର୍ଥ ରୋଜଗାରର ଲାଳସାରେ ସମାଜରେ ସାମୂହିକ କ୍ଷତି ଘଟୁଛି। ଅପମିଶ୍ରିତ ଖାଦ୍ୟ ଗ୍ରହଣ ଫଳରେ ଯକୃତ, ଅଗ୍ନାଶୟ, ବୃକକ୍, ହୃତପିଣ୍ଡ ଉପରେ ସାଂଘାତିକ ପ୍ରଭାବ ପଡୁଛି।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ ବୋଲି ଜଣାପଡ଼ିଛି। ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷାମାନ ନିୟମାବଳୀ ପୂରଣ କରିପାରୁନାହିଁ। ଦୁଗ୍ଧଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ। ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା। ଯାହାକି ଘରଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ରୋଜଗାର କରିପାରୁଥିଲା। ମାତ୍ର ଏବେ ସମୟ ବଦଳିଛି। ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ। ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶାଇ ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଥିପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି।

କିଛିଦିନ ତଳେ ଦୁଗ୍ଧ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡବିଧାନ ହୋଇଛି। ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ। ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି। କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଉତ୍ପାଦନରେ ସୀମିତ ନାହିଁ। ଏହା ଆଇସକ୍ରିମ୍, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ସାମିଲ୍ ହେଲାଣି। ଅପମିଶ୍ରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ କୋହଳ ଦଣ୍ଡ ଓ ଜୋରିମାନା ଆଦାୟରେ ସୀମିତ ରହୁଥିବାରୁ ଅପମିଶ୍ରଣକାରୀ ମୁନାଫାଖୋର ବେପାରୀ ଏହାକୁ ଖାତିର ନକରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧର ପରିସର ବୃଦ୍ଧି ପାଉଛି। କେତେକ କ୍ଷେତ୍ରରେ ଏହାକୁ ଦୃଢ଼ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ପାଇଁ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ।

ଏହି ପରିପ୍ରେକ୍ଷୀରେ ବେଳ ଥାଉଥାଉ ସାବଧାନ ନ ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ। ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ। ତେଣୁ ଏହା ବିରୁଦ୍ଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣକୁ ଦେଶରୁ ସମୂଳେ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମାନା ସହ ଦୋଷୀଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍।

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

# ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ନୀଳାଚଳରେ ବିଶାଳ ମନ୍ଦିର ଏବଂ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାପନ ଉତ୍ସବ ବ୍ରହ୍ମାଙ୍କ ପୌରୋହିତ୍ୟରେ ମହାସମାରୋହରେ ସମାପନ ହେଲା। ଦେବତାମାନେ ନିଜ ନିଜର ବାହାନ ଆରୋହଣ କରି ସ୍ୱର୍ଗପୁରକୁ ଫେରିଗଲେ। ନିମନ୍ତ୍ରିତ ଅତିଥିମାନେ ନିଜ ନିଜ ରାଜ୍ୟକୁ ବାହୁଡ଼ି ଗଲେ। ପୁରୋହିତ ବ୍ରହ୍ମା ମଧ୍ୟ ରାଜାଙ୍କୁ ଆଶୀର୍ବାଦ କରି ମେଲାଣି ନେଲେ। ଶେଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ କେବଳ ଦୁଇଜଣ ଦଣ୍ଡାୟମାନ ଥିଲେ - ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା।

ରାଜା ଅପଲକ ନୟନରେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଚାହିଁ ରହିଥା'ନ୍ତି। ଧାର ଧାର ଆନନ୍ଦାଶ୍ରୁ ଆଖିରୁ ବୋହି ଚାଲିଥାଏ। 'କାହିଁ ମାଳବ କାହିଁ ଉତ୍କଳ, ସେଠାରୁ ଆସି ଶିବିର ସ୍ଥାପନ କରି ଏକସହସ୍ର ଅଶ୍ୱମେଧ ଯଜ୍ଞ କରିବା, ସୁଦୂର ବିନ୍ଧ୍ୟ ପର୍ବତରୁ ପଥର ସଂଗ୍ରହ କରି ମନ୍ଦିର ନିର୍ମାଣ କରିବା, ମହାଦାରୁରେ ବୁଢ଼ା ବଢ଼େଇ ଦ୍ୱାରା ବିଗ୍ରହ ନିର୍ମାଣ କରିବା ଓ ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ଆଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରିବା- ଏ ସବୁ ରାଜାଙ୍କୁ ସ୍ୱପ୍ନ ପରି ଲାଗୁଥିଲା। ସେ ବିଶ୍ୱାସ କରି ପାରୁ ନ ଥିଲେ ଯେ ଏତେସବୁ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା କେବଳ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇଥିଲା ବୋଲି ଚିନ୍ତା କରି ରାଜା ଠାକୁରଙ୍କ ଉଦ୍ଦେଶ୍ୟରେ ଭୂମିଗତ ପ୍ରଣାମ କଲେ। ରାଜାଙ୍କୁ ଦେଖି ରାଣୀ ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ସମୟରେ ମହାପ୍ରଭୁ କହିଲେ - 'ବତ୍ସ ଇନ୍ଦ୍ରଦ୍ୟୁମ୍ନ! ମୋତେ ପ୍ରତିଷ୍ଠାପନ କରି ତୁମେ ମୋର ମହାନ ଭକ୍ତମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲ। ଜଣେ ପରମ ବୈଷ୍ଣବ ରୂପେ ଯୁଗଯୁଗକୁ ତୁମର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ମୁଁ ଏହି ଧାମରେ ନିତ୍ୟ ବିରାଜମାନ କରିବି। ମୁଁ ଯେପରି ଚିରନ୍ତନ ଏ ଧାମ ସେହିପରି ଚିରନ୍ତନ। ଭକ୍ତ ମୁଖରେ ତୁମର ନାମ ମଧ୍ୟ ଚିରନ୍ତନ ହେବ। ବର୍ତ୍ତମାନ ମୁଁ ତୁମକୁ ଏକ ବର ଦେବାକୁ ଚାହେଁ। ତୁମେ ତୁମର ଇଚ୍ଛାନୁସାରେ ବର ମାଗି ପାର।'

'ମହାପ୍ରଭୁ! ଏ ଅକିଞ୍ଚନକୁ ଆପଣ ସ୍ୱଦେହରେ ଦର୍ଶନ ଦେଇଛନ୍ତି। ସେତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କୌଣସି ବରର ଆବଶ୍ୟକତା ନାହିଁ।' ଇନ୍ଦ୍ରଦ୍ୟୁମ୍ନ ଭାବବିଗଳିତ ସ୍ୱରରେ କହିଲେ। ମହାପ୍ରଭୁ କହିଲେ- 'କିନ୍ତୁ ତୁମକୁ କିଛି ଦେବା ପାଇଁ ମୋ ମନରେ ଆଗ୍ରହ ଅଛି। ମୋର ଇଚ୍ଛା ପୂରଣ କରିବା ପାଇଁ ତୁମକୁ ମୋତେ କିଛି ମାଗିବାକୁ ପଡ଼ିବ।' ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ- 'ପ୍ରଭୁ! କିଛି ମାଗିବା ପାଇଁ ଯେବେ ମୁଁ ନିର୍ଦ୍ଦେଶିତ ହୁଏ, ତା' ହେଲେ 'ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନ ଥିବେ ଗୋସାଇଁ / ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର, ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର।' ମହାପ୍ରଭୁ 'ତଥାସ୍ତୁ' କହି ଇନ୍ଦ୍ରଦ୍ୟୁମ୍ନଙ୍କ ବର ଦେଲେ। କିନ୍ତୁ ରାଣୀ ଗୁଣ୍ଡିଚା ରାଜାଙ୍କୁ କହିଲେ- 'ମହାରାଜ! ଆପଣ ଏ କି ବର ପ୍ରାର୍ଥନା କରି ନେଲେ? ଆମେ ଅପୁତ୍ରିକ ହେଲେ, ଆମକୁ ପୁତ୍ ନର୍କରୁ ଉଦ୍ଧାର କରିବ କିଏ? ଆମର ମରଣ ପରେ ଆମକୁ ଶ୍ରାଦ୍ଧ ଦାନ କରିବ କିଏ? ଆପଣ ଏ ବର ଫେରେଇ ନେବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ।'

ରାଣୀଙ୍କର ଅଭିଯୋଗ ମହାପ୍ରଭୁ ଶୁଣୁଥିଲେ। ରାଜା କିଛି କହିବା ଆଗରୁ ସେ କହିଲେ- 'ମାତା! ଥରେ ବର ଦେଲା ପରେ ଆଉ ତା'ର ପରିବର୍ତ୍ତନ ସମ୍ଭବ ହୁଏ ନାହିଁ। କିନ୍ତୁ କାଳକାଳକୁ ମୁଁ ତୁମ ଦୁହିଁଙ୍କୁ ପିତାମାତା ରୂପେ ସ୍ୱୀକାର କରୁଛି ଏବଂ ମୋତେ ତୁମର ପୁତ୍ର ରୂପେ ଘୋଷଣା କରୁଛି। ମୋର ପୂର୍ବଜନ୍ମର ପିତାମାତାଙ୍କ ସହ ମୁଁ ତୁମ ଦୁହିଁଙ୍କୁ ସମାନ ଆସନ ପ୍ରଦାନ କରୁଛି। ଦେବ ଦୀପାବଳୀ ତିନିଦିନ ମୁଁ ଆପଣମାନଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ପ୍ରଥମ ଦିନ ମୋର ବାମନାବତାରର ପିତାମାତା ଅଦିତି ଓ କାଶ୍ୟପଙ୍କୁ, ଦ୍ୱିତୀୟ ଦିନ ରାମାବତାରର ପିତାମାତା ଦଶରଥ ଓ କୌଶଲ୍ୟାଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୃତୀୟ ଦିନ ମୁଁ ମୋର କୃଷ୍ଣାବତାରର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦାଙ୍କ ସହ ତୁମ ଦୁଇଜଣଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୁମେ ଏଠାରେ ମୋତେ ପ୍ରତିଷ୍ଠାପନ କରି ଥିବାରୁ ଧର୍ମ ବିଚାରରେ ମୋର ପିତାମାତା ପଦବାଚ୍ୟ ହେଲ। ତୁମକୁ ସେ ମର୍ଯ୍ୟାଦା ପ୍ରଦାନ କରି ମୁଁ ସଂସାରକୁ ଏକ ବାର୍ତ୍ତା ଦେବାକୁ ଚାହେଁ। ତା' ପରେ ସବୁବର୍ଷ ଘୋଷଯାତ୍ରା ସମୟରେ ମୁଁ ନଅ ଦିନ ପାଇଁ ତୁମ ମନ୍ଦିରରେ ଅବସ୍ଥାନ କରି ତୁମର ମାତୃସ୍ନେହ ଲାଭ କରିବି।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା**

## ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ କଲା ଏନ୍ଆଇଏ

ଭୁବନେଶ୍ୱର,୧୮ ।୧୧(ସମିସ): କଟକ ଲିଙ୍କ୍ ରୋଡ୍‌ରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ)। ମୋଟ ୧୦ଜଣ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି।

ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ କଟକ ଲିଙ୍କ୍ ରୋଡ୍ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ଖବର ପାଇଥିଲା। ସେଠାରୁ ଜଣେ ୧୬ବର୍ଷୀୟା ନାବାଳିକାକୁ ଉଦ୍ଧାର କରିବା ପରେ ସାଂଘାତିକ କଥା ପଦାକୁ ଆସିଥିଲା।

**ନିଯୁକ୍ତି ଲୋଭରେ ଆଣି ଦେହ ବେପାରରେ ଲଗାଇଥିଲେ**

ନାବାଳିକାର ଘର ବାଂଲାଦେଶ ହୋଇଥିବା ବେଳେ ଦଲାଲ ତାକୁ ଚାକିରି ଲୋଭରେ କଟକ ଆଣିଥିଲା। ଏଠାରେ ରଖିବା ମଧ୍ୟରେ ସେକ୍ସ ରାକେଟରେ ନିୟୋଜିତ କରି ଦଲାଲମାନେ ମୋଟା ଅଙ୍କର ଟଙ୍କା କମାଉଥିଲେ ବୋଲି ଜଣାପଡ଼ିଥିଲା। ମଧୁପାଟଣା ଥାନା ପୁଲିସ କେସ୍ ନଂ ୩୦୭/୨୪ ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ କମିସନରେଟ ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କମିସନରେଟ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା।

ତେବେ ଏହି କାରବାର ପଛରେ ଅନ୍ତର୍ଜାତୀୟ ରାକେଟ୍ କାମ କରୁଥିବା ଜାଣିବା ପରେ କମିସନରେଟ ପୁଲିସ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଥିଲା। ନାବାଳିକାଜଣଙ୍କ ବାଂଲାଦେଶୀ ଓ ଏହା ଏକ ମାନବ ଚାଲାଣ ମାମଲା ହୋଇଥିବାରୁ ପରବର୍ତ୍ତୀ ସମୟରେ ଏନ୍ଆଇଏ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା। ଏନ୍ଆଇଏ ତଦନ୍ତ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଓ ଆର୍ଥିକ କାରବାର ଖୋଳତାଡ଼ କରିବା ପରେ ଆଉ ଦୁଇ ଜଣଙ୍କ ସଂପୃକ୍ତି ମିଳିଥିଲା। ଏନ୍ଆଇଏ ଆଉରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୁର୍ବଳ ଆର୍ଥିକ ସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନାବାଳିକାକୁ ଚାକିରି ଆଳରେ କଟକ ନେଇ ଆସିଥିଲେ। ଏଠାରେ ନାବାଳିକାକୁ ରଖି ସେକ୍ସ ରାକେଟରେ ନିୟୋଜିତ କରିଥିଲେ ବୋଲି ଏନ୍ଆଇଏ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। କମିସନରେଟ ପୁଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଏନ୍ଆଇଏ। ପୋକ୍ସୋ ଆକ୍ଟ୍ ୨୦୧୨ ଓ ମାନବ ଚାଲାଣ ଆଇନ ୧୯୫୬ ଆଧାରରେ ଭୁବନେଶ୍ୱରସ୍ଥିତ ଏନ୍ଆଇଏର ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଛି ଚାର୍ଜସିଟ୍। ଘଟଣାର ଅଧିକ ତଦନ୍ତ ମଧ୍ୟ ଜାରି ରହିଥିବା ଏନ୍ଆଇଏ ପକ୍ଷରୁ କୁହାଯାଇଛି।

**■ ଆଇନଜୀବୀ ପୀତବାସ ହତ୍ୟା ମାମଲା**

## ମଦନ ଦଳେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ଆବେଦନ

ବ୍ରହ୍ମପୁର, ୧୮ ।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ତାଙ୍କ ଓକିଲ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। ସମ୍ବିଧାନର ଧାରା ୨୧ ଓ ୨୨ ଅନୁଯାୟୀ ମଦନ ଦଳେଇଙ୍କ ନାମରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ୧୬୧ରେ ରେକର୍ଡ ହୋଇଥିବା ବୟାନରେ ମଧ୍ୟ ତାଙ୍କ ନାମ ନଥିବା ଦର୍ଶାଇଛନ୍ତି ତାଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ। ସେହିଭଳି ଭାରତୀୟ ନ୍ୟାୟ

**ପିଟିସନ ଉପରେ ଶୁଣାଣି ସହ ରାୟ ପ୍ରକାଶ ଆଜି**

ସଂହିତାର ଧାରା ୪୭ ଓ ୪୮ ପ୍ରକାରେ ମଧ୍ୟ ପୁଲିସ ମଦନଙ୍କୁ ଗିରଫ ସମୟରେ କୌଣସି ଉଚିତ ତଥ୍ୟ ଓ କାରଣ ଉପସ୍ଥାପନ କରିନଥିବା ସେ ତାଙ୍କ ପିଟିସନ୍‌ରେ ଦର୍ଶାଇଛନ୍ତି। ଏହି ପିଟିସନ୍ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ ହୋଇଥିବା ବେଳେ ଶୁଣାଣି ପାଇଁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଫଳରେ ଏହି ପିଟିସନ୍ ଉପରେ ଆସନ୍ତା ବୁଧବାର ୧୯ ତାରିଖରେ ଶୁଣାଣି ସହ ରାୟ ପ୍ରକାଶ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଆଇନଜୀବୀ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନୁରୂପ ଏକ ପିଟିସନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ମଧ୍ୟ ପୂର୍ବରୁ ଦାଖଲ ହୋଇଥିବା ବେଳେ କୋର୍ଟ ତାହାକୁ ନିଜର କ୍ଷମତା ବାହାରେ ଦର୍ଶାଇ ଖାରଜ କରିଥିଲେ। ବର୍ତ୍ତମାନ ଏହି ପିଟିସନର ଶୁଣାଣି ପରେ କି ରାୟ ଆସୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ଝାରସୁଗୁଡ଼ାରୁ ଧରା ହେଲେ ୧୨ ସାଇବର୍ ଠକ

ଝାରସୁଗୁଡ଼ା, ୧୮ ।୧୧(ସମିସ): ଝାରସୁଗୁଡ଼ା ପୁଲିସ ଆଜି ଏକ ସାଇବର୍ ଠକ ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିବା ସହ ୧୨ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଝାରସୁଗୁଡ଼ାର ସୋନୁ ମଣ୍ଡଳ ଓରଫ୍ ଟିଙ୍ଗା (୨୩), ଶୁଭମ ପ୍ରସାଦ (୨୧), ଶିଭମ୍ ସାହୁ (୨୦), ଅଭୟ ଘୋଷ (୨୦), ସମୀର ସୁନା ଓରଫ ମନୁ

**୬୧ଟି ପାସ୍‌ବୁକ, ୪୧ଟି ଏଟିଏମ୍, ୯୦ଟି ମୋବାଇଲ ଫୋନ ଜବତ**

(୨୦), ଏମ୍. ଜଗଦୀଶ୍ୱର ରାଓ ଓରଫ୍ ଚିଣ୍ଟୁ(୧୯), ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ (୨୪), ନରେଶ ବାଗ ଓରଫ୍ ବାବୁ(୨୫), ଧୀରଜ ଗରଡ଼ିଆ (୧୯), ରାଉରକେଲାର ଅଭିରାଜ ଶାହ (୨୬)। ଏମାନଙ୍କ ସହ ଆଉ ୨ଜଣ ନାବାଳକ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୬୧ଟି ପାସବୁକ୍, ୪୧ଟି ଏଟିଏମ୍ କାର୍ଡ, ୯୦ଟି ମୋବାଇଲ, ଗୋଟିଏ କାର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି। ଝାରସୁଗୁଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି, ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି କହିଛନ୍ତି।



ସୂଚନାନୁଯାୟୀ, ଗେମିଂରୁ ରୋଜଗାର କରିବାକୁ କହି ଏମାନେ ଲୋକଙ୍କୁ ଚୂନ ମାରୁଥିଲେ। ଗରିବ, ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ। ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ନୂଆ ସିମ୍‌କାର୍ଡ ଆକ୍ଟିଭ୍ କରୁଥିଲେ। ଏଥିପାଇଁ ସେମାନେ ୫ହଜାର ଟଙ୍କା ଲୋଭ ଦେଖାଉଥିଲେ। ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସେମାନେ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ବସିଥିବା ସାଇବର୍ ଠକଙ୍କୁ ବିକିଦେଉଥିଲେ। ସାଇବର୍ ଠକମାନେ ଉକ୍ତ ସିମ୍ ଓ ଆକାଉଣ୍ଟ ବ୍ୟବହାର କରି ବଡ଼ ବଡ଼ ସାଇବର୍ ଅପରାଧ ଭିଆଉଥିଲେ। ଖାଲି ସେତିକି ନୁହେଁ, ସାଇବର୍ ଠକେଇରୁ ଉକ୍ତ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ମଧ୍ୟ ଏମାନେ ଉଠାଣ କରି ଠକଙ୍କ ଅନ୍ୟ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ। ଏମାନଙ୍କର ଲିଙ୍କ୍ ସାଇବର୍ ଠକଙ୍କ ହେଡ୍‌କ୍ୱାର୍ଟର୍ କୁହାଯାଉଥିବା ଝାଡ଼ଖଣ୍ଡ ଜାମତରା ସହ ଥିବା ପୁଲିସ କହିଛି। ସେହିପରି ବିହାର ଓ ରାଜସ୍ଥାନକୁ ମଧ୍ୟ ଏହି ସାଇବର ଠକେଇର ଚେର ଲମ୍ବିଛି। ଏକ ଚୋରି ମାମଲାର ତଦନ୍ତ ବେଳେ ମିଳିଥିବା ସୂତ୍ର ଆଧାରରେ ପୁଲିସ୍ ଏହି ଠକଙ୍କୁ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।

## ପୁଣି ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ!

ରେଢ଼ାଖୋଲ,୧୮ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ବାହାଲ ରେଞ୍ଜ ଅଧୀନ ବଡ଼କୁଡ଼ାଗ୍ରାମ ନିକଟସ୍ଥ ପାଳଦର ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରିଛି ବନ ବିଭାଗ। ଖବର ପାଇ ଘଟଣାସ୍ଥଳରେ ରେଢ଼ାଖୋଲ ଡିଏଫ୍‌ଓ, ସମ୍ବଲପୁର ଆରସିସିଏଫ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ହେବ, ରେଢ଼ାଖୋଲ ବନଖଣ୍ଡ ବିଭିନ୍ନ ଅଞ୍ଚଳ ଚାଷ ଜମିଗୁଡ଼ିକରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ହାତୀଟିର କିପରି ମୃତ୍ୟୁ ହେଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବାର୍‌ହା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।


**AFFIDAVIT**

**I, Shreemati Ojha,** W/o.: Jitu Ojha, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6015, sworn before Executive Magistrate, Angul on Dt.17.11.2025 that from now onwards my daughters name Sonalika Ojha will be known as **Muni Ojha** for all future legal purposes.

**AFFIDAVIT**

**I, Jaiga Sahu,** W/o.: Brahmananda Sahu, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6016, sworn before Executive Magistrate, Angul on Dt.17.11.2025 that from now onwards my daughters name Pragyanparamita Sahoo will be known as **Prajna Paramita Sahu** for all future legal purposes.

**NAME CHANGE**

By virtue of an affidavit sworn before the Executive Magistrate, Tangi, Khordha CF.NO. 2682, dated 23/10/2025, I, **DEBDAS RAY**, S/o Bimal Ray resident of At: Gobardhanpur Colony Po: Bhusandpur, Ps - Tangi, Dist-Khordha, State- Odisha, Pin-752021 declare that I have changed my daughter's name from **KUMARI RIYA RAY** (Old Name) to **RIYA RAY** (New Name). Henceforth, she shall be known as **RIYA RAY** for all future purposes.

(Sd- **DEBDAS RAY**)

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 17/11/2025, I, Gayatri Choudhury, permanent resident of At: Bangarada, PO: Phasiguda, PS: Patapur, Dist. Ganjam, Odisha, currently residing at Plot No.1734/3740, Kalpana Flat Area, PO: BJB Nagar, PS: Laxmisagar, Bhubaneswar, Dist. Khordha, PIN: 751014, Odisha declare that I have changed the name of my daughter from Sunali Choudhury to Sonali Choudhury. Henceforth, she shall be known as Sonali Choudhury for all purposes.


# ରାଜ୍ୟରେ ହେବ ଆଉ ୪ ନୂଆ ତହସିଲ

ଭୁବନେଶ୍ୱର,୧୮ ।୧୧(ସମିସ): ରାଜ୍ୟରେ ଆଉ ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା ହେବ। ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲକୁ ବିଭକ୍ତ କରାଯାଇ ଏହି ନୂତନ ତହସିଲ୍ ସୃଷ୍ଟି କରାଯିବ। ଭୁବନେଶ୍ୱର ତହସିଲକୁ ବିଭକ୍ତ କରାଯାଇ ଆଉ ୨ ଟି ନୂଆ ତହସିଲ୍ ଖୋଲିବା ସହ କଟକ ଏବଂ ସମ୍ବଲପୁର ପାଇଁ ଆଉ ଗୋଟିଏ ଲେଖାଏଁ ନୂଆ ତହସିଲ୍ ପ୍ରତିଷ୍ଠା ହେବ। ବର୍ତ୍ତମାନ ଏହି ତହସିଲ୍‌ଗୁଡ଼ିକ ମହାନଗର ନିଗମ ଅଧିନରେ ଆସୁଛି। ମାତ୍ର ଏହି ତହସିଲ୍‌ଗୁଡ଼ିକର ଅଞ୍ଚଳ ପରିସୀମା, ଜନସଂଖ୍ୟା ଘନତ୍ୱ ବୃଦ୍ଧି ହେଉଛି। ଏଥିପାଇଁ ଅଞ୍ଚଳଗୁଡ଼ିକରେ ଜନସେବା ପ୍ରଦାନରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଉପରୋକ୍ତ ଦିଗକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏହି ତହସିଲଗୁଡ଼ିକୁ ବିଭକ୍ତ କରି ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏହି ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇ ନୂତନ ତହସିଲ ସୃଷ୍ଟି ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ଏଥିରେ ଉପଯୁକ୍ତ ଯଥାର୍ଥତା ସହିତ ନୂତନ ତହସିଲର ପ୍ରସ୍ତାବିତ ସ୍ଥାନ ସହିତ, ଆର୍‌ଆଇ ସର୍କଲ ଏବଂ ଗ୍ରାମଗୁଡ଼ିକର ନାମ ସେମାନଙ୍କର ସମ୍ପୃକ୍ତ ପୋଷ୍ଟ ଆଦି ବିଷୟରେ ସୂଚନା ଦେବାକୁ କୁହାଯାଇଛି। ଏହି ପ୍ରସ୍ତାବରେ ନିର୍ବାଚିତ ପ୍ରତିନିଧି ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରି ଜନସାଧାରଣଙ୍କ ପାଇଁ ଭୌଗୋଳିକ ନିକଟତା ଏବଂ ପ୍ରଶାସନିକ ସେବା ପ୍ରଦାନର ସୁବିଧାକୁ ଧ୍ୟାନ ଦେବାକୁ କୁହାଯାଇଛି। ଏହାସହିତ ପ୍ରସ୍ତାବିତ ତହସିଲ ପାଇଁ କର୍ମଚାରୀଙ୍କ ଆବଶ୍ୟକତା, ଆର୍ଥିକ ପ୍ରଭାବ ମତାମତ ସହିତ ୭ ଦିନ ମଧ୍ୟରେ ସମ୍ପୃକ୍ତ ଆରଡିସି ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶନାମାକୁ ଅତ୍ୟଧିକ ଜରୁରୀ ଭାବରେ ବିବେଚନା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ସାମିଲ ହେବ ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ

ଭୁବନେଶ୍ୱର,୧୮ ।୧୧(ସମିସ): ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଘଟଣାକୁ ପ୍ରାକୃତିକ ବିପର୍ଯ୍ୟୟ ଶ୍ରେଣୀଭୁକ୍ତ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଓ ଏହାସହିତ ଯଡ଼ିତ ଅନେକ ଘଟଣାକୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇଛି। ଯଦିଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପୂର୍ବରୁ ରାଜ୍ୟ ସରକାର ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଘଟଣାରେ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରି ଆସୁଛନ୍ତି, ମାତ୍ର ଏହି ଅର୍ଥରାଶି ବନ ବିଭାଗ ପ୍ରଦାନ କରୁଛି। ତେବେ ନୂଆ ନିୟମ କାର୍ଯ୍ୟକାରୀ ହେଲେ କ୍ଷତିପୂରଣ ରାଶି ପ୍ରଦାନ ଦାୟିତ୍ୱ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନକୁ ଟିବ ଏବଂ ଅର୍ଥରାଶି ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ପ୍ରଦାନ କରାଯିବ।

ଅନ୍ୟପଟେ ରାଜ୍ୟରେ ବହୁ ପୂର୍ବରୁ ସାପ କାମୁଡ଼ା ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୂକ୍ତ କରାଯାଇଥିଲେ ମଧ୍ୟ ଏ ବାବଦକୁ ମୃତକଙ୍କ ପରିବାରକୁ କେବଳ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ବହୁ ଦିନରୁ ସରକାରୀ ବ୍ୟବସ୍ଥା ଓ ସାମାଜିକ କର୍ମୀଙ୍କ ମଧ୍ୟରେ ବିବାଦ ଆରମ୍ଭ ଲାଗି ରହିଛି। କାରଣ ବନ୍ୟପ୍ରାଣୀ ଆକ୍ରମଣରେ

**■ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ ନିର୍ଦ୍ଦେଶ**
**■ ସାପ କାମୁଡ଼ା ଜନିତ ମୃତ୍ୟୁ ଅନୁକମ୍ପା ରାଶିକୁ ନେଇ ଦ୍ୱନ୍ଦ୍ୱ**
**■ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଅର୍ଥରାଶି ବଢ଼ିବ କି ନାହିଁ ପ୍ରଶ୍ନ**
**■ ରାଜ୍ୟରେ ସାପକାମୁଡ଼ାରେ ବାର୍ଷିକ ଯାଉଛି ହଜାରେ ଜୀବନ**

ମଣିଷ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳୁଥିବା ବେଳେ ସାପ କାମୁଡ଼ା ମୃତ୍ୟୁ କ୍ଷେତ୍ରରେ ଏହି ରାଶି ୪ ଲକ୍ଷରେ ସୀମିତ ରହିଛି। ଭାରତୀୟ ବନ୍ୟ ପ୍ରାଣୀ ଆଇନ୍‌ରେ ମଣିଷକୁ ମାରିବା ଭଳି କ୍ଷମତା ରଖିଥିବା ସବୁ ସାପ ସିଡ୍ୟୁଲ୍ ୧ ଏବଂ ୨ ତାଲିକା ଅନ୍ତର୍ଭୁକ୍ତ ରହିଛନ୍ତି। ବିଷଧର ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ସିଡ୍ୟୁଲ୍-୧ ସାପ ଭାବେ ଗଣାଯାଉଥିବା ବେଳେ ସିଡିଲ୍ୟୁ-୧ ତାଲିକାରେ ହାତୀ, ବାଘ, କୁମ୍ଭୀର ମଧ୍ୟ ରହିଛନ୍ତି। ସେହିପରି ଚିତି, ରଣା, ଧୂଳିଆ ବୋଡ଼ା ଆଦି ସାପ ସିଡ୍ୟୁଲ-୨ରେ ରହିଥିବା ବେଳେ ହାତୀ, ବାଘ, ଭାଲୁ, କୁମ୍ଭୀର ଆଦିଙ୍କ ଭଳି ଏହି ସାପମାନେ ମଧ୍ୟ ମଣିଷଙ୍କ ଜୀବନ ନେବାର କ୍ଷମତା ରଖିଛନ୍ତି। ତେଣୁ ସାପ କାମୁଡାରେ କାହାରି ମୃତ୍ୟୁ ହେଲେ ମଧ୍ୟ ସମାନ ଭାବରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇ ଆସୁଛି। ଏଦୃଷ୍ଟିରୁ ସୁପ୍ରିମକୋର୍ଟଙ୍କ ଏହି ନୂତନ ନିର୍ଦ୍ଦେଶନାମା ଏହି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ରାଜ୍ୟରେ ବର୍ତ୍ତମାନ ବାର୍ଷିକ ହାରାହାରି ୧ ହଜାର ଲୋକ ସାପ କାମୁଡ଼ା ଜନିତ କାରଣ ପାଇଁ ମୃତ୍ୟୁମୁଖରେ ପଡୁଥିବା ବେଳେ ବନ୍ୟପ୍ରାଣୀ ଆକ୍ରମଣରେ ୧୩୦-୧୪୦ ଜଣଙ୍କ ଜୀବନ ଯାଉଛି। ତେଣୁ ଏହି ମୃତ୍ୟୁ ହ୍ରାସ ପାଇଁ ଅନୁକମ୍ପାମୂଳକ ରାଶି ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାର ଚିକିତ୍ସା ବ୍ୟବସ୍ଥାରେ ସଂସ୍କାର ଆଣିବା ଅଧିକ ଗୁରୁତ୍ୱ ସାଜିଛି। ତେଣୁ ସାପ କାମୁଡିବାର ପ୍ରଥମ ୫ ଦିନ ସରକାରୀ/ଘରୋଇ ସବୁ ଡାକ୍ତରଖାନାରେ ଚିକିତ୍ସା ମାଗଣା ପାଇଁ ମଧ୍ୟ ଦାବି ହୋଇ ଆସୁଛି। ମୁଖ୍ୟତଃ ଗାଁ ଗଣ୍ଡାରେ ଗୁଣିଆ ବ୍ୟବସ୍ଥାରେ ରୋକ୍ ଲଗାଇବା ଓ 'ଗୋଲ୍ଡେନ୍ ଆୱାର'ରେ ସାପକାମୁଡ଼ା ରୋଗୀ ହସ୍ପିଟାଲରେ ପହଞ୍ଚିପାରିଲେ ଏହି ସଂଖ୍ୟାକୁ ଯଥେଷ୍ଟ କମାଇ ଦିଆଯାଇପାରନ୍ତା। ଏହା ବ୍ୟତୀତ ସାପ କାମୁଡ଼ା ରୋଗୀଙ୍କ ପାଇଁ ଆଇସିୟୁ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଆଇସିୟୁର ଅଭାବକୁ ଭରଣା କରିବା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକରେ ଏଥିପାଇଁ ମାଗଣା ଚିକିତ୍ସା ଯୋଗାଇ ଦେଲେ ମଧ୍ୟ ଏହି ମୃତ୍ୟୁ ରୋକିବାରେ ବଡ଼ ସହାୟକ ହୋଇପାରନ୍ତା ବୋଲି ସ୍ନେକ୍ ହେଲ୍‌ପଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।


**AFFIDAVIT**

I, Sushant Ranjan Chaini, S/o- Sudarshan Chaini, Resident of Plot No-54/1490, Flat No-207, Dream Avenue Apartment, Bhagabanpur, Patrapada, Bhubaneswar, Dist-Khurda, Odisha, Pin-752104 declare by this affidavit No. 949, dated-18/11/2025 that now onwards I shall be known as **SUSANTA RANJAN CHAINI** for all future purposes.

**AFFIDAVIT**

I, PURANDARA SAHU, aged about 42 years, S/o-Sidheswar Sahu, Resident of Vill: Majhipada, PO: Sonapur, Biramaharajpur, Dist.: Sonapur, Odisha, PIN-767017 declared by this Affidavit No.: 1484/2025, Dated: 18.11.2025. That now onwards I shall be known as **PURANDAR SAHU** for all future Purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-16/11/2025. I, **Pramodini Naik** (applicant name), W/o Surendra Kumar Naik, permanent resident of AT- Bohidarpada W.N. 15, PO-Titilagarh, PS- Titilagarh, Dist-Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shennhamai Naik** (old name) to **Sneha Mayee Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sneha Mayee Naik** (new name) for all future purposes.

**Pramodini Naik**

**AFFIDAVIT**

By virtue of an affidavit sworn before Executive Magistrate, Aska vide no.-1672 dtd.14.11. 2025 I, Rabindra Nahak, S/o-Late Nilamani Nahak resident of Vill./Po.- Baragan, Ps.- Koti-nada, Dist.- Ganjam, Odisha, Pin- 761111 state that, in my Aadhaar Card my name has been mentioned as Rabindra Nahak. In my passport my name has been mentioned as Rabindra Kumar Nahak. That **Rabindra Nahak** and **Rabindra Kumar Nahak** is one and same person.i.e. myself.

**AFFIDAVIT (for Minor)**

By virtue of an affidavit sworn before Executive Magistrate, Banpur, vide No.- 4176, dated 14/11/2025 I, Buti Jani, aged about 44 years, Address W/o-Biranchi Jani, At- Baguda, Po.-Damiabarabara, Ps.- Banpur, Dist.- Khordha, Odisha, Pin-752035 declare that, I have changed the name of my son from **Rajendra Jani** to **Rajesh Jani**. Henceforth, he shall be known as **Rajesh Jani** for all purposes.

Rajesh Jani

**AFFIDAVIT**

I, Swetapadma Patnaik, aged about 46 years, W/o-shivnarayan Pattanaik, resident of At- Plot No-379, Cuttack Road, Bomikhal, Budheswari, Ps-Laxmisagar, Bhubaneswar, Dist- Khurda, Odisha, Pin-751006 declare by this affidavit No. 2252, dtd-16/11/2025, that now onwards I shall be known as **SWETAPADMA PATTNAIK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Athagarh on dated, 27.10.2025, I Gobinda Sundi, resident of vill- Orda ( Gobara), Po- Gobara , Ps- Gurudijhatia Dist- Cuttack, Odisha, PIN-754028 declare that I have changed my name from Gobind Sundi to Gobinda Sundi . Henceforth, I shall be known as **GOBINDA SUNDI** for all purposes.

**AFFIDAVIT**

By virtue of an affidavit (CF No.02, dtd- 18/11/2025) sworn before the Executive Magistrate, Padampur. I, **Brundabana Rana,** S/o Shashikanta Rana, resident of At- Padampur (Kapsila), Po-Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Brundaban Rana** (old name) to **Brundabana Rana** (new name). Henceforth, I shall be known as **Brundabana Rana** (new name) for all purposes.

**Brundabana Rana**

**AFFIDAVIT**

Bikash kumar Agarwalla, S/O-Late Nanda kishore Agarwalla, Resident of ward no-2 Babusahi, po- Babusahi, ps-Baripada Town, Dist - Mayurbhanj -757001 Odisha, declared by this affidavit no-242,Dated-17/11/2025 that now onwards I shall be known as **BIKASH AGARWAL** for all future purpose.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୁଆରେ ହାରିଲେ...

କରିଥିଲେ ବୋଲି ମହିଳା ଅଭିଯୋଗ କରିଛନ୍ତି। ଯୌତୁକ ଆଣି ନଥିବାରୁ ଶଶୁର ବାରମ୍ବାର ଦୁଷ୍କର୍ମ କରୁଥିଲେ ବୋଲି ମହିଳା ଜଣକ ଥାନରେ ଅଭିଯୋଗ କରିଛନ୍ତି। ଏହାପରେ ଗର୍ଭପାତ କରିବାକୁ ଶଶୁର ଘର ଲୋକ ବାରମ୍ବାର ଚାପ ପକାଉଥିଲେ। ତାଙ୍କ ଉପରକୁ ଏସିଡ୍ ମାଡ଼ କରି ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ମୁକୁଳି ବାପାଘରକୁ ପଳାଇ ଆସିଥିଲେ। ବାପଘର ଲୋକଙ୍କ ସହାୟତାରେ ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ମାମଲା ପ୍ରତ୍ୟାହାର କରିବାକୁ ଶାଶୂଘର ଲୋକେ ତାଙ୍କ ବାପାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ସେ କହିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଆନ୍ଧ୍ରରେ ହେବ...

କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି କ୍ଲଷ୍ଟରରୁ ବାର୍ଷିକ ୧୦୦୦ଟି ପରବର୍ତ୍ତୀ ପିଢ଼ିର ବିମାନ ଉତ୍ପାଦନ କରାଯାଇପାରିବ। ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ। ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ। ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାକ୍ଟ୍ରି ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ।

### ଏସ୍‌ସିବିରେ ଲଜ୍ଜା...

ଏତଲା ଦେଇଥିଲେ। ଏହାପରେ ଏସ୍‌ସିବି ପରିସରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ମାନସକୁ ଗିରଫ କରିଥିଲା। ତାକୁ ଜେରା କରିବା ସମୟରେ ସେ ପୁଲିସ ସାମ୍ନାରେ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି। ମାତ୍ରାଧିକ ମଦ୍ୟପାନ କରି ସେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଛି ବୋଲି ପୁଲିସ ସାମ୍ନାରେ କହିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାକୁ ଚାକିରିରୁ ବହିଷ୍କାର କରାଯିବା ପରେ ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

### ଅମାନିଆ ବାବୁଙ୍କ...

ଉତ୍ତରଦାୟୀ ରହିବେ? ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି। ଏଦିଗରେ ନୟାଗଡ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଇଛନ୍ତି ? ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୯୭୦ କୋଟି ଟଙ୍କା ବରାଦ କରିଛନ୍ତି। ମାତ୍ର ଏଯାବତ୍ ଅଳ୍ପ କିଛି ବିଦ୍ୟାଳୟର ଭିତ୍ତିପ୍ରସ୍ତର ହୋଇଥିବା ବେଳେ ଯୋଜନାଟି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ବାବଦ ଅର୍ଥ ଆଗାମୀ ୪-୫ ମାସ ମଧ୍ୟରେ କିପରି ଖର୍ଚ୍ଚ ହେବ, ତାହା ଆମ ପାଇଁ ବଡ଼ ଆହ୍ୱାନ। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପରି ଜନକଲ୍ୟାଣକାରୀ ଯୋଜନା ଆଜିଯାଏଁ ଆରମ୍ଭ ହୋଇପାରିଲା ନାହିଁ। ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜେଟ ଗୃହୀତ ହେବାକୁ ୮ ମାସ ପୂରି ସାରିଥିବା ବେଳେ ଆଉ ୪ ମାସ ପରେ ଆର୍ଥିକ ବର୍ଷ ସରିବାକୁ ଯାଉଛି। ଏଭଳି ଯୋଜନା ପାଇଁ ଯଦି ଦିଶା, ନିର୍ଦ୍ଦେଶ ପ୍ରସ୍ତୁତ ହୋଇପାରୁନାହିଁ, ତାହେଲେ ଜିଲ୍ଲାପାଳ ଏହାକୁ କିପରି କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ଏହା ସହ ସରକାରୀ ଯୋଜନା ଯେପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବ, ସେ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାର ସର୍ବାଧିକ ଆବଶ୍ୟକତା ଅଛି ବୋଲି ଉଲ୍ଲେଖ କରି ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୟ ଅନୁସାରେ ସମୀକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ନିଜ ଅଭିଭାଷଣରେ ମାର୍ଚ୍ଚ ସିଣ୍ଡ୍ରୋମ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ମାର୍ଚ୍ଚ ମାସ ସିଣ୍ଡ୍ରୋମର ଅର୍ଥ ହେଉଛି ବର୍ଷ ସାରା କାମକୁ କଚ୍ଛପ ଗତିରେ ଚଲାଇବା ଏବଂ ମାର୍ଚ୍ଚ ମାସକୁ ଲକ୍ଷ୍ୟ ରଖି ନଭେମ୍ବର-ଡିସେମ୍ବରରୁ କାର୍ଯ୍ୟ ବେଗ ବଢ଼ାଇବା। ଏହି ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାକୁ ଚେଷ୍ଟା କରାଯାଏ। ମାତ୍ର ଏହା ସମ୍ଭବ ପର ହୋଇପାରୁ ନାହିଁ। ଏହାଦ୍ୱାରା କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି। ଏମିତି କଲେ ଆମେ ଆମ ଲକ୍ଷ୍ୟ ୨୦୩୬ ପ୍ରାପ୍ତ କରିପାରିବା ନାହିଁ। ଏହାକୁ ଆଗାମୀ ଦିନରେ ବନ୍ଦ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟନ୍ୱୟନରେ ଜିଲ୍ଲା ଜିଲ୍ଲା ମଧ୍ୟରେ ବହୁ ପାର୍ଥକ୍ୟ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କୁକୁଡା ପାଳନ ଯୋଜନା ୩୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର କେଉଁଠି ଯୋଜନା ୮୦ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବେଳେ କେଉଁ ଜିଲ୍ଲାରେ ୨୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ତେଣୁ ଅଧିକାରୀମାନେ ଏନେଇ ଉତ୍ତରଦାୟିତ୍ୱ ନିଅନ୍ତୁ। ତୃଣମୂଳସ୍ତରକୁ ନିୟମିତ ଗସ୍ତ କରି ଯୋଜନାର କାର୍ଯ୍ୟନ୍ୱୟନରେ ଆଉଟଷ୍ଟାଣ୍ଡିଂ ସ୍ତରରେ ପହଞ୍ଚିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କୁଖ୍ୟାତ ମାଓନେତା...

ନିପାତ କରିବା ପାଇଁ ସୁରକ୍ଷାବାହିନୀକୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ। ଏହା ପରେ ଆନ୍ଧ୍ର, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମା ସ୍ଥିତି ମରେଡିମିଲ୍ଲିର ଘନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ମାତ୍ର କଣ୍ଟ ସରିବାର ୧୨ ଦିନ ପୂର୍ବରୁ ସୁରକ୍ଷାବାହିନୀକୁ ଏହି ସଫଳତା ମିଳିଛି। ଗତ ୨ ଦଶନ୍ଧି ମଧ୍ୟରେ ହିଡ଼ମା ଜଙ୍ଗଲରେ ରହି ସୁରକ୍ଷାବାହିନୀ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିଲା। ସେ ୨୬ରୁ ଅଧିକ ବଡ଼ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏଗୁଡ଼ିକ ମଧ୍ୟରେ ୨୦୧୦ ଦାନ୍ତେୱାଡ଼ା ଆକ୍ରମଣ ସାମିଲ ଥିଲେ। ଏଥିରେ ୭୬ ସିଆରପିଏଫ ଯବାନ ପ୍ରାଣ ହରାଇଥିଲେ। ଏହା ବ୍ୟତୀତ ୨୦୧୩ର ଝିରମ ଘାଟୀରେ ଚାରିପଟୁ ଘେରି ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ସୁକମା-ବିଜାପୁରରେ ମଧ୍ୟ ଏଭଳି ଆକ୍ରମଣ କରାଯାଇ ୨୧ ଯବାନଙ୍କୁ ହତ୍ୟା କରାଯାଇଥିଲା। ହିଡ଼ମାକୁ ମାରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନରେ ସୁରକ୍ଷାବାହିନୀ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମିତ ହିଡ଼ମା ପିପୁଲ୍ସ ଲିବରେସନ ଗରିଲା ଆର୍ମୀର ନେତୃତ୍ୱ ନେଉଥିଲା। ସେ ସିପିଆଇ ମାଓବାଦୀର ପ୍ରମୁଖ ନିଷ୍ପତ୍ତି ନେଉଥିବା ସଂଗଠନ କେନ୍ଦ୍ରୀୟ କମିଟିରେ ମଧ୍ୟ ସାମିଲ ହୋଇଥିଲା। ସେ ଏହି ସଂଗଠନର ସବୁଠାରୁ ଯୁବ ଏବଂ ବସ୍ତର କ୍ଷେତ୍ରର ଏକମାତ୍ର ସଦସ୍ୟ ଥିଲା। ହିଡ୍‌ମା ମୁଣ୍ଡ ଉପରେ ୫୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ହିଡ୍‌ମାର ହତ୍ୟା ମାଓବାଦୀ ସଂଗଠନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇପାରେ। ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିବା ମାଓବାଦୀଙ୍କ ନିମନ୍ତେ ଆତ୍ମସମର୍ପଣ ବ୍ୟତୀତ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ସଦସ୍ୟ ଆତ୍ମସମର୍ପଣ କରି ମୁଖ୍ୟ ଧାରାକୁ ଫେରିଛନ୍ତି।

### ଶୀତରେ ଥରୁଛି...

ପୂର୍ବାନୁମାନ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ଘୁ.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୫.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡ଼ାରେ ୭.୭, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୮, ଅନୁଗୁଳରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।





ଆହତ ମହିଳା



## ଡକାୟତଙ୍କ ଟାର୍ଗେଟରେ ଏକୁଟିଆ ଘର

# ମହିଳାଙ୍କ ମୁଣ୍ଡ ଫଟାଇ ଡକାୟତ ଲୁଟିନେଲେ ଅଳଙ୍କାର

**ଭଦ୍ରକ/ବାସୁଦେବପୁର, ୧୮ ।୧୧(ସମିସ)**

ଦିନକୁ ଦିନ ଅଶାନ୍ତ ହୋଇ ପଡୁଛି ବାସୁଦେବପୁର ଅଞ୍ଚଳ। ଏବେ ଡକାୟତଙ୍କ ଟାର୍ଗେଟରେ ଏକୁଟିଆ ଘର। ସନ୍ଧ୍ୟା ହେଲେ ଦୁର୍ବୃତ୍ତ ପଶି ଲୁଟପାଟ କରୁଛନ୍ତି। ଏପରିକି ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଭୟଭୀତ କରି ଲୁଟି ନେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କସିଆ ସାମୁଦ୍ରିକ ଥାନା ଅଧୀନ ପାଳସାହି ଗାଁରେ। ଘଟଣାରୁ ପ୍ରକାଶ ଯେ, ସୋମବାର ରାତି ୧୦ଟାରେ ଗାଁର ପ୍ରଫୁଲ ଲେଙ୍କା ଭୋଜି ଖାଇବାକୁ ଯାଇଥିଲେ। ଘରେ ତାଙ୍କ ପତ୍ନୀ କାମିନି ଓ ଝିଅ ଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କର କବାଟ ବାଡେଇଥିଲେ। କାମିନୀ ପଡୋଶୀ ଭାବି କବାଟ ଖୋଲିଥିଲେ। କବାଟ ଖୋଲିବାମାତ୍ରେ ୪ଜଣ ଡକାୟତ କାମିନୀ ଓ ତାଙ୍କ ଝିଅଙ୍କୁ ବନ୍ଧୁକ, ମାରଣାସ୍ତ୍ର ଦେଖାଇ କାବୁ କରିବା ସହ ସୁନା ଏବଂ ରୂପା ଅଳଙ୍କାର କେଉଁଠି ଅଛି ବୋଲି ପଚାରିଥିଲେ। କାମିନୀ କିଛି ନାହିଁ କରିବାରୁ ବନ୍ଧୁକରେ କାମିନୀଙ୍କ ମୁଣ୍ଡକୁ ମାଡ ମାରିଥିଲେ ଡକାୟତ। ପରେ ଆଲମିରା ଚାବି ଭାଙ୍ଗି ସୁନା ଅଳଙ୍କାର ଏବଂ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଏକ ବୋଲେରୋ ଡକାୟତମାନେ ପଳାଇ ଯାଉଥିଲେ; ହେଲେ କାମିନୀଙ୍କ ଝିଅ ପଡୋଶୀଙ୍କୁ ଖବର ଦେବା ପରେ ଗ୍ରାମବାସୀ ବୋଲେରୋ ଗାଡିଟିକୁ ପିଛା କରିବା ସହ ପଥର ମାଡ କରିଥିଲେ। ଡକାୟତମାନେ କିଛି ବାଟ ଯିବା ପରେ ରାସ୍ତା ନ ପାଇ ଏକ ଭୁଲ ରାସ୍ତା ବୋଲେରୋକୁ ଫସାଇ ଦେଇଥିଲେ। ପିଛା କରୁଥିବା ଗାଁ ଲୋକେ ୪ଜଣ ଡକାୟତଙ୍କ ମଧ୍ୟରୁ ୨ଜଣଙ୍କୁ କାବୁ କରିଥିଲେ। ବୋଲେରୋ ଗାଡିଟିକୁ ଜବତ କରି ପୁଲିସକୁ ଖବର ଦେଇଥିଲେ। ପରେ କସିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡକାୟତଙ୍କୁ ନିଜ ହେପାଜତକୁ ନେବା ବେଳେ ପୁଲିସ ଗାଡିକୁ ଛାଡିନଥିଲେ ଗ୍ରାମବାସୀ। ଚୋର ଆମେ ଧରିବୁ ତୁମେ ଚୋରକୁ ନେବ କଣ ପାଇଁ ବୋଲି ପ୍ରଶ୍ନ କରିଥିଲେ। ଏମିତ ଦୀର୍ଘ ସମୟ ଧରି ପୋଲିସ ଗାଡି ଅଟକ ରଖିବା ସହ ପୁଲିସ ସହ ଯୁକ୍ତିତର୍କ ହେବାରୁ ଉତ୍ତେଜନା ଲାଗି ରହିଥିଲା। ପରେ ଘଟଣାସ୍ଥଳରେ ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଓ କସିଆ ଥାନା ଅଧିକାରିଣୀ ସାବିତ୍ରୀ ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ୨ ଡକାୟତଙ୍କ ସମେତ ବୋଲେରୋକୁ ପୁଲିସ ଜବତ କରିଥିଲା। ଖସି ପଳାଇଥିବା ଡକାୟତଙ୍କୁ ପୁଲିସ ଖୋଜୁଛି।

**୨ ଡକାୟତଙ୍କୁ ଧରି ପୁଲିସ ଜିମା ଦେଲେ ଗ୍ରାମବାସୀ**

# ବାଂଲାଦେଶୀ ସନ୍ଦେହରେ ୧୭ ଅଟକ; ଚାଲିଛି ପ୍ରମାଣପତ୍ର ଯାଞ୍ଚ



**ଭଦ୍ରକ, ୧୮ ।୧୧(ସମିସ):** ଭଦ୍ରକ ସହର ଓ ଏହାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ୧୭ ଜଣ ଅଣଓଡ଼ିଆଙ୍କୁ ବାଂଲାଦେଶୀ ସନ୍ଦେହରେ ଅଟକ ରଖିଛି ପୁଲିସ। ଭଦ୍ରକ ଟାଉନ ଥାନା, ଗ୍ରାମାଞ୍ଚଳ ଥାନା ଓ ପୁରୁଣାବଜାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ବାଂଲାଦେଶୀ ସନ୍ଦେହରେ ପୁଲିସ ଉଠାଇ ଆଣିବା ସହିତ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ପୌରପାଳିକା ଅଧିନରେ ଥିବା ନାଇଟ୍ ସେଲଟର ରାତ୍ରଆଶ୍ରୟ ସ୍ଥଳରେ ରଖି ପଚରା ଉତୁରା କରୁଛି। ପୁଲିସ ସେମାନଙ୍କ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରୁଛି। ପ୍ରାଥମିକ କାଗଜପତ୍ର ଯାଞ୍ଚ ପରେ ଏମାନେ ପଶ୍ଚିମବଙ୍ଗ ମୁରସିଦାବାଦ ଓ ଆଖପାଖ ଅଞ୍ଚଳର ବାସିନ୍ଦା ବୋଲି ତଦନ୍ତକାରୀ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ସେମାନଙ୍କ କାଗଜପତ୍ରର ଅଧିକ ଯାଞ୍ଚ କରିବା ପରେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି କହିଛି ପୁଲିସ। ଅନ୍ୟପଟେ ଏମାନେ ଭଦ୍ରକର ବିଭିନ୍ନ ସ୍ଥାନରେ ରହି ଫେରିବାଲା ଭାବେ ବିଭିନ୍ନ ଅଞ୍ଚଳ ବୁଲି ସାମଗ୍ରୀ କିଣାବିକା କରୁଥିବା କହିଛନ୍ତି। ବାଂଲାଦେଶୀ ସନ୍ଦେହରେ ଅଟକ ୧୭ଜଣଙ୍କର ଆଧାର ଆଦି କାଗଜପତ୍ର ଯାଞ୍ଚ ଚାଲିଛି ଓ ପରେ ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ତଦନ୍ତକାରୀ ଇନ୍ସପେକ୍ଟର ଦୟାନିଧି ଦାସ କହିଛନ୍ତି।

# ଗେଲପୁରରେ ଛତୁଚାଷୀ ସମ୍ମିଳନୀ



**ଭଦ୍ରକ, ୧୮ ।୧୧(ସମିସ):** ଭଦ୍ରକ ଜିଲ୍ଲା ଗେଲପୁର ସ୍ଥିତ ସାଳନ୍ଦୀ ମସରୁମ୍ ଗ୍ରୋୟର୍ସ ଏସୋସିଏସନ ଭଦ୍ରକ ଜିଲ୍ଲାର ସମସ୍ତ ଛତୁ ଚାଷୀଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଛତୁର ଜନକ ପ୍ରଫେସର ଡ. ଆଦିତ୍ୟ କୁମାର ପାତ୍ର। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ସାଧାରଣ ସମ୍ପାଦକ ପ୍ରକାଶ କୁମାର ଦାସ, ଓ ଯାଜପୁର ଜିଲ୍ଲାର ଅଗ୍ରଣୀ ଉଦ୍ୟୋଗୀ ଅନିତାରାଣୀ ନନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରତି ବ୍ଲକରୁ ସଭ୍ୟସଭ୍ୟା ମଧ୍ୟ ମନୋନୀତ କରାଯାଇଛି। ଛତୁଚାଷ ଓ ଚାଷୀଙ୍କୁ ଆଗକୁ ଆଣିବା ଓ ରାଜ୍ୟରେ କିଭଳି ଛତୁଚାଷ ୧ନମ୍ବର ହୋଇପାରିବ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଭଦ୍ରକ ଜିଲ୍ଲା ଛତୁ ଉତ୍ପାଦନକାରୀ ସଂଘ ସଭାପତି ଭାବେ କ୍ଷିରୋଦ କୁମାର ଜେନା, ସମ୍ପାଦକ ଭାବେ ପ୍ରଦୀପ କୁମାର ବେହେରା, କୋଷାଧକ୍ଷ ଭାବେ ଶକ୍ତିକାନ୍ତ ମହାରଣା ନୂତନ ଭାବେ ମନୋନୀତ ହୋଇଥିଲେ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ପରେ ବି ଦୂର ହେଲାନି ଯାତ୍ରୀଙ୍କ ଯନ୍ତ୍ରଣା

**ବାସୁଦେବପୁର, ୧୮।୧୧(ସମିସ):** ବାସୁଦେବପୁରରେ ବହୁ ପ୍ରତିକ୍ଷୀତ ବସଷ୍ଟାଣ୍ଡ ୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଲା ଏବଂ ବାଦ ବିବାଦ ମଧ୍ୟରେ ଉଦଘାଟନ ବି ହେଲା। ହେଲେ ଏହାର ସୁଫଳ ଯାତ୍ରୀଙ୍କୁ ଏଯାଏ ମିଳିଲା ନାହିଁ। ଦଶନ୍ଧି ଦଶନ୍ଧି ଧରି ଯାତ୍ରୀଙ୍କୁ ଯେଉଁ ଅପେକ୍ଷାର ଯମ ଦଣ୍ଡ ମିଳି ଆସୁଥିଲା, ନୂତନ ବସ ଷ୍ଟାଣ୍ଡର ଉଦଘାଟନ ପରେ ବି ସେମିତି ସହରର ରାସ୍ତା କଡରେ ଅପେକ୍ଷା କରିବାକୁ ପଡୁଛି। ଭଦ୍ରକ ବାଲେଶ୍ୱର ସମେତ କଟକ, ଭୁବନେଶ୍ୱର, କଲିକତା, ରାଉରକେଲା ଓ ପୁରୀ ଆଦି ସ୍ଥାନକୁ ୬୦ରୁ ଉର୍ଦ୍ଧ୍ୱ ବସ ଯାତାୟାତ କରୁଛି। ଦୈନନ୍ଦିନ ହଜାର ହଜାର ସଂଖ୍ୟାର ଲୋକେ ବାସୁଦେବପୁର ସହିତ ସୋର ଓ ଚାନ୍ଦବାଲିର ଧାମରା ଅଞ୍ଚଳରୁ ଲୋକମାନେ ବାସୁଦେବପୁରକୁ ସୁଗମ ଯାତ୍ରାର ମାଧ୍ୟମ ବାଛି ନେଇଛନ୍ତି। ହେଲେ ଦୀର୍ଘ ବର୍ଷ ଧରି ଯାତ୍ରୀଙ୍କ ଯାତାୟାତ କଷ୍ଟ ଭିତରେ ନୂତନ ବସ ଷ୍ଟାଣ୍ଡ ଦୂର କରିପାରିଲାନି। ଯାତ୍ରୀଙ୍କ ପାଇଁ ସରକାରଙ୍କ ନୂତନ ବସ ଷ୍ଟାଣ୍ଡର ସ୍ୱପ୍ନ କେବେ ଶାକାର ସେ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ବସ ଗୁଡିକ ସହରର ତହସିଲ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତା କଡରେ ଅସ୍ଥାୟୀ ବସ ଷ୍ଟାଣ୍ଡ ଚାଲି ଆସୁଥିଲା। ଦୂର ଦୂରାନ୍ତକୁ ଏହି ଅଞ୍ଚଳରୁ ବସ ଚଳାଚଳ କରୁଥିବା ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଏକ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ବିଗତ ୩୦ ବର୍ଷ ମଧ୍ୟରେ ପୂର୍ବ ସରକାର ଅନେକ ସମୟରେ ଏକ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଅଣ୍ଟା ଭିଡିଥିଲା। ଏମିତିକି ୪୦ ବର୍ଷ ତଳରେ ସହରର ତାରେଣୀ ଛକ ନିକଟରେ ଏକ ବସ ଷ୍ଟାଣ୍ଡ ନିର୍ମାଣ ସମସ୍ତ ଯୋଜନା ସରିଥିଲା। ଆଉ ନିର୍ମାଣ ମଧ୍ୟ ଦ୍ରୁତଗତିରେ ଚାଲିଥିବା ସମୟରେ ବିବାଦ ଭିତରେ ଅଧାରୁ ଅଟକି ରହିଲା। ପରେ ୩ ଥର ଭିତ୍ତି ପ୍ରସ୍ତର ସ୍ଥାପନ ମଧ୍ୟ କରା ଯାଇଥିଲା। ବସଷ୍ଟାଣ୍ଡ ଜମି ଅଧିଗ୍ରହଣ ପାଇଁ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଟଣା ଓଟରାରେ ସବୁ ଯୋଜନା ବିଫଳ ହେଲା। ତେବେ ସହରର ତାରେଣୀ ଛକକୁ ଲାଗି ଏକ ପୋଖରୀକୁ ପୋତାଯାଇ ବସ ଷ୍ଟାଣ୍ଡ ନିର୍ମାଣ କରିବାକୁ ପୂର୍ବ ସରକାରର ଶେଷ ଆଡକୁ ଧାର୍ଯ୍ୟ କରାଗଲା।

# ଅର୍ଦ୍ଧନିର୍ମିତ ଯାତ୍ରୀ ବିଶ୍ରାମ ଗୃହ



**ବାରିକପୁର, ୧୮ ।୧୧(ସମିସ):** ଗ୍ରାମାଞ୍ଚଳରେ ଗମନାଗମନକୁ ସୁବ୍ୟବସ୍ଥିତ କରିବା ପାଇଁ ଆରମ୍ଭ ହୋଇଥିଲା ମୋ ବସ ଯୋଜନା। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ବସ୍ ଷ୍ଟପ ବା ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକରେ ମୋ ବସ ଚଳପ୍ରଚଳ ପାଇଁ କିଛି ଷ୍ଟପ ନିର୍ମାଣ ହୋଇଥିବା ବେଳେ ଆଉ କିଛି ଅଧାପନ୍ତରିଆ ଭାବେ ପଡ଼ି ରହିଛି। ସୂଚନା ମୁତାବକ ୨୩ଟି ବସ୍ ଷ୍ଟପ ପାଇଁ ପ୍ରସ୍ତାବ ଥାଇ ମଧ୍ୟ ସେଥିରୁ ୧୦/୧୨ଟି ନିର୍ମାଣ ହୋଇଥିବାବେଳେ ୫ଟି ପଞ୍ଚାୟତରେ କାମ ଅଧାରେ ରହିଛି। ଏହାଛଡା ରହଣିଆ, ଷୋଳମପୁର, ମାଳଦା, ତେସିଙ୍ଗା ଆଦି ସ୍ଥାନରେ ବସଷ୍ଟପ ନିର୍ମାଣ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଏହାସତ୍ତ୍ୱେ ଯେଉଁସବୁ ସ୍ଥାନରେ ବସ ରହଣି ପାଇଁ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ହୋଇଥିଲା ସେଗୁଡିକ ଏବେ ଅଧିକାଂଶ ସ୍ଥାଣୁ ପାଲଟିଛି। ଏପଟେ ବ୍ଲକ ଅଞ୍ଚଳରେ ମାତ୍ର ଦୁଇଟି ସରକାରୀ ବସ ଯାତାୟାତ କରୁଥିବା ବେଳେ ଭବିଷ୍ୟତରେ ଆଉ ଗାଡି ସଂଖ୍ୟା ବଢ଼ିବ କି ନାହିଁ ତାହା ଜଣାନାହିଁ। ତେଣୁ ଅସମ୍ପୂର୍ଣ୍ଣ ଯାତ୍ରୀ ବିଶ୍ରାମ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହବକି ନାହିଁ ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବସ ଷ୍ଟପ ନିର୍ମାଣ କାର୍ଯ୍ୟ ବାବଦରେ ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ନିକଟରେ କିଛି ଖବର ନଥିବା ସୂଚନା ମିଳିଛି।

# ବିଦ୍ୟାର୍ଥୀଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରଦାନ



**ବାରିକପୁର, ୧୮ ।୧୧(ସମିସ):** ଭଣ୍ଡାରୀପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯାଉଛି। ଶିକ୍ଷାବିତ୍ ମହେଶ୍ୱର ମହାନ୍ତିଙ୍କ ସ୍ମୃତି ଉପଲକ୍ଷେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷକ ବିଷ୍ଣୁଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମାଜସେବୀ ବଦ୍ରୀନାରାୟଣ ଧଳ ଓ ଶିକ୍ଷାବିତ କାର୍ତିକ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଏହାଛଡା ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀଙ୍କୁ ଶିକ୍ଷଣ ସାମଗ୍ରୀ ସହିତ ପୁସ୍ତକ ବଣ୍ଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରସନ୍ନ ମହାନ୍ତି, ବିଜୟ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପ୍ରକାଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଶାରଦା ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

# ୮୨ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ



**ଭଣ୍ଡାରିପୋଖରୀ/ବାରିକପୁର, ୧୮।୧୧ (ସମିସ):** ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରରେ ଚଳିତ ବର୍ଷର ଜ୍ଞାନବିଜ୍ଞାନ ମେଳା ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ନରହରି ମହାନ୍ତି ମେଳାକୁ ଉଦଘାଟନ କରିଥିଲେ। ଏଥିରେ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ସେନାପତି ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱମ୍ଭର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନ ମେଳାର ଉପଯୋଗିତା ସମ୍ପର୍କରେ ଉଦବୋଧନ ଦେଇଥିଲେ। ଗୁରୁମା ସୁସ୍ମିତା ସ୍ୱାଇଁ ଅତିଥି ପରିଚୟ ଓ ଗୁରୁମା ସୁଜାତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ୮୨ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ରାଉତ ଓ ବିଜ୍ଞାନ ଶିକ୍ଷକ ଆଶୁତୋଷ ବଳ ବିଚାରକ ଭାବେ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ସର୍ବକନିଷ୍ଠ ବର୍ଗରୁ ସୋମନାଥ ପରିଡ଼ା, ସାହିଲ କୁମାର ସାହୁ ଓ ବନ୍ଦିତ ବଶିଷ୍ଠ ଶାଶିନୀ ଯଥାକ୍ରମେ ୧ମ, ୨ୟ ଓ ୩ୟ ପୁରସ୍କାର ହାସଲ କରିଥିଲେ। ସେହିପରି କନିଷ୍ଠ ବର୍ଗର ଜୟଶ୍ରୀ ବରାଳ, ଉନ୍ମେଷ ବିଶ୍ୱାଳ ଓ ଶୁଭସ୍ମୀତା ରାଉଳ ଏବଂ ଶୁଭଙ୍କର ଜେନା ଅନୁରୂପ ଭାବେ ପୁରସ୍କୃତ ହୋଇଥିଲେ। ବରିଷ୍ଠ ବର୍ଗରେ କୃଷ୍ଣଚନ୍ଦ୍ର ରାଉତ ଓ ସାଇଶ୍ରବା ମହାପାତ୍ର ଯୁଗ୍ମ ଭାବେ ପ୍ରଥମ, ଶଶୀଭୂଷଣ ବେହେରା ଓ କ୍ଷୀତିଶ ମିଶ୍ର ମିଳିତ ଭାବେ ଦ୍ୱିତୀୟ ଓ ଅନ୍ୱେଷା ଜୟସ୍ମୀତା ସେନାପତି ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ବିଦ୍ୟାମନ୍ଦିର ଗୁରୁଜୀ ଓ ଗୁରୁମାମାନେ ମେଳା ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ତିହିଡି, ୧୮ ।୧୧(ସମିସ):** ତିହିଡି ବ୍ଲକ ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦଯାପିତ ହେଇଛି। ଏହାକୁ ତିହିଡି ବିଡିଓ ଉଦଘାଟନ କରିଥିଲେ। ବିଧାୟକ ଚାନ୍ଦବାଲି ଭଦ୍ରକ ଡିଏସଏସ ଓ, ତିହିଡି ବିଡିଓ ନିରଞ୍ଜନ ବାରିକ, ବିଏସଏସଓ ନିହାର ରାଉତ, ସରପଞ୍ଚ କାଳିଆ ମହାନ୍ତି, ଯୁବ ନେତା ସୀତାକାନ୍ତ ନାୟକ, ମୁକ୍ତିକାନ୍ତ ନାୟକ, ସଂଗ୍ରାମ ମହାନ୍ତି, ଥାନା ଅଧିକାରୀଣି ରେଜାଲିନ ବେହେରା ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ଏହି ଶିବିରରେ ପ୍ରାୟ ଚାରିଶହ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଗଳା ନାସା କର୍ଣ୍ଣ, ଆଖି, ଭେଷଜ, ଅର୍ଥପେଡ଼ି ଆଦି ବିଭାଗର ଡାକ୍ତର ଏଠାରେ ଉପସ୍ଥିତ ରହି ବିଭିନ୍ନ ପରୀକ୍ଷା କରିଛନ୍ତି। ଯୋଗ୍ୟ ଭିନ୍ନକ୍ଷମଙ୍କୁ ପ୍ରମାଣ ପତ୍ର ଦିଆଯିବାର ବ୍ୟବସ୍ଥା ରହିଛି

# 'ବନ୍ଦେ ମାତରଂ'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ

**ଧାମନଗର, ୧୮ ।୧୧(ସମିସ):** ଧାମନଗର ସହରୀ ମଣ୍ଡଳ ତରଫରୁ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ବହୁମୁଖୀ ଇନଡୋର ଷ୍ଟାଡିୟମରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ବିଜେପି ନେତା କୈଳାସ ଗୁପ୍ତା, ନାରାୟଣ ରାଉତ, ନାରାୟଣ ଚନ୍ଦ୍ର ସାହୁ, ବିଜୟ ରାମ, ଶୁଭେନ୍ଦୁ ପତ୍ର, ଶ୍ରୀଧର ବେହେରା, କୃଷ୍ଣଚନ୍ଦ୍ର ଜେନା, ନଗର ସଭାପତି ପ୍ରଶାନ୍ତ ପରିଡ଼ା, କାଉନସିଲର ସ୍ୱାଧୀନ ସମ୍ବିତ ଦାସ, ଉତମ ମହାନ୍ତି, ରାଜେନ୍ଦ୍ର ଜେନା, ଦୟାନିଧି ରାଉତ, ଏମଡି ଫଜିବୁଲା, ଜାହେର ଖାଁ, ଛବୀନ୍ଦ୍ର ସାହୁ, ଧିରେନ୍ଦ୍ର କର, ଜଗନ୍ନାଥ ତ୍ରିପାଠୀଙ୍କ ସମେତ ୩ ଶହରୁ ଉର୍ଦ୍ଧ୍ୱ କର୍ମୀ ବନ୍ଦେ ମାତରଂ ଗାନ କରିଥିଲେ। ସେହିପରି ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୂତାରଙ୍କ ନେତୃତ୍ୱରେ ଅଶୋକ ପୁହାଣ, ଅରବିନ୍ଦ ପତି, ରମେଶ ପତି, ବିଶଙ୍କର ନାୟକ, ନିରାକାର ତରେଇ, ଲକ୍ଷ୍ମୀଧର ପାଣଗ୍ରାହୀ, ରାଜୀବ ମାଝୀ, ଅଖିଳ ଯେନା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ବେଦପୁର ବୈକୁଣ୍ଠୀରେ 'ବନ୍ଦେ ମାତରଂ'ର ଗାନ କରିଥିଲେ। ଏହି ଅବସରରେ ଭାରତୀୟ ଚେତନାକୁ ଜାଗୃତ କରିବାର ରଚନା ଯାହା ୧୫୦ ବର୍ଷ ତଳେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଶବ୍ଦର ରୂପ ପାଇଥିଲା।

# ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ

**ଅସୁରାଳି, ୧୮ ।୧୧(ସମିସ):** ଧାମନଗର ଶିକ୍ଷା ମଣ୍ଡଳ ଅଧୀନ ନଦିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ସନମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହେମନ୍ତ ସୁତାର, ପ୍ରାକ୍ତନ କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ଖିଲାର, ନଦିଗାଁ ସାଧନ ସଂଯୋଜକ ଅଭୟ କୁମାର ସୁତାର, ବରିଷ୍ଠ ଶିକ୍ଷକ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଦୀପକ ରଞ୍ଜନ ପଣ୍ଡା, ଅତୁଲ୍ୟ କୁମାର ପ୍ରଧାନ, ମୃତଞ୍ଜୟ ମହାନ୍ତି, ଅକ୍ଷୟ କୁମାର ପଣ୍ଡା, ଜଗନ୍ନାଥ ପାକଳ ପ୍ରମୁଖ ସହଯୋଗ କରିଥିଲେ।

# ଚିକିତ୍ସାଧୀନ ସମିତିସଭ୍ୟାଙ୍କୁ ଭେଟିଲେ ବିଧାୟକ



**ବନ୍ତ/ଆଗରପଡ଼ା, ୧୮।୧୧(ସମିସ):** ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ସମିତି ସଭ୍ୟା ଅତସ୍ମିତା ରାଉତ ଗତ କିଛିଦିନ ତଳେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ମେଡିକାଲକୁ ଯାଇ ସମିତିସଭ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଯୁବନେତା ଲାଲା ସ୍ୱାଇଁ, ନିର୍ମଳ ନାୟକ, ବସନ୍ତ ପତି, ମନୋରଞ୍ଜନ ସେଠୀ, ପଦ୍ମଲୋଚନ ନାଥଶର୍ମା ଉପସ୍ଥିତ ଥିଲେ।

## ପୌରପାଳିକା ଦୋକାନ ଗୃହ ଆବଣ୍ଟନ ନେଇ ହାଇକୋର୍ଟରେ ମାମଲା

# ୨୦ ସୁଦ୍ଧା ଆବେଦନକାରୀଙ୍କ ଅଭିଯୋଗର ଶୁଣାଣି କର

**ଭଦ୍ରକ, ୧୮ ।୧୧(ସମିସ)**

ଭଦ୍ରକ ପୌରପାଳିକା ପକ୍ଷରୁ ଦୋକାନ ଘର ଆବଣ୍ଟନ ନେଇ ହୋଇଥିବା ବିଜ୍ଞପ୍ତି ନେଇ ଏବେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ହାଇକୋର୍ଟ ଆସନ୍ତା ୨୦ତାରିଖ ସୁଦ୍ଧା ପୂର୍ବରୁ ଉକ୍ତ ସ୍ଥାନରେ ଅସ୍ଥାୟୀ ଦୋକାନ ଘର କରି ଉଚ୍ଛେଦରେ ଶିକାର ହୋଇଥିବା ଦୋକାନୀଙ୍କ ଆବେଦନକୁ ଶୁଣାଣି କର; ନଚେତ ଆସନ୍ତା ୨୦ ତାରିଖରେ ଉକ୍ତ ଦୋକାନ ଘର ଆବଣ୍ଟନ ନେଇ ଧାର୍ଯ୍ୟ ହୋଇଥିବା ଲଟେରି ତାରିଖକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ପତ୍ର ସଂଖ୍ୟା ୫୮୯୨, ୧୩.୧୦.୨୫ତାରିଖରେ ମଠସାହି ମୌଜା ସ୍ଥିତ ଶନିମନ୍ଦିର ପାଖରେ ନିର୍ମିତ ହୋଇଥିବା ମାର୍କେଟ କଂପ୍ଲେକ୍ସ, ବଙ୍କସାହି ମୌଜା ସ୍ଥିତ ମାଛ ମାର୍କେଟ, ଜଗନ୍ନାଥପୁର ମୌଜାର ବନ୍ତଛକ ମାର୍କେଟ କଂପ୍ଲେକ୍ସ ଓ ମଠସାହି ମୌଜାର ଚା' ଓ କଫି ଦୋକାନ ଘର ଆବଣ୍ଟନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନିର୍ଦ୍ଦେଶାନାମୁନାୟୀ, ଗତ ୧୭.୧୦.୨୦୨୫ରୁ ୧୬.୧୧.୨୫ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ରେଜେଷ୍ଟ୍ରି ଡାକ ଯୋଗେ ଆବେଦନ କରିବାକୁ ଉଲ୍ଲେଖ କରାଯାଇଥିଲା। ଏହି ମାର୍କେଟ କଂପ୍ଲେକ୍ସ ଆବଣ୍ଟନ ନେଇ ଶନିମନ୍ଦିର ଦୋକାନଗୃହ ଲାଗି ୫ଲକ୍ଷ ଟଙ୍କା, ବନ୍ତଛକ ଦୋକାନଗୃହ ଲାଗି ୨ଲକ୍ଷ ଟଙ୍କା, ମାଛମାର୍କେଟ ଓ ଚା, କଫି ଦୋକାନ ଘର ଲାଗି ୫୦ହାଜର ଟଙ୍କାର ଅମାନତ ରାଶି ବା ସିକ୍ୟୁରିଟି ଅର୍ଥ ଡ୍ରାଫ୍ଟ ଆକାରରେ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସେହିଭଳି ୧ହଜାର ଟଙ୍କା ପ୍ରୋସେସିଂ ବାବଦକୁ ଡିଡି ଦାଖଲ ଲାଗି ନିର୍ଦ୍ଦେଶ ଥିଲା। ଏହି ଦୋକାନ ଘର ଆବଣ୍ଟନ ପ୍ରକ୍ରିୟାରେ ଗତ ୧୭, ୧୮ ଓ ୧୯ତାରିଖରେ ଆବେଦନ ଫର୍ମ ଗୁଡିକର ସ୍କ୍ରୁଟିନ ହେବ ଓ ଆସନ୍ତା ୨୦ତାରିଖରେ ଆବେଦନକାରୀଙ୍କୁ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯିବ ବୋଲି ଧାର୍ଯ୍ୟ ହୋଇଥିଲା। ତେବେ ମଠସାହି ଶନିମନ୍ଦିର ଠାରେ ନିର୍ମିତ ହୋଇଥିବା ମାର୍କେଟ କଂପ୍ଲେକ୍ସ ଜମିରେ ପୂର୍ବରୁ ଅସ୍ଥାୟୀ କ୍ୟାବିନ ପକାଇ ଦୋକାନଘର କରି ପରିବାର ପୋଷଣ କରୁଥିବା ଦୋକାନୀଙ୍କୁ ପୌରପାଳିକା ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ତତ୍କାଳୀନ ପୌର ନିର୍ବାହୀ ଅଧିକାରୀ ମାର୍କେଟ କଂପ୍ଲେକ୍ସ ନିର୍ମାଣ ହେଲେ ଉଚ୍ଛେଦ ପରେ ବ୍ୟବସାୟ ଉଜୁଡିଥିବା ଦୋକାନୀଙ୍କୁ ଦୋକାନ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏବେ ପୌରପାଳିକ ଉକ୍ତ ଦୋକାନ ଘର ଲଟେରୀ ମାଧ୍ୟମରେ କରିବାକୁ ବିଜ୍ଞପ୍ତି ପ୍ରକାଶ କରିବା ପରେ ଉଚ୍ଛେଦରେ ଶିକାର ଦୋକାନୀମାନେ ଉକ୍ତ ଦୋକାନଘରକୁ ଲଟେରୀ ମାଧ୍ୟମରେ ଆବଣ୍ଟନ ନ କରି ଅଗ୍ରାଧିକାର ଭିତ୍ତିରେ ଦେବାକୁ ଗତ ମାସ ୧୮ ତାରିଖରେ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଦରଖାସ୍ତ କରିଥିଲେ। ତେବେ କିଛି ସୁଫଳ ନ ପାଇବାକୁ ସେମାନେ ହାଇକୋର୍ଟରେ ଏନେଇ ଏକ ମାମଲା( ରୁଜୁ କରି ଭଦ୍ରକ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିବା ପରେ କୋର୍ଟ ଉକ୍ତ ଆଦେଶ ଦେଇଥିବା ଜଣାଯାଇଛି। ସୂଚନାନୁଯାୟୀ, ପୌରପାଳିକାରେ ଦୋକାନଘର ଆବଣ୍ଟନ ନେଇ ୩୦୭ଟି ଆବେଦନ ଫର୍ମ ଗ୍ରହଣ ହୋଇଥିଲା। ଏଥିରୁ ସର୍ବାଧିକ ପ୍ରାୟ ୨୫୦ଟି ଶନି ମନ୍ଦିର ମାର୍କେଟ କଂପ୍ଲେକ୍ସ ଗୃହ ପାଇଁ ଆବେଦନ ହୋଇଥିଲା। ହାଇକୋର୍ଟଙ୍କ ଆଦେଶ ପରେ ଦୋକାନ ଘର ପାଇଁ ଆବେଦନ କରି ଲଟେରୀକୁ ଅପେକ୍ଷା କରିଥିବା ବହୁ ଆବେଦନକାରୀ ଏବେ ଚିନ୍ତାରେ ପଡ଼ିଛନ୍ତି।

**୫ଲକ୍ଷ ଟଙ୍କା ସିକ୍ୟୁରିଟି ଦେଇଥିବା ୨୫୦ ଆବେଦନକାରୀଙ୍କ ଚିନ୍ତା ବଢ଼ିଲା**

## ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ



ଧାମନଗର,୧୮ ।୧୧(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ଗ୍ରାମ ପଞ୍ଚାୟତ ଅଧୀନ ସରେଇସ୍ଥିତ ମଦ୍ରାସା କାଦରିୟା ଗାଜିନଗର, ସୋରିଷଡିହ ଠାରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି । ମଦ୍ରାସାର ପ୍ରଧାନ ଶିକ୍ଷକ ସାହା ମୁମତାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରସିସି ଦେବେନ୍ଦ୍ର କୁମାର କବି ଯୋଗଦେଇଥିବାବେଳେ ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ବେହେରା, ଓଡ଼ିଶା ମଦ୍ରାସା ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଏସ କେ ନାସିରୁଦ୍ଦିନ, ସୋରିଷଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବରେ ଗ୍ରାମର ଅଭିଭାବକ, ଗାଁର ମୁରବୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଖ ସବିର ଅହେମ୍ମଦ ଅତିଥିମାନଙ୍କୁ ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ

## କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ

ଦୋବଲ,୧୮ ।୧୧(ସମିସ): ଆସନ୍ତା ୨୨ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ । ଏ ନେଇ ଏକ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି । ଧାମନଗର ବ୍ଲକ ସମ୍ମିଳନୀ କକ୍ଷରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ ସମୀକ୍ଷା ବୈଠକରେ କୁହାଯାଇଛି ଯେ, କେନ୍ଦ୍ରମନ୍ତ୍ରୀ ୨୨ ତାରିଖ ସକାଳେ ଆସି ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରିରେ ପହଞ୍ଚିବେ । ଏଠାରେ ଉତ୍କଳ ପ୍ରଦେଶର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତି, ମାଳିକା ବର୍ଣ୍ଣିତ ଅର୍ଜ୍ଜୁନ ବୃକ୍ଷ, ଗୋହିରାଟିକିରି ମଠ ବୁଲି ଦେଖିବେ । ଏହାପରେ ଏଠାରେ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବେ କେନ୍ଦ୍ରମନ୍ତ୍ରୀ । ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରିର ଭିତ୍ତିଭୂମି ବିକାଶ କରାଯିବ । ଏହି ଅବସରରେ ଏକ ପଦଯାତ୍ରା କରାଯିବ । ଏଥିରେ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକ ସାମିଲ ହେବେ ବୋଲି ଜଣାପଡ଼ିଛି । ବୈଠକରେ ଭଦ୍ରକ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ମହାନ୍ତି, ସାଂସଦଙ୍କ ଧାମନଗର ବ୍ଲକ୍ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଧାମନଗର ବିଡିଓ ବନବିହାରୀ ଦିହା ଓ ସରପଞ୍ଚ ଅଶୋକ ପୁହାଣ ଯୋଗ ଦେଇଥିଲେ ।

## ଭତ୍ତା ପାଇବାକୁ ନାକେଦମ ହେଉଛନ୍ତି ହିତାଧିକାରୀ



ଦୋଳସାହି,୧୮ ।୧୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ବର୍ଗର ଭତ୍ତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କ୍ଷେତ୍ରରେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ସୂଚନା ଅନୁସାରେ ଗୁଆମାଳ ପଞ୍ଚାୟତର ରାଜନୈତିକ ଆକ୍ରୋଶରୁ ଅନେକ ବିଧବାଙ୍କୁ ଭିନ୍ନକ୍ଷମ ଓ ମୃତ ଦର୍ଶାଇ ଭତ୍ତା ବନ୍ଦ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି । ଏହି ପଞ୍ଚାୟତର ସାତ ନମ୍ବର ୱାର୍ଡର ନିରାଶ୍ରୟ ତଥା ଦୀର୍ଘ ୨୦ ବର୍ଷ ପୂର୍ବରୁ ବିଧବା ହୋଇଥିବା ମହିଳାଙ୍କ ଭତ୍ତା ବନ୍ଦ କରାଯାଇଥିବା ଜଣାପଡ଼ିଛି । ଗତ ଜୁନ୍ ମାସରେ ବିଧବା ମାଳତି ଜେନାଙ୍କୁ ଭିନ୍ନକ୍ଷମ ଦର୍ଶାଇ ଭତ୍ତା ବନ୍ଦ କରାଯାଇଥିଲା । ତେବେ ଅଗଷ୍ଟ ଓ ସେପ୍ଟେମ୍ବର ମାସ ୨ମାସର ଭତା ପ୍ରଦାନ କରାଯାଇଥିଲା ବେଳେ ଅକ୍ଟୋବର ମାସରୁ ତାଙ୍କୁ ଭତ୍ତା ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି । ତୁରନ୍ତ ବିଧବା ମାଳତି ଜେନାଙ୍କୁ ଭତ୍ତା ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି ।

## ୨୦ ବର୍ଷ ହେଲା ଆବାସ ଅପେକ୍ଷାରେ ଭାରତୀ!



ଅସୁରାଳି,୧୮ ।୧୧(ସମିସ): କଲ୍ୟାଣୀ ପଞ୍ଚାୟତ ଅନ୍ତର୍ଗତ ବନସର ଗାଁର ଭାରତୀ ପୁହାଣଙ୍କ ୬୨ବର୍ଷ ହେଲାଣି । ୧୫ ବର୍ଷ ହେଲା ସ୍ୱାମୀ ଆରପାରିକୁ ଚାଲିଗଲେଣି । ତାଙ୍କର କେବଳ ୨ ଟି ଝିଅ, ସବୁ ଝିଅ ବିବାହ କରିସାରିଲେଣି । ଏକୁଟିଆ ଭାରତୀ ଝାଟିମାଟି ଘରେ ରହୁଛନ୍ତି । ଯେଉଁଠି ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦେଖି ତାଙ୍କର ଜୀବନ ବିତୁଛି! କେବଳ ସେତିକି ନୁହେଁ ଘରର ଅବସ୍ଥା ଏତେ ଜରାଜୀର୍ଣ୍ଣ ଯେ ଦୂରରୁ କେହି ଦେଖି ରହିବାକୁ ପସନ୍ଦ କରିବେ ନାହିଁ । ମାତ୍ର ଭାରତୀ ନିଜ ଦୁଃଖ ସହିତ ଯୁଝୁଛନ୍ତି ଓ ୨୦ ବର୍ଷ ତଳେ ସ୍ୱାମୀ ଥିବା ଅବସ୍ଥାରେ ମିଳିଥିଲା ଆବାସ ପାଇଁ ମାତ୍ର ୫ ହଜାର । ପରେ ଆଉ ଅର୍ଥରାଶି ମିଳିନଥିଲା । ଏଣୁ ଆବାସ ତିଆରି ଅଧାରେ ରହି ଯାଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚକ୍କର କାଟିଥିଲେ ମଧ ବାକି ଅର୍ଥରାଶି ମିଳି ନଥିଲା । ସେହିଦିନଠାରୁ ଭାରତୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି ।

# ଲୌହମିଶା ପାଣିରେ ନଷ୍ଟ ହେଉଛି ଚାଷଜମି

ବାରିକପୁର,୧୮ ।୧୧(ସମିସ)



ଭଣ୍ଡାରିପୋଖରୀ ବ୍ଲକ ୧୬ନଂ ଜାତୀୟ ରାଜପଥର ଯାମିନୀବିନ୍ଧା ଠାରେ ଅବସ୍ଥିତ କ୍ରୋମଓର ବେନେଫିସିଏସନ ପ୍ଲାଣ୍ଟରୁ ବିପୁଳ ପରିମାଣର ତରଳ ଜାତୀୟ ବର୍ଜ୍ୟ ବସ୍ତୁ ବାହାରୁଛି । ଏହା ଲାଲ ରଙ୍ଗର ହୋଇଥିବା ବେଳେ ପାର୍ଶ୍ୱ କେନାଲ ଓ ନାଳ ପାଣିକୁ ପ୍ରଦୂଷିତ କରୁଛି । ଏହାଛଡା ପାର୍ଶ୍ୱ ଚାଷ ଜମିକୁ ମଧ ଏହି ପାଣି କ୍ଷତି ପହଞ୍ଚାଉଥିବା ଗତ ସୋମବାର ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଚାଷୀମାନେ ଅଭିଯୋଗ କରିଛନ୍ତି । ମହିଳାନେତ୍ରୀ ସବିତା ଚନ୍ଦଙ୍କ ସମେତ ଯୁବନେତା ପ୍ରଶାନ୍ତ କୁମାର ସାହୁ, ରଜନୀକାନ୍ତ ଚନ୍ଦ, ଗୁରୁପ୍ରସାଦ ଗିରି, ପ୍ରତାପ କିଶୋର ମହାପାତ୍ର, ବିଜୟ ଶଙ୍କର ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଏଭଳି ଅଭିଯୋଗ କରିଛନ୍ତି । ଏଥିରେ ବୟାବନାପୁର, ଦକ୍ଷିଣବାଡ଼, ତେସିଙ୍ଗା, ରାମଚନ୍ଦ୍ରପୁର ପ୍ରମୁଖ ପଞ୍ଚାୟତ ଅଞ୍ଚଳର ଚାଷୀ ମଧ ଉପସ୍ଥିତ ଥିଲେ । ପ୍ଲାଣ୍ଟ ପାଇଁ ଗତ ୧୧ତାରିଖରେ ସଠିକ ଭାବେ ଜନ ଶୁଣାଣି ହୋଇନଥିବା ଚାଷୀମାନେ କହିଥିଲେ । ଏହାପରେ ୧୪ତାରିଖ ଦିନ ଉକ୍ତ ପ୍ଲାଣ୍ଟରୁ ବିଷାକ୍ତ ବର୍ଜ୍ୟବସ୍ତୁ ନିଷ୍କାସିତ ହୋଇ କେନାଲ ଓ ଚାଷ ଜମିକୁ ମାଡିଯାଇଛି । ଜିଲ୍ଲାପାଳ ସମସ୍ତ ଘଟଣା ଜାଣିବା ପରେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିବା ଜଣାପଡ଼ିଛି ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ଭଦ୍ରକ,୧୮ ।୧୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଦୁର୍ଗା ପଡିଆ ଠାରେ ଚାନ୍ଦବାଲି ବ୍ଲକର ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚାନ୍ଦବାଲି ବ୍ଲକର ସମସ୍ତ ୩୬ଟି ଗ୍ରାମ ପଞ୍ଚାୟତ ଏବଂ ଏନ୍‌ଏସିରୁ ୧୦୦୦ ରୁ ଅଧିକ ମତ୍ସ୍ୟଜୀବୀ ଏବଂ ପ୍ରାଣୀପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ । ସାଂସଦ ଅଭିମନ୍ୟୁ ସେଠୀ ମେଳା ଓ ପ୍ରଦର୍ଶନୀ କୁ ଫିତା କାଟି ଉଦଘାଟନ କରିଥିଲେ । ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ ସାଂସଦ ଶ୍ରୀ ସେଠୀ ଯୋଗ ଦେଇ ଉପସ୍ଥିତ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଧନାଇ ଚରଣ ଗୁରୁ, ବ୍ଲକ ଅଧକ୍ଷା ମିନତୀ ସୁତାର, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଡଃ. କରୁଣ କୁମାର ମଲ୍ଲିକ, ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବ୍ଲକର ୪ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ୩ ଜଣ ପ୍ରାଣୀପାଳକ ଓ କୁକୁଡ଼ା ପାଳନ ପାଇଁ ଗୋଟିଏ ସ୍ୱୟଂ ସହାୟକ ଦଳ ସମୁଦାୟ ୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମତ୍ସ୍ୟ ବିଶେଷଜ୍ଞ ଭାବରେ ଡ. ବିଶ୍ୱରଞ୍ଜନ ସାମନ୍ତରାୟ, ପ୍ରାଣୀଚିକିତ୍ସା ବିଶେଷଜ୍ଞ ଭାବରେ ନିମାଇ ଚରଣ ପଟ୍ଟନାୟକ ଯୋଗ ଦେଇ ଚାଷୀ ଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ର ର ସୁଶାନ୍ତ କୁମାର ସିଂ ।

**ଅସୁରାଳି:** ଧାମନଗର ବ୍ଲକର ଅସୁରାଳି ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍‌ଘାଟନ କରିଥିଲେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ । ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ହୃଷିକେଶ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ଆୟୁଷ୍ମାନ କର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରତିନିଧି ଅଶୋକ ପୁହାଣ, ବିଡିଓ ବନ ବିହାରୀ ଦିହା ପ୍ରମୁଖ ଏହି ମେଳାରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ସଂପର୍କିତ ତଥ୍ୟ ପ୍ରଦର୍ଶନ କରାଯାଇଥିଲା । ବିଭାଗୀୟ ଅଧିକାରୀ ଓ ସଫଳ ଚାଷୀମାନେ ନିଜର ସଫଳତା ଓ ପଶୁ ପାଳନ ଜ୍ଞାନକୌଶଳ ସଂପର୍କରେ ଉପସ୍ଥିତ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ପରେ ପଶୁପାଳନରେ ସଫଳ ହୋଇଥିବା କେତେକ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଭୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ମେଳାରେ କିଛି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନଙ୍କୁ ପୁରସ୍କୃତ କରା ଯାଇଥିବା ଓ ସାଧାରଣ ଚାଷୀ ବଞ୍ଚିତ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏଥି ସହିତ ନବେ ପ୍ରତିଶତ ଶାସକ ଦଳର ଚାଷୀ ମାନଙ୍କୁ ପୁରସ୍କୃତ କରାଯାଇଥିବାରୁ ଏହାର ତଦନ୍ତ ଦାବି କରାଯାଇଥିଲା । ଏ ସମ୍ପର୍କରେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ କୌଣସି ଉତ୍ତର ଦେଇ ନଥିଲେ ।



**ଦୀର୍ଘଦିନ ହେଲା ସହକାରୀ ଯନ୍ତ୍ରୀଙ୍କ ଅଫିସରେ ତାଲା**

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ସ୍ଥାନୀୟ ବାସିନ୍ଦା



ଅସୁରାଳି,୧୮ ।୧୧(ସମିସ): ବେତାଳି ଗାଁରେ ରହିଥିବା ରାସ୍ତା ଓ ଗୃହ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୀର୍ଘଦିନ ଧରି ତାଲା ପଡ଼ି ରହିଛି । ମାସର ୩୦ ଦିନ ଯାକ ଗେଟରେ ତାଲା ପଡ଼ିରହିବାକୁ ତାହା ଲୋକଙ୍କ ସେବାରେ ଲାଗିପାରୁନାହିଁ । କୌଣସି ପ୍ରଶାସନିକ ଅଧିକାରୀଙ୍କୁ ଏହି କାର୍ଯ୍ୟାଳୟରେ ଦେଖିନାହାନ୍ତି । ଯନ୍ତ୍ରୀଙ୍କୁ ନିଯୁକ୍ତି କରିଥିଲେ ମଧ ବଡ଼ ବିଡ଼ମ୍ବନା ର ବିଷୟ ଏହିକି ଯେ ତାଙ୍କ ପଦଚିହ୍ନ କେବେ ବି ପଡିନାହିଁ ଏଠାରେ! ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିବର୍ଷ ଉକ୍ତ କାର୍ଯ୍ୟାଳୟର ''ଉନ୍ନତିକରଣ' ନାମରେ ରାଜସ୍ୱରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ପ୍ରାୟୋଗିକ ଭାବରେ କାର୍ଯ୍ୟାଳୟର କୌଣସି କାର୍ଯ୍ୟକଳାପ ଦେଖିବାକୁ ମିଳୁନାହିଁ । ଏହି ପରିସ୍ଥିତିରେ ସାଧାରଣ ଲୋକେ କ୍ଷୁବ୍ଧ ହୋଇ, ଏହାକୁ ''ରାଜସ୍ୱର ଅପବ୍ୟୟ' ବୋଲି ବ୍ୟାଖ୍ୟା କରିଛନ୍ତି । ଗାଁବାସୀମାନେ ଜିଲ୍ଲାପାଳଙ୍କୁ ଲିଖିତ ଦାବି ଦେଇ, ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଦାବି ଅନୁଯାୟୀ କାର୍ଯ୍ୟାଳୟକୁ ସଚଳ କରାଯାଉ ଓ ଅଧିକାରୀଙ୍କୁ ନିୟମିତ ଭାବେ ଉପସ୍ଥିତ ରହିବାକୁ ବାଧ୍ୟ କରାଯାଉ । ରାଜସ୍ୱର ଅପବ୍ୟୟକୁ ରୋକି, ଲୋକଙ୍କ ପାଇଁ ପ୍ରାୟୋଗିକ ସୁବିଧା ଦିଆଯାଉ ଓ ସାଧାରଣ ଲୋକଙ୍କ ଆଶା, ପ୍ରଶାସନ ଶୀଘ୍ର ଏହି ଅବ୍ୟବସ୍ଥାକୁ ସମାଧାନ କରି, ସୁଚାରୁ ଶାସନକୁ ସୁନିଶ୍ଚିତ କରିବ ।

## 'ଦେଶର ବିକାଶରେ ବାଜପେୟୀଙ୍କ ଅବଦାନ ସ୍ମରଣୀୟ'



ଭଦ୍ରକ,୧୮ ।୧୧(ସମିସ): ରାଷ୍ଟ୍ର ପୁରୁଷ ଅଟଳ ବିହାରୀ ବାଜପେୟୀ ଦେଶର ବିକାଶ ପୁରୁଷ । ଅଟଳଜୀ କେବଳ ଜଣେ ରାଷ୍ଟ୍ରନେତା ନଥିଲେ ବରଂ ସେ ଥିଲେ ଗଣତନ୍ତ୍ରର ପୂଜାରୀ ତଥା କବି ଓ ବାଗ୍ମୀ ମଣିଷ । ପ୍ରଧାନ ମନ୍ତ୍ରୀ ଭାବେ ସେ ଯେତେବେଳେ ଦେଶର ନେତୃତ୍ୱ ନେଇଥିଲେ ସେତେବେଳେ ଦେଶର ପ୍ରଭୁତ ବିକାଶ ସାଧିତ ହୋଇଥିଲା ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ନବମ ସନ୍ଧ୍ୟାକୁ ନାଟ୍ୟ ନିର୍ଦ୍ଦେଶକ ରାୟ ରାମାନନ୍ଦ ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ରାଷ୍ଟ୍ର ରାଜନୀତିରେ ବିକାଶ ପୁରୁଷ ଅଟଳ ବିହାରୀ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମହୋତ୍ସବର ଆବାହକ ଅଧ୍ୟାପକ ନିହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅସୁରାଳି ସ୍ଥିତ ବେଷ୍ଟର ଅଧକ୍ଷ ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟ ବକ୍ତା, ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ କୁଶଦେବ ମଲ୍ଲିକ, କବି ଓ ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ବସନ୍ତ କୁମାର ରାଉତ, ବାସୁଦେବପୁର ସୌରଭ ମହୋତ୍ସବ ସଭାପତି ଜୟପ୍ରକାଶ ମଲ୍ଲିକ, କବୟିତ୍ରୀ ଚୈତାଳୀ ଖିଲାର ପ୍ରମୁଖ ଅତିଥ ଭାବେ ଯୋଗଦେଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ କବୟିତ୍ରୀ ତଥା ଅଧକ୍ଷା ଦୀପ୍ତିମୟୀ ସାହୁ ଅତିଥି ପରିଚୟ ଓ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହୋତ୍ସବର ସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କର ମଞ୍ଚ ପରିଚାଳନା କରିଥିଲେ ଏବଂ ମହୋତ୍ସବ ସହ ସମ୍ପାଦିକା ଅଞ୍ଜୁବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସନ୍ଧ୍ୟାରେ ମୟୂର ଡ୍ୟାନ୍ସ ଗ୍ରୁପ ଓ ଭଦ୍ରକ କଲ୍ଚରାଲ ଏକାଡେମୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

**ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟା**

**ହଜି ଯାଉଛି କମାରଶାଳ**

## କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

ବନ୍ତ/ଆଗରପଡ଼ା,୧୮ ।୧୧(ସମିସ)

ଆଧୁନିକ ପରମ୍ପରାକୁ ଆପଣେଇବା ଇଚ୍ଛାରେ ଓ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ସହ ଜୀବନକୁ ଉନ୍ନତ ମାନର କରିବା ଆଶାରେ ବହୁ ସଂପ୍ରଦାୟ ନିଜ କୁଳ ବେଉସାକୁ ଭୁଲିବାକୁ ବସିଲେଣି । ମଣିଷ ଯେତେ ଆଧୁନିକ ହେଲେ ମଧ ଏମିତି କିଛି ଅତ୍ୟାବଶ୍ୟକ ଗୃହ ଉପକରଣ ରହିଛି, ଯାହା ପ୍ରତି ଘରେ ଆବଶ୍ୟକ ପଡ଼ିଥାଏ । ସେଥିରୁ କୋଦାଳ, ଦାଆ, ଗଇଁଚି, ଶାବଳ, ଟାଙ୍ଗିଆ, ନିହାଣ, ବଟାଳି, କରତ, ପନିକି, ଖିଲିକାତି, ବାରସୀ ଇତ୍ୟାଦି । ଏହିସବୁ ସାମଗ୍ରୀ ବିନା ଚାଷ କାର୍ଯ୍ୟ, ଘରବାଡ଼ି କାର୍ଯ୍ୟ ଏହିପରି ଅନେକ କାର୍ଯ୍ୟ ଅସମ୍ଭବ ହୋଇଥାଏ । ଏହିସବୁ ସାମଗ୍ରୀକୁ ପ୍ରସ୍ତୁତ କରୁଥିବା ସଂପ୍ରଦାୟ 'କମାର' ଆଜି ଅବହେଳିତ । ଆଉ ଦେଖିବାକୁ ମିଳୁନି କମକାର ଶାଳ । ଆଗରପଡ଼ା ଓ ତାର ଆଖପାଖ ଅଂଚଳରେ ଯଥା:- ପୁରୁଷଣ୍ଡ, ରାଉତରାପୁର, ନରାଜପୁର, ଶେଉଳଗଡ଼ିଆ, ବଡ଼ବର୍ଚ୍ଚିକୟାଁ, କଳାପଦା(କାଦବରାଂଗ), ବେଲଗଡ଼ିଆ(ଅଡ଼ାଳପଙ୍କ), କନ୍ତିଆ(ବର୍ଦ୍ଧନା) ଏପରି ଗ୍ରାମ ଯେଉଁ ଗ୍ରାମରେ ବହୁ ବର୍ଷରୁ କମାର ସଂପ୍ରଦାୟ ବସ ବାସ କରିଆସୁଛନ୍ତି । ସେମାନେ କୌଳିକ ବୃତ୍ତିକୁ ପାଥେୟ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ, ସମୟାନୁକ୍ରମେ ରୋଜଗାର ତୁଳନାରେ ଖର୍ଚ୍ଚକୁ ଦେଖି ସେମାନେ ଏହି ବେଉସାରୁ ଅପସରି ଯାଇ ଅନ୍ୟ ପନ୍ଥା ଅବଲମ୍ବନ କଲେଣି । ଯୁବପିଢ଼ି ଏହି ପାରମ୍ପାରିକ ବୃତ୍ତିରୁ ମୁହଁ ଫେରାଇଲଣି । କିନ୍ତୁ ବେଲଗଡ଼ିଆ(ଅଡ଼ାଳପଙ୍କ) ଗ୍ରାମର



ଧରଣୀଧର ଓଝା(୭୨), ବିଷ୍ଣୁମୋହନ ଓଝା(୫୭) ଓ ନାରାୟଣ ଓଝା(୫୨)ଙ୍କର କହିବା ଅନୁସାରେ ସେମାନେ ରୋଜଗାର କ'ଣ ଜାଣିବା ଦିନଠୁ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । କେବଳ ଘରଡ଼ିହକୁ ଛାଡ଼ିଦେଲେ ସେମାନଙ୍କର ଆଉ ଜମିବାଡ଼ି ନାହିଁ । ଏହି ରୋଜଗାରରେ ପରିବାର ସଦସ୍ୟଙ୍କୁ ବହୁ ଦୁଃଖକଷ୍ଟରେ ପ୍ରତିପୋଷଣ କରୁଛନ୍ତି । କନ୍ତିଆ ଗ୍ରାମର ଅଭିମନ୍ୟୁ ଓଝା (୫୨)ଙ୍କ କହିବା ଅନୁସାରେ ସେ ୪୦ ବର୍ଷ ହେବ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । ହେଲେ ଏଥିରେ ଚଳିବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି । ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଅର୍ନ୍ତଗତ ବଡ଼ବର୍ଚ୍ଚିକୟାଁ ଗ୍ରାମରେ ବହୁ ବର୍ଷରୁ କମାର ସଂପ୍ରଦାୟ ବସବାସ କରିଆସୁଅଛନ୍ତି । ଗ୍ରାମର ପାଖାପାଖି ୪ ପରିବାର ଏହି ସଂପ୍ରଦାୟର । ସେହି ଗ୍ରାମର ଶିବ ବିନ୍ଧାଣୀ(୬୨)ଙ୍କର କହିବା ଅନୁସାରେ ସେ ୫୦ ବର୍ଷ ହେବ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । ପ୍ରସ୍ତୁତ ସାମଗ୍ରୀକୁ ଚାଷୀମାନଙ୍କୁ ବିକ୍ରି କରିବା ସହ ହାଟ ବାରିରେ ବନ୍ତ ଓ ଆଗରପଡ଼ା ସୁଭଦ୍ରା ମହତାବ ହାଟରେ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି ସତ କିନ୍ତୁ ସରକାରଙ୍କର କଟକଣା ଯୋଗୁଁ ଅଙ୍ଗାର, କୋଇଲାର ଅଭାବ ହେତୁ ଚଢ଼ା ଦରରେ ଏହାକୁ ବଜାରରୁ କ୍ରୟ କରୁଥିବାରୁ ତାଙ୍କ ଆୟ ତୁଳନାରେ ବ୍ୟୟ ଅଧିକ ହୋଇଯାଉଛି । ଆଧୁନିକ ବଜାରରେ ତାଙ୍କ ସାମଗ୍ରୀର ପାରିଶ୍ରମିକ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଏହିସବୁ ଉପକରଣ ମିଳୁଥିବାରୁ ବେପାରିମାନେ ସେମାନଙ୍କ ଠାରୁ ମୁହଁ ବୁଲାଇ ନେଉଛନ୍ତି । ଏହି ସବୁ ପରିସ୍ଥିତି ସ୍ଥଳେ ସରକାରଙ୍କ କଟକଣାର ଅଭାବ ଯୋଗୁଁ ସୁଦୂର ରାଜସ୍ଥାନରୁ ରାଜସ୍ଥାନି କମାର ପରିବାର ଆମ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଶିଆସିଛନ୍ତି । ବନ୍ତ ଅଞ୍ଚଳର କିଛି ସ୍ଥାନରେ ସେମାନଙ୍କର ବେପାର ପଶରା ମେଲାଇ ବସିବା ସହ ପୁରୁଣା ଜାନବାହନରୁ ବାହାରିଥିବା ଲୁହାପତିକୁ କମ ମୂଲ୍ୟରେ କ୍ରୟକରି ଗୃହ ଉପକରଣ ସାମଗ୍ରୀମାନ ତିଆରି କରି ତାକୁ କମ ମୂଲ୍ୟରେ ବିକ୍ରି କରୁଥିବାରୁ ଏହା ସ୍ଥାନୀୟ କମାରଙ୍କୁ ହତୋତ୍ସାହିତ କରୁଛି । ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସରକାରଙ୍କ ପ୍ରଦତ୍ତ ସୁବିଧା ଓ ସୁଯୋଗ ସେମାନଙ୍କର ପାଖରେ ଆଜି ବି ଅପହଞ୍ଚ । ତେଣୁ ସରକାରୀ ସୁବିଧା ସୁଯୋଗ ତାଙ୍କୁ ମିଳିପାରିଲେ ସେ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ସହ ଜୀବନକୁ ଉନ୍ନତ ମାନର କରିପାରନ୍ତେ ବୋଲି କହିଛନ୍ତି ।

## ୩୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବ



ଅସୁରାଳି,୧୮ ।୧୧(ସମିସ): ଜୀବନରେ କ୍ରୀଡ଼ାର ମହତ୍ୱ ଢେର୍ ବେଶୀ । ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ, ଦଳୀୟ ଭାବନା ଓ ଶିଷ୍ଟାଚାରର ଉନ୍ନତି ଏହାଦ୍ୱାରା ହୋଇଥାଏ । କ୍ରୀଡ଼ା ଛାତ୍ରଙ୍କୁ କେବଳ ଶାରୀରିକ ଶକ୍ତି ଦେଇନଥାଏ, ଏହା ତାଙ୍କର ଚରିତ୍ର, ନେତୃତ୍ୱ ଓ ସାମାଜିକ ଜୀବନକୁ ମଧ ଗଢିଥାଏ ଓ କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ, ସଚେତନ ଓ ସକ୍ରିୟ ରହେ । ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅସୁରାଳିର ୩୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଏଭଳି କହିଛନ୍ତି ଅତିଥିମାନେ । ଗଡିଆଳି ପଞ୍ଚାୟତ ସ୍ଥିତ ପଞ୍ଚାୟତ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଚତୁର୍ଭୁଜ ନାୟକ ଯୋଗଦେଇଥିବାବେଳେ ସଭାପତିତ୍ୱ କରିଥିଲେ ସତ୍ୟ ସୁନ୍ଦର ପାଢ଼ୀ । ଏହାଛଡ଼ା ବୈରାଗୀ ଶିଶୁ ମନ୍ଦିର ସଂକୁଳ ପ୍ରମୁଖ ସନ୍ତୋଷ ସାହୁ, ଶିଶୁ ମନ୍ଦିର ପ୍ରତିଷ୍ଠାତା ଉତ୍କଳ ଭୂଷଣ ନାୟକ, ସମ୍ପାଦକ ଦୀପକ କୁମାର ବାରିକ, ପ୍ରଧାନ ଗୁରୁଜୀ ନିତ୍ୟାନନ୍ଦ ପତି ଉପସ୍ଥିତ ଥିଲେ । ୧୧୫୨ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

# ଦୁର୍ଦ୍ଦିନରେ ୧୧୫ ବର୍ଷର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

ଚମ୍ପୁଆ,୧୮ ।୧୧(ସମିସ)



କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ଉପଖଣ୍ଡର ହୋଇଥିବା ବେଳେ ୧୧୫ ବର୍ଷର ଚମ୍ପୁଆ ଉପଖଣ୍ଡର ଚିକିତ୍ସାଳୟରେ ଡାକ୍ତର ଅଭାବ ପରିତାପର ବିଷୟ ପାଲଟିଛି । ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ହନ୍ତସନ୍ତ ହେଉଛନ୍ତି ଚମ୍ପୁଆବାସୀ । ଉପଖଣ୍ଡର ରେଫରାଲ ଚିକିତ୍ସାଳୟ ଭାବେ ପରିଚିତ ହେଲାଣି । ଦିନେ ରୋଗୀ ସେବା ପାଇଁ ପ୍ରମୁଖ ଏହି ଚିକିତ୍ସାଳୟ ଆଜି ଶ୍ରୀହୀନ ହେବାକୁ ବସିଲାଣି । ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଜରୁରିକାଳୀନ ସେବା ଯୋଗାଉଥିବା ସ୍ତ୍ରୀ ପ୍ରସୂତି ବିଭାଗ । ୧୯୧୦ରେ ନିର୍ମିତ ଏହି ଚିକିତ୍ସାଳୟ ମୟୂରଭଂଜ, ସୁନ୍ଦରଗଡ, ପୋଡଶୀ ଝାଡଖଣ୍ଡ ସମେତ ସ୍ଥାନୀୟ ଅଂଚଳର ରୋଗୀ ସେବାକୁ ଗୁରୁତ୍ୱ ଦେଇଆସୁଥିଲେ ହେଁ ଆଜିର ସମୟରେ ଏହି ଚିକିତ୍ସାଳୟ ଉପରେ ରୋଗୀଙ୍କ ଭରସା ତୁଟିବା ଆରମ୍ଭ କଲାଣି । ସୂଚନା ଯୋଗ୍ୟକି, ଦୀର୍ଘ ସାଢେ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଚିକିତ୍ସାଳୟର ସ୍ତ୍ରୀ ପ୍ରସୂତି ବିଭାଗରେ ନିୟମିତ ଡାକ୍ତର ନାହାନ୍ତି । ଡାକ୍ତର ଅଭାବ କାରଣ ଦେଖାଇ ୩ ବର୍ଷ ଧରି ଜିଲ୍ଲା ଖଣିଜ ପାଣ୍ଠିରୁ ୨ ଜଣ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା । ସ୍ତ୍ରୀ ଓ ପ୍ରସୂତି ବିଭାଗ ଏକ ଜରୁରୀ ବିଭାଗ ଭାବରେ ବିବେଚନା କରାଯାଉଥିବା ବେଳେ ଯେନେତେନେ ପ୍ରକାରେଣ ଦୀର୍ଘ ୩ ବର୍ଷ ଧରି ଖଣିଜ ପାଣ୍ଠିରୁ ନିଯୁକ୍ତ ଡାକ୍ତର କାମ ଚଳାଇ ଆସୁଥିଲେ । ମାତ୍ର ପ୍ରାୟ ଦେଢ ବର୍ଷ ହେବ ଉଭୟ ଡାକ୍ତର କାମ ଛାଡି ଦେବାରୁ ଏହି ପଦ ଖାଲି ପଡିଛି । ଏନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଜିଲ୍ଲା ବିଭାଗୀୟ ଅଧିକାରୀଙ୍କୁ ଡାକ୍ତର ପାଇଁ ଦାବି କରି ଆସୁଥିଲେ ହେଁ, ତାହା ପୁରଣ ହୋଇପାରୁ ନାହିଁ । ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରୋଗୀମାନେ ନାନା ସମସ୍ୟା ଭୋଗୁଥିବା ଦେଖାଯାଇଛି । ବର୍ତ୍ତମାନ ସପ୍ତାହରେ କିଛି ଡାକ୍ତରଙ୍କୁ ଡେପ୍ୟୁଟେସନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେମାନେ କିଛିଦିନ ଆସିଲା ପରେ ଆସିବା ବନ୍ଦ କରିଦେଲେ; ମାତ୍ର ଏହି ବିଭାଗଟି ଜରୁରୀ ବିଭାଗ ହୋଇଥିବାରୁ ବିଭିନ୍ନ ସମୟରେ ସ୍ତ୍ରୀ ଓ ପ୍ରସୂତି ରୋଗୀ ଭରସା କରି ଆସୁଛନ୍ତି ସତ କିନ୍ତୁ ନର୍ମାଲ ଡେଲିଭରି କ୍ଷେତ୍ରରେ ନର୍ସମାନେ ସେବା ଯୋଗାଉଛନ୍ତି । ଅନ୍ୟପକ୍ଷରେ ଅସ୍ତ୍ରୋପଚାର ଜନିତ ସମସ୍ୟା ଉପୁଜିଲେ ରୋଗୀଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦିଆଯାଉଛି ।

- ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଦେଢ଼ବର୍ଷ ହେଲା ଡାକ୍ତର ଅଭାବ
- ଜରୁରୀ ସମୟରେ ନର୍ସ କରାଉଛନ୍ତି ଗର୍ଭବତୀଙ୍କ ଅସ୍ତ୍ରୋପଚାର
- ଜରୁରିକାଳୀନ ରୋଗୀଙ୍କ ପାଇଁ ପାଲଟିଛି ରେଫରାଲ୍ ସେଣ୍ଟର

# ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କେନ୍ଦୁଝର,୧୮ ।୧୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମହାଲକ୍ଷ୍ମୀ ପଡିଆରେ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶିବଚରଣ ବାଘ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ହୃଷିକେଷ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଇତିହାସ ଅଧ୍ୟାପକ ରାମଶଙ୍କର ସାହୁ ଓ ଇଂରାଜୀ ଅଧ୍ୟାପକ ସୁରେଶଚନ୍ଦ୍ର ଆଚାର୍ଯ୍ୟ, ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ସଂସଦର ଉପସଭାପତି ସନତ କୁମାର ଦାସ, କ୍ରୀଡ଼ା ଶିକ୍ଷୟିତ୍ରୀ କଳ୍ପନା ଦେଓ ଏବଂ ପ୍ରିୟମ୍ବଦା ମହାନ୍ତ ଖେଳ ପରିଚାଳନା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକା ସମେତ କର୍ମଚାରୀ ସହଯୋଗ କରିଥିଲେ । ବୁଧବାର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହେବ ।

# ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଦାବିରେ ଧାରଣା



ଆନନ୍ଦପୁର/ହାଟଡିହି, ୧୮ ।୧୧ (ସମିସ): ୨ କିଲୋମିଟର ଦୂରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପାଠ ପଢିବାକୁ ଯାଉଛନ୍ତି ୨୦ ଜଣ କୁନିକୁନି ପିଲା । ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ବିଭାଗୀୟ ଟେଣ୍ଡର ହୋଇଥିଲେ ମଧ୍ୟ ନିର୍ମାଣରେ ବିଳମ୍ବ ହେଉଛି । କେନ୍ଦ୍ରର ଗୃହ ନଥିବା ୱାର୍ଡରେ ତାହା ନିର୍ମାଣ ନକରି ପୁଣିଥରେ ପୂର୍ବରୁ ଗୃହ ଥିବା ୱାର୍ଡରେ ନିର୍ମାଣକୁ ନେଇ ଧାରଣାରେ ବସିଛନ୍ତି ସ୍ଥାନୀୟ ଅଧିବାସୀ । ଏଭଳି ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ୍ ସିଙ୍ଗିଡୋଭ ଗାଁରେ । ଗାଁର ୧୨ ନଂ ୱାର୍ଡରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ପିଲାମାନେ ୧୧ ନଂ ୱାର୍ଡଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପାଠ ପଢିବାକୁ ଯାଉଛନ୍ତି । ହେଲେ ନୂଆ କରି ହେବାକୁ ଥିବା ଗୃହଟି ଏବେ ପୁଣିଥରେ ୧୧ ନଂ ୱାର୍ଡରେ ହେଉଥିବାରୁ ୧୨ନଂ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗଣଧାରଣା ଖବରପାଇ ବିଡିଓ ଓ ସିଡିପିଓଙ୍କ ସମେତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି । ବିଡିଓ, ସିଡିପିଓ, ତହସିଲଦାର ଓ ବିଇଓଙ୍କୁ ନେଇ କମିଟି ଗଠନ କରାଯାଇ ତଦନ୍ତ ପୂର୍ବକ ଉପଯୁକ୍ତ ସ୍ଥାନରେ ଗୃହନିର୍ମାଣ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି ।

■ ଓଜେୟୁ ପକ୍ଷରୁ ଜାତୀୟ ପ୍ରେସ ଦିବସ

# 'ନିରପେକ୍ଷ ସମ୍ବାଦ ପରିବେଷଣ ସାମ୍ବାଦିକଙ୍କ ପାଇଁ ବଡ଼ ଆହ୍ୱାନ'




କେନ୍ଦୁଝର,୧୮ ।୧୧(ସମିସ): ଓଡ଼ିଶା ସାମ୍ବାଦିକ ସଂଘ କେନ୍ଦୁଝର ଶାଖା ପକ୍ଷରୁ କାଳୀତୀର୍ଥ ମଣ୍ଡପରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା ଓ ଦେଶ ବିକାଶରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜିନ୍ଦଲ ଷ୍ଟିଲ ବଡବିଲର କର୍ପୋରେଟ୍ ଆଫାୟର୍ସ ମୁଖ୍ୟ ଚୌଧୁରୀ ପ୍ରଣବାନନ୍ଦ ଦାସ, ସମାଜସେବୀ ସେବତୀ ସିଂହ ଓ ବରିଷ୍ଠ ନାଗରିକ ରାମନାରାୟଣ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ମୁକ୍ତ ଓ ନିରପେକ୍ଷ ଖବର ପରିବେଷଣ ପ୍ରତ୍ୟେକ ସାମ୍ବାଦିକଙ୍କ ପାଇଁ କଷ୍ଟସାଧ୍ୟ ବ୍ୟାପାର ହୋଇଥିବାବେଳେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ସେତିକି ଜଟିଳ ହୋଇପଡ଼ିଛି ବୋଲି କହିଥିଲେ । ସଭାପତି ମଳୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସନ୍ତୋଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ "ମୁକ୍ତ ଓ ନିରପେକ୍ଷ ସାମ୍ବାଦିକତା ଗଣତନ୍ତ୍ରର ମୂଳଦୁଆ' ଶୀର୍ଷକ ଆଲୋଚନାଚକ୍ରରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର ଓ ସଂଗ୍ରାମ ଦାସ, ମିଳନୀ ସାହିତ୍ୟ ସଂସଦ ସମ୍ପାଦକ ଡ. ଚିତ୍ତ ମିଶ୍ର, ରୋଟାରିଆନ ଦେବବ୍ରତ ସ୍ୱାଇଁ, ସିଟିଜି ଫାଉଣ୍ଡେସନ ପ୍ରତିଷ୍ଠାତା ରାଜେନ୍ଦ୍ର ପଲେଇ, ପ୍ରେସ୍ କ୍ଲବ ସଭାପତି ଜୟକୃଷ୍ଣ ପଣ୍ଡା, ସାମ୍ବାଦିକ ଦେବାଶିଷ ମିଶ୍ର, ଦିଲ୍ଲୀପ ସାହୁ, ସଞ୍ଜୟ ପଣ୍ଡା ପ୍ରମୁଖ ଖଣି ସମୃଦ୍ଧ କେନ୍ଦୁଝରର ବିକାଶ ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ଆଇନଜୀବୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଏ ଅବସରରେ କେନ୍ଦୁଝର ଜିଲ୍ଲାରେ ଦୀର୍ଘବର୍ଷ ଧରି ସାମ୍ବାଦିକ ଭାବେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଦୀପକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦୁଝର ଉପନଗରପାଳ ବରଦା ପ୍ରସନ୍ନ ଦାସ, ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ ଓତା, ବରିଷ୍ଠ ଆଇନଜୀବୀ ଜ୍ଞାନେନ୍ଦ୍ରନାଥ ଜେନା, ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟାପକ ଭାବଗ୍ରାହୀ ମିଶ୍ର ଓ ଜେନାମଣି ସାହୁ, ବିନୋଦ ନାୟକ, ସୁନେଶ ଧୀର, ଜିଲ୍ଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତ ଓ ସମ୍ପାଦକ ଅକ୍ଷୟ ଜେନା, ଘରୋଇ ବସ୍ ମାଲିକ ସଂଘ ସଭାପତି ସିଂଘାଦ୍ରି ବିହାରୀ ସାହୁ ଓ ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ନାଗରିକ ଭରତ ପାତ୍ର, ସାମ୍ବାଦିକ ଏଆର. ଖାନ, ନରେଶ ପଟ୍ଟନାୟକ, ତାପସ ରଥ, ପ୍ରଦୀପ କୁମାର ମହାନ୍ତି, ସଂଗ୍ରାମ ପଟ୍ଟନାୟକ, ଶରତ ଜେନା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଦେବବ୍ରତ ପାଢ଼ୀ, ସତ୍ୟଜିତ ମିଶ୍ର, ତନ୍ମୟ ପାଲ, ସତ୍ୟ ସାମନ୍ତରାୟ, ଇଂ ଇଶାନ ନାୟକ, ଦେବୀଶଙ୍କର ଦାଶ, ଉତ୍ତମ କର ପ୍ରମୁଖ ଯୋଗ ଦେଇଥିଲେ ।

# କେନ୍ଦୁଝର ଜିଲ୍ଲାର ୮ଟି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର, ରାଜ୍ୟରେ ୬୦ ରାସ୍ତା

**ପୂର୍ତ୍ତ ବିଭାଗକୁ ଗଲା ତେଲକୋଇ-ପିଠାଗୋଳା ଆରଡି ରାସ୍ତା**

କେନ୍ଦୁଝର/ତେଲକୋଇ, ୧୮ ।୧୧(ସମିସ): ରାଜ୍ୟରେ ଏନଏଚଏଆଇ/ଆରଡ଼ି/ପଞ୍ଚାୟତିରାଜ ଏବଂ ପାନୀୟଜଳ ଯୋଗାଣ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଅଧୀନରେ ଥିବା ୬୦ଟି ରାସ୍ତାକୁ ପୂର୍ତ୍ତ ବିଭାଗ ଅଧୀନକୁ ଦିଆଯାଇଥିବା ଜଣାପଡିଛି । ଏଥିମଧ୍ୟରୁ କେନ୍ଦୁଝର ଜିଲ୍ଲାର ୮ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଓଡିଶା ସରକାରଙ୍କ ନିର୍ମାଣ ବିଭାଗ ନୋଟିଫିକେସନ ନମ୍ବର -୦୫୬୮୪୦୦୦୦୪୨୦୨୫, ୨୨୩୯୩/ଡ଼ବ୍ଲୁ ତା -୧୭ ନଭେମ୍ବର ୨୦୨୫ ଅନୁସାରେ ରାଜ୍ୟରେ ଥିବା ଉପରୋକ୍ତ ବିଭାଗର ୬୦ଟି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି. । ଏଗୁଡିକ ମଧ୍ୟରୁ କେନ୍ଦୁଝର ଜିଲ୍ଲାର ସାହାରପଡା-ମାଛଗଡ଼-ବନବିର ୨୫.୩ କିମି ଆରଡି ରାସ୍ତା, ତେଲକୋଇ-ପିଠାଗୋଳା ଭାୟା ମଧୁସୂଦନପୁର ତଳପଦା ୩୧.୧ କିମି ଆରଡି ରାସ୍ତା, କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳର ମାଉସୀ ମା' ମନ୍ଦିରଠାରୁ ସିଦ୍ଧମଠ ୧.୫୬ କିମି ନଗର ଉନ୍ନୟନ ବିଭାଗ ରାସ୍ତା, ମୁଖ୍ୟମନ୍ତ୍ରୀଙ୍କ ଗାଁ ରାଇକଳା ଡିପସାହିଠାରୁ ଡି ଡି ମେଡିକାଲ କଲେଜ ଭାୟା ସେଣ୍ଡକାପ ୨୨.୬ କିମି ଆରଡ଼ି/ପଞ୍ଚାୟତରାଜ ପାନୀୟଜଳ/ଜଳସମ୍ପଳ ବିଭାଗ ଅଧୀନରେ ଥିବା ରାସ୍ତା, ଯୋଡାଶିମିଳି-ରାମଚନ୍ଦ୍ରପୁର ୫.୯୨ କିମି ଆରଡ଼ି ରାସ୍ତା, ଟିଆଁସୀପଶିଠାରୁ ଭାୟା ମଉଦି ଦେଇ ନିଶାଗଡିଆ ୧୧.୪୫ କିମି ଆରଡ଼ି ରାସ୍ତା, ନୟାଗଡ଼ଠାରୁ ଭାୟା ଉଚ୍ଚବାଲି ଦେଇ ନମ୍ପାରା ୭.୫୩ କିମି ରାସ୍ତା, ଏବଂ ବାମେବାରୀ-ପଳାସା-ଗୁରୁଡ଼ା-କୋଇଡା ସୁନ୍ଦରଗଡ଼ ବୋର୍ଡର ପର୍ଯ୍ୟନ୍ତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ୧୦ କିମି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଉପରୋକ୍ତ ୮ଟି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ପରବର୍ତ୍ତୀ ସମୟରେ ଏହି ରାସ୍ତାଗୁଡିକର ଉନ୍ନୟନରେ ଅଧିକ କ୍ରିୟାଶୀଳ ହେବ ବୋଲି ଅନୁମାନ କରାଯାଉଛି । କେନ୍ଦୁଝର ଜିଲ୍ଲାର ଆହୁରି ପ୍ରାୟ ୨୦ଟି ରାସ୍ତାକୁ ଅନ୍ୟ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ଅନେକ ଦିଗରୁ ଦାବି ହୋଇଆସୁଛି ।

ତେଲକୋଇ ବ୍ଲକ ମୁଖ୍ୟାଳୟଠାରୁ ହରିଚନ୍ଦନପୁର ବ୍ଲକର ପିଠାଗୋଳା ପର୍ଯ୍ୟନ୍ତ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ଏହି ରାସ୍ତା ତେଲକୋଇ ନିର୍ବାଚନମଣ୍ଡଳୀର ବିକାଶର ଜୀବନରେଖା ହୋଇଥିବା ବେଳେ ପୂର୍ବରୁ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିଲା । ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଏହି ରାସ୍ତାର ତ୍ୱରିତ ଉନ୍ନୟନ ପାଇଁ ବିଧାନସଭାରେ ମଧ୍ୟ ଦାବି ଉପସ୍ଥାପନ କରିଥିଲେ । ଓଡିଶା ସରକାରଙ୍କ ୱାର୍କ୍ସ ବିଭାଗ ଦ୍ୱାରା ୧୭/୧୧/୨୦୨୫ ତାରିଖ ପ୍ରକାଶ ପାଇଥିବା ବିଜ୍ଞପ୍ତି ରେ ଏହି ରାସ୍ତାର ହସ୍ତାନ୍ତର ନେଇ ଉଲ୍ଲେଖ ରହିଛି । ଏହି ରାସ୍ତା ଟି ତେଲକୋଇ ବ୍ଲକର ଖୁଣ୍ଟାପଡା, ଶିବନାରାୟଣପୁର ଗୋଡା ଓ ତାଳପଦା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ତେଲକୋଇ ବ୍ଲକ ମୁଖ୍ୟାଳୟ ସହ ଯୋଡୁଥିବା ବେଳେ ତେଲକୋଇ ବ୍ଲକ ଓ ହରିଚନ୍ଦନପୁର ବ୍ଲକ ମଧ୍ୟରେ ଯୋଗାଯୋଗର ଏକମାତ୍ର ସିଧାସଳଖ ରାସ୍ତା ରହିଛି । ଏବେ ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧିନକୁ ଯାଇଥିବାରୁ ଯଥାଶୀଘ୍ର ଏହାର ସମାଧାନ ହେବା ସହ ରାସ୍ତାର ଉନ୍ନତି ମଧ୍ୟ ହେବ ବୋଲି ସ୍ଥାନୀୟ ଲୋକ ଆଶାବାଦୀ ରହିଛନ୍ତି ।

# ଦୁର୍ଘଟଣାରେ ଦୁଇ ଗୁରୁତର

ରାଇରଙ୍ଗପୁର/ବହଳଦା,୧୮ ।୧୧(ସମିସ): ବହଳଦା ବାଇପାସରେ ରାସ୍ତା ଉପରେ ବାଇକ ଷ୍ଟଣ୍ଟ କରିବା ବେଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ବାଇକକୁ ଧକ୍କା ଦେଇଥିଲା । ଉଭୟ ବାଇକରେ ଥିବା ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଂକଟାପନ୍ନ ହେବାରୁ ଉଭୟଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଜଣେ ରାଇରଙ୍ଗପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣଙ୍କର ନାମ ଠିକଣା ମିଳି ପାରିନାହିଁ । ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ।

# ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ବଡ଼ସାହି, ୧୮ ।୧୧(ସମିସ): ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମର ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏ ନେଇ ଯୁବତୀଙ୍କ ବାପା ବଡସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଜଣକ ହେଲେ ସିଂହଟିଆ ଗ୍ରାମର ମୁକୁନ୍ଦ ଖଟୁଆଙ୍କ ପୁଅ କାହ୍ନୁ ।

# କମୁଛି ହାଟର ଚାହିଦା, ଜମୁଛି ଫେରି ବେପାର

**ବଢୁଛି ପ୍ଲାଷ୍ଟିକ ଓ ରବର ସାମଗ୍ରୀର ଚାହିଦା, ହଜୁଛି କୌଳିକ ବୃତ୍ତି**

ହାଟଡ଼ିହୀ,୧୮ ।୧୧(ସମିସ): ଅତ୍ୟାଧୁନିକ ଯୁଗରେ ଗ୍ରାମାଞ୍ଚଳ ଲୋକେ ଗାଁଗୁଡ଼ିକରେ ବସୁଥିବା ସାପ୍ତାହିକ ହାଟକୁ ଧୀରେ ଧୀରେ ଭୁଲିବାକୁ ବସିଲେଣି । ଆଗଭଳି ହାଟଗୁଡ଼ିକରେ ଆଉ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁନାହିଁ । ଗ୍ରାମାଞ୍ଚଳର ଲୋକେ ଏବେ ସହରିଆ ଢ଼ାଞ୍ଚାରେ ନିଜ ଜୀବନଯାପନକୁ ଆଗେଇ ନେଉଥିବାରୁ ହାଟଗୁଡ଼ିକରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ବଦଳରେ ନିକଟସ୍ଥ ବଜାରଗୁଡ଼ିକରେ ଗଢ଼ି ଉଠିଥିବା ଦୋକାନ ବଜାରରୁ ଆବଶ୍ୟକୀୟ ସାମଗ୍ରୀ କିଣାକିଣି କରୁଛନ୍ତି । ଯଦି ଆମେ ବିଗତ ୨୦ବର୍ଷ ତଳର କଥା କହିବା ତା'ହେଲେ, ସେତେବେଳେ ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ସ୍ଥାନରେ ବସୁଥିବା ସାପ୍ତାହିକ ହାଟ ମାନଙ୍କ ଉପରେ ନିର୍ଭର କରୁଥିଲେ । ନିକଟସ୍ଥ ସାପ୍ତାହିକ ହାଟରୁ ଆବଶ୍ୟକ ଘରୋଇ ସାମଗ୍ରୀ ଆଣୁଥିଲେ । ବର୍ତ୍ତମାନର ଫାଇବର ପ୍ଲାଷ୍ଟିକ ସହ ରବର ଭଳି ଦ୍ରବ୍ୟରୁ ବିଭିନ୍ନ ଡ଼ିଜାଇନ୍‌ର ଭଳିକି ଭଳି ସାମଗ୍ରୀ ହାତ ପାଆନ୍ତାରେ ନିକଟସ୍ଥ ବଜାରରେ ଉପଲବ୍ଧ ହୋଇପାରୁଛି । ଯାହାଫଳରେ ଲୋକେ ଆଧୁନିକତାର ସ୍ୱର୍ଶ ପାଇ ଧୀରେ ଧୀରେ ଅତୀତକୁ ଭୁଲିବାକୁ ବସିଲେଣି । କୌଳିକ ବୃତ୍ତିକୁ ନେଇ ନିଜର ଜୀବିକାକୁ ପେସା କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବ୍ୟକ୍ତି ଏବେ ବୃତ୍ତି ହରାଇବାକୁ ବସିଲେଣି । ପୂର୍ବରୁ ଜମିଚାଷ ପାଇଁ କାଠ ଲଙ୍ଗଳର ଆବଶ୍ୟକ ପଡୁଥିଲା ଯାହା ହାଟଗୁଡ଼ିକରେ ମିଳୁଥିଲା, କିନ୍ତୁ ଏବେ ଟ୍ରାକ୍ଟର ମାଧ୍ୟମରେ ହଳ ହେଉଛି । ବର୍ତ୍ତମାନ କାଁ ଭାଁ ସ୍ଥାନରେ ସାପ୍ତାହିକ ହାଟ ବସୁଛି ସତ; କିନ୍ତୁ ପୂର୍ବଭଳି ଏବେକା ହାଟର ଚାହିଦା ନାହିଁ କି ହାଟ ପ୍ରତି ବ୍ୟସ୍ତବହୁଳ ମଣିଷଙ୍କ ପାଖରେ ସେ ସମୟ ଭଳି ସ୍ପୃହା ମଧ୍ୟ ଆଉ ଦେଖାଯାଉ ନାହିଁ । ସେତେବେଳେ ଗ୍ରାମାଞ୍ଚଳର ଲୋକମାନେ ସମ୍ପୂର୍ଣ୍ଣ ହାଟ ଉପରେ ନିର୍ଭର କରୁଥିଲେ । ଘର ସହ ବିବାହ, ବ୍ରତ, ବିଭିନ୍ନ ପ୍ରକାରର କାମକାର୍ଯ୍ୟ ପାଇଁ ସଉଦାପତ୍ରଠାରୁ ଆରମ୍ଭ କରି ଘରୋଇ ଉପକରଣ କିଣୁଥିଲେ । ହାଟରୁ ଖଜା-ଗଜା-ମିଠା ଆଦି କିଣୁଥିଲେ । ବୃଦ୍ଧବୃଦ୍ଧାମାନେ ହାଟରୁ ଗୁଡ଼ାଖୁ, ରାଉଳଗୁଣ୍ଡି କିଣି ନେଉଥିଲେ । ଛୋଟ ଛୁଆମାନେ କାଚଗୋଲିଠାରୁ ଆରମ୍ଭ ନଟୁ, ଗୁଡ଼ି ଆଦି କିଣୁଥିଲେ । ଝିଅପିଲାମାନେ କାଚରା ବାଲାଠାରୁ ରଙ୍ଗବେରଙ୍ଗର ଛୁଡି, ସ୍ନୋ-ପାଉଡ଼ର, କୁଙ୍କୁମ-ଅଳତା କିଣୁଥିଲେ । ଚାଷୀମାନେ ପଖିଆ ଆଉ ଝାମ୍ପ ମଧ୍ୟ କିଣୁଥିଲେ । ହାଟରୁ ମାଟି ସାମଗ୍ରୀଠାରୁ ଆରମ୍ଭ କରି ଲୁହା ସାମଗ୍ରୀ, ବାଉଁଶ ତିଆରି ସାମଗ୍ରୀ, କଂସାପିତ୍ତଳ, ଲୁଗାପଟା, ମନୋହାରୀ ସାମଗ୍ରୀ, ମାଛ-ଶୁଖୁଆ ଆଦି କିଣୁଥିଲେ । ଧନୀକ ଶ୍ରେଣୀର ଲୋକେ ବାରିକ ଡ଼ାକି ଘରେ ଖିଅର ହେଉଥିଲା ବେଳେ ଅଧିକାଂଶ ଚୁଟିଦାଢ଼ି କାଟିବାକୁ ହାଟ ଚାଲିରେ ବସୁଥିବା ବାରିକଙ୍କ ପାଖରେ ଲମ୍ବା ଧାଡ଼ି ଲଗାଉଥିଲେ । ସୌଖିନ୍ ଶ୍ରେଣୀର ଲୋକେ ପ୍ୟାଣ୍ଟ-ସାର୍ଟ ନେଇ ଭଣ୍ଡାରୀ ଦୋକାନରୁ ଇସ୍ତ୍ରୀ କରାଉଥିଲେ । କାଳକ୍ରମେ ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ବଜାରରେ ଉପଲବ୍ଧ ହେବାରୁ ଲୋକେ ସେଥିପ୍ରତି ଆକୃଷ୍ଟ ହେଉଥିବାରୁ ଧୀରେ ଧୀରେ ଲୋକେ ହାଟ ଏବଂ ହାଟରେ ମିଳୁଥିବା ପୁରୁଣା ଢାଞ୍ଚାର ସାମଗ୍ରୀ ପ୍ରତି ମୁହଁ ଫେରାଇବାକୁ ବସିଲେଣି । ପୁରୁଣା ସାମଗ୍ରୀଗୁଡ଼ିକ ଏବେ ବିଭିନ୍ନ ମେଳା ମହୋତ୍ସବରେ ପୁରୁଣା ସ୍ମୃତିର ଉଦାହରଣ ପାଲଟୁଛି । ଗାଁଗୁଡ଼ିକରେ ଫେରି କରୁଥିବା ବୁଲା ବେପାରୀମାନେ ରାସନ ସାମଗ୍ରୀଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରୁଥିବାରୁ ହାଟ ବେପାର ଉପରେ ନିର୍ଭର କରି ପରିବାର ଚଳାଉଥିବା ବେପାର ଚାହିଦା କମି କମି ଯାଉଛି । ହାଟ ଉପରେ ନିର୍ଭର କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ଛୋଟ ଛୋଟ ବେପାରୀଙ୍କ ସହ କୌଳିକ ବୃତ୍ତି କରି ପେଟ ପୋଷୁଥିବା ଲୋକମାନେ ଏବେ ନାହିଁ ନଥିବା ହଇରାଣ ହେଉଛନ୍ତି । ଅତ୍ୟାଧୁନିକ ଯୁଗ ପାଇଁ ଧୀରେ ଧୀରେ ସେମାନଙ୍କ କୌଳିକ ବୃତ୍ତି ହଜି ହଜି ଯାଉଛି । ଧୀରେ ଧୀରେ ଗ୍ରାମାଞ୍ଚଳରୁ ହାଟର ଚାହିଦା କମି କମି ଯାଉଛି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ହଜି ଯାଉଥିବା ଗ୍ରାମାଞ୍ଚଳ ହାଟଗୁଡ଼ିକ ପୁଣିଥରେ ଗଢ଼ି ଉଠିବା ସହିତ କୌଳିକ ବୃତ୍ତିକୁ ଜାବୁଡ଼ି ଧରି ଗୁଜୁରାଣ ମେଣ୍ଟାଉଥିବା ଲୋକମାନେ ଉପକୃତ ହୋଇପାରନ୍ତେ । ହାଟ ଉପରେ ନିର୍ଭର କରୁଥିବା ଅନେକ ଛୋଟ ଛୋଟ ବେପାରୀଙ୍କ ମୁହଁରେ ହସ ଫୁଟିପାରନ୍ତା ।

**ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛନ୍ତି ପୁଷ୍ପଲତା**

# ଛତୁ ଚାଷ କରି ହୋଇଛନ୍ତି ସ୍ୱାବଲମ୍ବୀ



ବିଜାତଳା,୧୮ ।୧୧(ସମିସ): ବଣ ଜଙ୍ଗଲ ଘେରା ଅପହଞ୍ଚ ଅଞ୍ଚଳରେ ଅନ୍ୟଙ୍କ ପାଇଁ ଉଦାହରଣ ସାଜିଛନ୍ତି ପୁଷ୍ପଲତା ହେମ୍ବ୍ରମ । ଏହି ଆଦିବାସୀ ମହିଳା ଜଣକ ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇପାରିବା ସହିତ ଅନ୍ୟମାନଙ୍କୁ ପ୍ରେରଣା ଉତ୍ସ ସାଜିଛନ୍ତି । ସେ ହେଉଛନ୍ତି ବିଜାତଳା ବ୍ଲକ ଅନ୍ତର୍ଗତ ବଡ଼ଝରଣ ଗ୍ରାମ ବାସିନ୍ଦା । ଆଦିବାସୀମାନେ ସାଧାରଣତଃ ଜଙ୍ଗଲ ତଥା ପ୍ରକୃତିପ୍ରେମୀ । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଏମାନେ ଗୁଜୁରାଣ ମେଣ୍ଟାଇଥାନ୍ତି । କେହି କେହି ବି ପାରମ୍ପରିକ ଧାନ, ପରିବା ଚାଷ ମଧ୍ୟ କରନ୍ତି । ସେ ସ୍ୱାମୀ ଭୀମ ଚରଣ ହେମ୍ବ୍ରମଙ୍କ ନିକଟରୁ ପ୍ରେରଣା ପାଇ ୩ବର୍ଷ ପୂର୍ବରୁ ପାଳ ଛତୁ ଚାଷ ଆରମ୍ଭ କରିଥିଲେ । ଏବେ ୨୧୬ ବେଡ଼ରେ ଏବେ ଛତୁ ଚାଷ କରୁଛନ୍ତି । ଏହା ଦ୍ୱାରା ସେ ବେଶ ରୋଜଗାରକ୍ଷମ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେ ପାଳ ଛତୁ ଓ ଧିଙ୍ଗିରି ଛତୁ ଚାଷ କରୁଛନ୍ତି । ଧିଙ୍ଗିରି ଛତୁକୁ ସ୍ଥାନୀୟ ଲୋକେ କାଠ ଛତୁ କୁହନ୍ତି । ଅଳ୍ପ ଖର୍ଚ୍ଚରେ ତାହା ଅଧିକ ଅମଳ ହେଉଥିଲେ ବି ବିକ୍ରୟ ସମସ୍ୟା ରହିଥାଏ । ବର୍ଷତମାମ ଚାହିଦା ଥିବା ଏହି ଛତୁ ସମସ୍ତଙ୍କ ବେଶ ପସନ୍ଦ ଯୋଗ୍ୟ ସୁସ୍ୱାଦୁ ତରକାରୀ । ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ୱାଦିଷ୍ଟ ଛତୁ ତରକାରୀ କଥା ମନରେ ଆସିଲେ ସିଏ ପ୍ରଥମେ ମନେ ପଡି ଯାଆନ୍ତି । ବିବାହ, ବ୍ରତ ଘର, ଭୋଜି ଭାତରେ ତାଙ୍କ ପାଖରୁ ଛତୁ ନେବାକୁ ବହୁତ ଆଡ଼ର୍ର ଆସିଥାଏ । ଲୋକେ ଅଗ୍ରିମ ବରାଦ ଦେଇ ଛତୁ ନେଉଛନ୍ତି । ଦୈନିକ ୫ରୁ ୧୫ କିଲୋଗ୍ରାମ ଛତୁ ଉତ୍ପାଦନ ସହ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି । ମାସିକ ୩୦ ହଜାର ଟଙ୍କା ରୋଜଗାର କରି ଘରକୁ ଆଖି ଦୃଶିଆ ଆର୍ଥିକ ସହଯୋଗ କରିପାରିଛନ୍ତି । ସ୍ୱାମୀ ନଳକୂପ ଓ ପମ୍ପ ମିସ୍ତ୍ରି ଭାବେ ସ୍ୱଳ୍ପ ରୋଜଗାର କରି ପରିବାର ପ୍ରତି ପୋଷଣ କରୁଥିବା ବେଳେ ସ୍ତ୍ରୀଙ୍କ ଆର୍ଥିକ ସହଯୋଗରେ ତାଙ୍କର ସଂସାର ବେଶ ହସ ଖୁସିରେ ଚାଲିଛି । ଅନ୍ୟ ମହିଳାଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟି ଥିବା ବେଳେ ଆଦିବାସୀ ସମାଜ ସମେତ ସ୍ଥାନୀୟ ଅଞ୍ଚଳ ପାଇଁ ଅନନ୍ୟ ଉଦାହରଣ ପାଲଟିଛନ୍ତି । ଉକ୍ତ ଆଦିବାସୀ ମହିଳା ଜଣକ କଠୋର ଇଚ୍ଛାଶକ୍ତି ଆଗରେ ସବୁ କିଛି ହାର ମାନୁଥିବା ଉକ୍ତିକୁ ପ୍ରମାଣ କରି ଦେଖାଇଛନ୍ତି । ଅନ୍ଧାରୀ ମୂଳକରେ ଆଲୋକ ବର୍ତ୍ତିକା ସାଜି ମହଙ୍ଗା ଜମାନାରେ ପରିବାରର ଆର୍ଥିକ ବୋଝକୁ ଲାଘବ କରୁଛନ୍ତି ପୁଷ୍ପଲତା । ଅନେକ ପ୍ରଶଂସା ସାଉଁଟି ନିଜ କର୍ତ୍ତବ୍ୟ ପଥରେ ସେ ଅଗ୍ରସର ହୋଇ ଚାଲିଛନ୍ତି । ନିଜର ଏହି କୁଟୀର ଶିଳ୍ପରେ ସେ ଦୈନିକ କିଛି ସମୟ ଦେଇ ବେଶ ଆନନ୍ଦିତ ଥିବା ସେ କହିଛନ୍ତି । ମହିଳା ମାନେ ଘର କାମରେ ସୀମିତ ନରହି ମୋବାଇଲ, ଟିଭିରେ ବେଶୀ ସମୟ ମଗ୍ନ ନରହି ଏମିତି କିଛି କୁଟୀର ଶିଳ୍ପ କରି ପରିବାରର ସୁଖ ସମୃଦ୍ଧିରେ ଭାଗିଦାରୀ ହେବା ପାଇଁ ନାରୀ ସମାଜକୁ ସେ ନିବେଦନ କରିଛନ୍ତି । ନାରୀ ସଶକ୍ତିକରଣର ଏହା ଏକ ନିଚ୍ଛକ ନମୁନା । ସରକାରୀ ସ୍ତରରେ ଆହୁରି କିଛି ଅଧିକ ପ୍ରୋତ୍ସାହନ ମିଳିଲେ ଆଗକୁ ଯାଇପାରିବେ ବୋଲି କହିଛନ୍ତି ।

# ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

**ମଞ୍ଚ ଅଭିନେତ୍ରୀ ଶର୍ମିଷ୍ଠା ପଣ୍ଡା ସମ୍ବର୍ଦ୍ଧିତ**



ବାରିପଦା, ୧୮ ।୧୧(ସମିସ): ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଶେଷ ସନ୍ଧ୍ୟାରେ ଓମ ନାଟ୍ୟ ସଂସ୍ଥା ପ୍ରଯୋଜିତ ଓଡ଼ିଆ ନାଟକ 'ଚିଠି' ମଞ୍ଚସ୍ଥ ହୋଇଥିଲା । ପ୍ରଦୀପ ଭୋଳଙ୍କ ମୂଳ ରଚନାକୁ ନାଟ୍ୟ ରୂପାନ୍ତର କରିଥିବା ଡଃ କୃଷ୍ଣଚନ୍ଦ୍ର ଦାସ ଏବଂ ଧୀର ବଶାଙ୍କ ନିର୍ଦ୍ଦେଶିତ ନାଟକରେ ଧୀର ବଶା, ଜ୍ଞାନ ପଣ୍ଡା, ଅସିତ ଗିରି, ସୁଜୟ ମହାନ୍ତି, ବିଜୟିନୀ ବେହେରା ଓ ଆଦ୍ୟାଶା ସାହୁ ଅଭିନୟ କରିଥିବା ବେଳେ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ, ସଂଗୀତରେ ଶକ୍ତିପ୍ରସାଦ ମିଶ୍ର, ମଞ୍ଚସଜ୍ଜାରେ ନରସିଂହ ବାରିକ ଓ ନୃତ୍ୟ ନିର୍ଦ୍ଦେଶନାରେ ଅମିତ ବାରିକ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ମୁଖ୍ୟବକ୍ତା ଭାବେ ଶିଳ୍ପପତି ତଥା ନାଟ୍ୟ ମହୋତ୍ସବର ପୃଷ୍ଠପୋଷକ ପଦ୍ମଲୋଚନ ମହାନ୍ତି ଓ ଏମପିସି ଆଲୁମିନି ଆସୋସିଏସନର ସମ୍ପାଦକ ପ୍ରୀତିଶ ବଶା ଶେଷ ସନ୍ଧ୍ୟାର ନାଟକର ଉଦଘାଟନ କରିବା ସହ ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବର ଆୟୋଜନ ସ୍ଥାନୀୟ କରକାରଙ୍କୁ ପ୍ରଭାବିତ କରିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମଞ୍ଚ ଅଭିନେତ୍ରୀ ଶର୍ମିଷ୍ଠା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସଂସ୍ଥାର ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ସହ ସଂପାଦକ ରଣଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଭିନେତାମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା ଓ ଶେଷରେ ଓମ ନାଟ୍ୟ ସଂସ୍ଥା ସହିତ ଜଡିତ ୭୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବାର୍ଧକ୍ୟଜନିତ ଅବଶ୍ୟ ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ପର୍କ ମଜବୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୪- ରୁଷର ସେଣ୍ଟ ପିଟର୍ସବର୍ଗ ବନ୍ୟାରେ ଦଶହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୨୮- ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ।
- ୧୮୩୮- ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୫୨- ସ୍ପେନ୍ ୟୁନେସ୍କୋର ସଦସ୍ୟ ହେଲା।
- ୧୯୮୬- ପରିବେଶ ସଂରକ୍ଷଣ ଅଧିନିୟମ ଲାଗୁ ହେଲା।
- ୧୯୯୪- ଐଶ୍ୱର୍ଯ୍ୟା ରାୟ ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଲେ।

## ଲୌହ ମାନବୀ ଇନ୍ଦିରା




ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିରେ ଏପରି ନାମ, ଯାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଇନ୍ଦିରା ତାଙ୍କ ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ପାଇଁ ଜଣାଯାନ୍ତି। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ଇନ୍ଦିରା ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ସହ ରାଜନୀତିରେ ଅତି ପାରଙ୍ଗମ ମହିଳା ଥିଲେ। ଲୌହ ମାନବୀ ଇନ୍ଦିରା ଗାନ୍ଧୀ ୧୯୧୭ ମସିହା ଆଜିର ଦିନରେ ଆହ୍ଲାବାଦସ୍ଥିତ 'ଆନନ୍ଦଭବନ'ଠାରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁ ଏବଂ କମଳା ନେହରୁଙ୍କର ସେ ଏକମାତ୍ର ସନ୍ତାନ ଥିଲେ। ମାତାଙ୍କ ସହ ଆନନ୍ଦ ଭବନରେ ତାଙ୍କ ପିଲାଦିନ କଟିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଇନ୍ଦିରା, ପିଲାବେଳୁ ହିଁ ବେଶ ସଚ୍ଚୋଟ ଓ ନିର୍ଭୀକା ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ସୁଇଜରଲ୍ୟାଣ୍ଡରେ ହୋଇଥିଲା। 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ'ରେ ଭର୍ତ୍ତି ହେବା ସମୟରେ ଇନ୍ଦିରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସଂସ୍ପର୍ଶରେ ଆସିଥିଲେ। ରବୀନ୍ଦ୍ରନାଥ ଠାକୁର ହିଁ ତାଙ୍କ ନାମ 'ପ୍ରିୟଦର୍ଶିନୀ' ରଖିଥିଲେ। ସେହିଦିନଠାରୁ ତାଙ୍କ ନାମ ଇନ୍ଦିରା ପ୍ରିୟଦର୍ଶିନୀ ହୋଇଥିଲା। ସେ ଆନୁଷ୍ଠାନିକ ଭାବରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଇନ୍ଦିରା ତାଙ୍କ ସହ କାମ କରିବା ଆରମ୍ଭ କରି ଦେଇଥିଲେ। ନେହରୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳରେ ଇନ୍ଦିରା ଗାନ୍ଧୀଙ୍କ ଆଧିପତ୍ୟ ବୃଦ୍ଧି ପାଇଲା। ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ କରାଯାଇଥିଲା। ୧୯୬୬ ମସିହାରେ ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଯେତେ ଚର୍ଚ୍ଚା ହୁଏ, ତାଙ୍କର କଠୋର ନିଷ୍ପତ୍ତି ଓ ଅଦମ୍ୟ ସାହସକୁ ଭାରତୀୟ ରାଜନୀତିରେ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖାଯାଏ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ହିଁ ୨୫ ଜୁନ୍ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀଙ୍କୁ ବାହାର କରିବା ପାଇଁ କରାଯାଇଥିବା ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରାଙ୍କ ଶାସନ ସମୟରେ ହିଁ କରାଯାଇଥିଲା। ୧୯୬୯ରେ 'ବ୍ୟାଙ୍କ ଜାତୀୟକରଣ' ଏବଂ ୧୯୭୧ରେ ରାଜା-ମହାରାଜାଙ୍କ 'ପ୍ରିଭି ପର୍ସ'ର ଉଚ୍ଛେଦ କଲେ, ଯାହା ତାଙ୍କ ଦୃଢ଼ ନିଷ୍ପତ୍ତିର ପରିଚାୟକ ଥିଲା। ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଭାରତ ଜିତିବା ପରେ ଇନ୍ଦିରାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ୧୯୮୪ ଅକ୍ଟୋବର ୩୧ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ପ୍ରାଣ ହରାଇଥିଲେ।

## 'ତେରେ ଇସ୍କ ମେଁ' ମନ ଜିଣିଲା ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ ଓ କ୍ରିତି ସାନନ୍‌ଙ୍କ ମ୍ୟୁଜିକାଲ ରୋମାଣ୍ଟିକ୍ ଫିଲ୍ମ 'ତେରେ ଇସ୍କ ମେଁ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତନୁ ୱେଡସ୍ ମନୁ' ଫେମ୍ ଆନନ୍ଦ ଏଲ୍ ରାୟ। ପୂର୍ବରୁ ଫିଲ୍ମର ଗୀତ ଓ ଟିଜର୍ ଦର୍ଶକଙ୍କ ଉତ୍ସାହ ବଢାଇଥିବା ବେଳେ ଏବେ ଟ୍ରେଲର ସମସ୍ତଙ୍କ ମନକୁ ଛୁଇଁଛି ଓ ଫିଲ୍ମ ଦେଖିବାର ଉତ୍ସାହକୁ ଦ୍ୱିଗୁଣିତ କରିଛି। ଟ୍ରେଲର୍ ଆରମ୍ଭରେ ଧନୁଷ ଭାରତୀୟ ବାୟୁସେନା ଅଧିକାରୀ ଫ୍ଲାଇଟ୍ ଲେଫଟନାଣ୍ଟ ଶଙ୍କର ଭୂମିକାରେ ଦେଖାଯାଇଛନ୍ତି। ସେହିଭଳି କ୍ରିତିଙ୍କ ଆଖିରେ ଯନ୍ତ୍ରଣା ଓ ପଶ୍ଚାତାପ ଦେଖିବାକୁ ମିଳିଛି। ଏହାପରେ ଫ୍ଲାସ୍‌ବ୍ୟାକ୍‌କୁ ଯାଇ ସେମାନଙ୍କ ପ୍ରେମସମ୍ପର୍କ ଦେଖାଯାଇଛି। ଶଙ୍କରଙ୍କୁ ପ୍ରାରମ୍ଭରେ ଜଣେ ହିଂସ୍ର ଉଗ୍ର ପ୍ରକୃତିର ଯୁବକ ଭାବେ ଦେଖାଯାଇଛି। କ୍ରିତିଙ୍କୁ ଦେଖିବା ମାତ୍ରେ ସେ ତାଙ୍କ ପ୍ରେମରେ ପଡ଼ିଯାଏ। ଶଙ୍କର ଚରିତ୍ରକୁ ଏକତରଫା ପ୍ରେମରେ ପଡ଼ିଥିବା ଜଣେ ପାଗଳ ପ୍ରେମିକ ଭାବରେ ଦର୍ଶାଯାଇଛି। ପରେ କ୍ରିତି ତାଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଇଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ସହ ବେଶ୍ ସୁନ୍ଦର ସଂଳାପ ରହିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ହିମାଂଶୁ ଶର୍ମା ଏବଂ ନୀରଜ ଯାଦବ ଏହାର କାହାଣୀ ଲେଖିଛନ୍ତି। ଏହା ୨୮ ନଭେମ୍ବରରେ ପରଦାକୁ ଆସିବ। ତେବେ ଏହାର ଟ୍ରେଲର୍ ଦେଖି ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହେବ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

## ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ପରିମଳ ସଙ୍କଟର ମୁକାବିଲା ପାଇଁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବରେ ପାଳନ କରାଯାଏ। ପରିମଳର ପ୍ରଭାବ କିପରି ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା କି କି ସମସ୍ୟା ସୃଷ୍ଟି ହୋଇଥାଏ ସେଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ।

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶୌଚାଳୟ ମଧ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇଯାଇଛି। ବିଶ୍ୱରେ ଏବେ ବି ପ୍ରତି ତିନି ଜଣରେ ଜଣେ ମହିଳା ସୁରକ୍ଷିତ ଶୌଚାଳୟ ସୁବିଧା ପାଇବାରୁ ବଞ୍ଚିତ। ଖୋଲାରେ ଶୌଚ କରିବାକୁ ବାଧ୍ୟ ହେଉଥିବା ମହିଳା ତଥା ବାଳିକାମାନେ ନିଜର ସମ୍ମାନହାନି ସହ ଅପରାଧର ଶିକାର ହୋଇଥାନ୍ତି। ଏସବୁ ସମସ୍ୟାକୁ ଦେଖି ୨୦୦୧ ନଭେମ୍ବର ୧୯ରେ 'ବିଶ୍ୱ ଶୌଚାଳୟ ସଂଗଠନ' ଗଢ଼ା ଯାଇଥିଲା। ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ପାଳନ କରିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ 'ବିଶ୍ୱ ଶୌଚାଳୟ ଦିବସ' ଭାବେ ପାଳନ କରାଯାଏ। ଏହି ଅବସରରେ ପରିମଳ ବାବଦରେ ଲୋକଙ୍କୁ ସଚେତନ ତଥା ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହିତ କରାଯାଏ। ତା'ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ଏକ ତଥ୍ୟ ଅନୁସାରେ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତା'ର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର । ଭାରତର ୨୦୧୧ ଜନଗଣନା ଅନୁସାରେ, ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି । ଖୋଲା ସ୍ଥାନରେ ଶୌଚ ଯିବାର ଅର୍ଥ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବା। କେବଳ ସେତିକି ନୁହେଁ, ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଅନ୍ୟପଟେ ଏହାର ପ୍ରଭାବ ମୁଖ୍ୟତଃ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏବେ ବି ଅନେକ ସ୍ଥାନରେ ଶୌଚାଳୟର ଉଚିତ ସୁବିଧା ସୁଯୋଗ ନ ଥିବାରୁ ଲୋକେ ଖୋଲାରେ ଶୌଚ ଯିବାକୁ ବାଧ୍ୟ ହେଉଛନ୍ତି। ଏହାବାଦ୍ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ଜଣା ନ ଥିବାରୁ ଅନେକ ବାହାରେ ଶୌଚ ଯାଆନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଏହି ଦିନ ଖୋଲାରେ ଶୌଚ ଯିବାକୁ ବାରଣ କରାଯାଏ। ଏ ଦିଗରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ବିଶେଷ ଫଳପ୍ରଦ ହୋଇପାରିଛି। ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ। ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ ।



## ୨୦୨୮ ସୁଦ୍ଧା ଆସିବ ଭଏସ୍ ଏଆଇ ଟେକ୍ନୋଲୋଜି

**ଆଗାମି ଦିନରେ କି-ବୋର୍ଡର ଯୁଗ ଶେଷ ହେବ। ଏବେ ଏକ ନୂତନ ଗବେଷଣା ଅନୁସାରେ, କିଛି ବର୍ଷ ମଧ୍ୟରେ ଲୋକେ ହାତରେ ଟାଇପ୍ କରିବା ଭୁଲିଯିବେ। ଏହାର କାରଣ ହେବ କୃତ୍ରିମ ବୁଦ୍ଧିମତା। ଏଆଇର ବଢୁଥିବା ପ୍ରଭାବ ଟେକ୍ନିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବଦଳାଇ ରଖିଥିବା ବେଳେ ୨୦୨୮ ସୁଦ୍ଧା ଭଏସ୍ ଏଆଇ ଲୋକଙ୍କ କାମ କରିବାର ମୁଖ୍ୟ ସାଧନ ପାଲଟିବ ବୋଲି କୁହାଯାଉଛି।**

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଏବଂ ଜେବ୍ରା କମ୍ପାନି ସହଯୋଗରେ ଏହି ଗବେଷଣା କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଭଏସ୍ ଟେକ୍ନୋଲୋଜି କାମ କରିବାର ପ୍ରତ୍ୟେକ ପାରମ୍ପରିକ ଉପାୟକୁ ପ୍ରଭାବିତ କରିବ। ଆଗାମୀ ଦିନରେ ଲାପଟପ୍, ମୋବାଇଲ ଏବଂ କମ୍ପ୍ୟୁଟରରେ ଟାଇପ୍ କରିବା ପରିବର୍ତ୍ତେ ଲୋକେ କେବଳ କଥା ମାଧ୍ୟମରେ ନିଜ କାମକୁ ପୂରା କରିବେ। ବୈଜ୍ଞାନିକଙ୍କ କହିବା କଥା, ମଣିଷର ଚିନ୍ତାଧାରା ସହିତ କଥା ଅଧିକ ମେଳ ଖାଇଥାଏ। ତେଣୁ ଏହା ଟାଇପିଂ ତୁଳନାରେ ଅଧିକ ସହଜ, ଦ୍ରୁତ ଏବଂ ପ୍ରଭାବୀ ହେବ।

ସେହିପରି ଜେନରସନ ଆଲ୍‌ଫ ୱାର୍କଫୋର୍ସରେ ସାମିଲ ହେଲା ବେଳକୁ ଏଆଇ ସମ୍ପୂର୍ଣ୍ଣ ନିତିଦିନ ଜୀବନର ଅଂଶ ହୋଇଯିବ। ସେତେବେଳେ ଲୋକେ ଟାଇପ୍ କରିବା ପରିବର୍ତ୍ତେ ଡିଭାଇସ ସହ କଥା ହୋଇ ସମସ୍ତ କାମ ପୂରା କରିବେ। ତେବେ ଏହା ଦ୍ୱାରା ଲୋକେ କେବଳ ଶୀଘ୍ର ନୁହେଁ, ବରଂ ସୃଜନାତ୍ମକ ଶୈଳୀରେ ବି କାମ କରିପାରିବେ।

ଅବଶ୍ୟ କିଛି ବିଶେଷଜ୍ଞଙ୍କ ମତରେ, ଏଆଇ ସମ୍ପୂର୍ଣ୍ଣ ଭାବେ କି-ବୋର୍ଡ ଯୁଗକୁ ଶେଷ କରିପାରିବ ନାହିଁ। ହେଲେ ଗୋଟିଏ କଥା ସ୍ପଷ୍ଟ ହେଉଛି, ଟେକ୍ନିକ ଦ୍ରୁତ ଗତିରେ ଜୀବନରେ ପରିବର୍ତ୍ତନ ଆଣୁଛି। ଯେଉଁଭଳି ଭାବେ ସିଡି ଏବଂ ଡିଭିଡ଼ି କିଛି ବର୍ଷ ମଧ୍ୟରେ ହଜିଗଲା, ସେହି ପ୍ରକାରେ କି-ବୋର୍ଡ ମଧ୍ୟ ଆଗାମୀ ଦିନରେ ପୁରୁଣା ଯୁଗର ଜିନିଷ ହୋଇଯିବ। ଅବଶ୍ୟ ଲୋକେ ଏବେ ସ୍ମାର୍ଟଫୋନ୍, ଟିଭି ଏବଂ ଲାପଟପ୍ ଭଳି ଡିଭାଇସ୍‌ରେ ଭଏସ୍ କମାଣ୍ଡର ବ୍ୟବହାର କରାଯାଉଛି। ଯଦି ଏହା ଧାରା ଏମିତି ଜାରି ରହେ, ୨୦୨୮ ସୁଦ୍ଧା ଡିଭାଇସ୍ ସହ କଥା ହେଇ ହିଁ ଲୋକେ ସେମାନଙ୍କ କାମ ପୂରା କରିବେ।

## ବୋର୍ଡ ପରୀକ୍ଷା ପ୍ରସ୍ତୁତି

**ବୋର୍ଡ ପରୀକ୍ଷାରେ ଭଲ ନମ୍ବର ଆଣିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଏଥିପାଇଁ ପୂର୍ବରୁ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ହୋଇଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସମ୍ପର୍କରେ।**



- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇ ନ ଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବବର୍ଷର ପରୀକ୍ଷା ପ୍ରଶ୍ନ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନେ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ୍ କରିବା ଆରମ୍ଭ କରନ୍ତୁ। ରିଭିଜନ ଦ୍ୱାରା ଲର୍ଣ୍ଣିଂ ସ୍କିଲ୍ ବୃଦ୍ଧି ପାଏ। ଏହାସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ପୂର୍ତ୍ତି ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକାରାତ୍ମକ ଚିନ୍ତାଧାରାରେ ରହିବା ଜରୁରି। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପ୍ରସ୍ତୁତି ବାଧା ପ୍ରାପ୍ତ ହୋଇପାରେ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।

## ସମ୍ଭାବନା



## ଡିଗ୍ରୀ ନୁହେଁ, ସଫଳତାର ଆଧାର



**ପୂର୍ବରୁ ଲୋକଙ୍କୁ ସରକାରୀ ଚାକିରି, ଡାକ୍ତର ଏବଂ ଇଞ୍ଜିନିୟର ବ୍ୟତୀତ ଅନ୍ୟ କୌଣସି ଚାକିରି ଠିକ୍ ଲାଗୁ ନ ଥିଲା। ହେଲେ ଏବର ପିଢ଼ି ସେହି ଚିରାଚରିତ କ୍ୟାରିୟର ବିକଳ୍ପ ବାଛିବାକୁ ଭଲ ପାଉ ନାହାନ୍ତି। ସୋସିଆଲ ମିଡିଆ, ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆର ଚାହିଦା ବଢୁଥିବାରୁ ଜେନ୍ ଜେଡ୍‌ଙ୍କ ପାଇଁ ଅନେକ ସୁଯୋଗ ରହିଛି।**

**କୌଶଳ ଉପରେ ପ୍ରାଥମିକତା:** ଦେଶର ଯୁବପିଢ଼ି ଏବେ ଡିଗ୍ରୀ ନୁହେଁ, ସ୍କିଲ ବା କୌଶଳ ପଛରେ ଦୌଡ଼ୁଛନ୍ତି। ଏଣୁ ଯୁବପିଢ଼ି ଡିଗ୍ରୀ ସହିତ ସ୍କିଲ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଜେନ୍ ଜେଡ୍ ଚାକିରିର ସ୍ଥିରତା ସାଙ୍ଗକୁ ନିଶା ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କଣ୍ଟେଣ୍ଟ କ୍ରିଏସନ, ଡିଜିଟାଲ ମାର୍କେଟିଂ, ୟୁଏକ୍ସ ଡିଜାଇନ, ଗେମିଂ, ଡାଟା ଆନାଲିଟିକ୍ସ, ଫେଶନ ଡିଜାଇନିଂ, ସଷ୍ଟେନବଲ ବିଜନେସ ଭଳି କ୍ୟାରିୟର ଲୋକପ୍ରିୟ ହେଉଛି।

**ମାନସିକ ସ୍ୱାସ୍ଥ୍ୟ:** ପୂର୍ବରୁ ଲୋକେ କେବଳ ଚାକିରି ପଛରେ ଦୌଡ଼ୁଥିଲେ ଏବଂ ଚାକିରି ମିଳିଲେ ଏହାକୁ ସୁରକ୍ଷିତ ରଖିବା ପ୍ରୟାସ କରୁଥିଲେ। ପୂର୍ବରୁ ଲୋକେ ଏତେ ବ୍ୟସ୍ତ ରହୁଥିଲେ ଯେ, ସେମାନେ ଘର ପରିବାରକୁ ସମୟ ଦେଇପାରୁ ନ ଥିଲେ। ହେଲେ ଆଜିର ପିଢ଼ି ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାରକୁ ବେଶି ଗୁରୁତ୍ୱ ଦେଉଛନ୍ତି।

**କ୍ୟାରିୟର ବିକଳ୍ପ:** ଆଜିର ଯୁବପିଢ଼ି ପଢ଼ା ସହିତ ୟୁଟ୍ୟୁବ, ଇନଷ୍ଟାଗ୍ରାମ୍, ପଡକାଷ୍ଟିଂ, ବ୍ଲଗିଂ ଭଳି ଜିନିଷ ପ୍ରତି ରୁଚି ଦେଖାଉଛନ୍ତି। ବହୁତ ଲୋକ ଡିଜିଟାଲ ମାର୍କେଟିଂ ଏବଂ ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ ଭଳି ପେଶାରେ ଯୁବପିଢ଼ି ପାଦ ରଖୁଛନ୍ତି। ତେଣୁ ଟେକ୍ନୋଲୋଜି ସହିତ ଜଡ଼ିତ ଚାକିରି ଜେନ ଜେଡ୍‌ଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେହିପରି ୟୁଏକ୍ସ ଏବଂ ୟୁଆଇ ଡିଜାଇନ, ଡାଟା ସାଇନ୍ସ, ଏଆଇ ଡେଭଲପମେଣ୍ଟ, ଆପ୍ ଡିଜାଇନିଂ ଭଳି କ୍ୟାରିୟର ସବୁଠୁ ଉତ୍ତମ ବିକଳ୍ପ। ଫେଶନ ଫଟୋଗ୍ରାଫି, ଟ୍ରାଭେଲ ବ୍ଲଗିଂ ଏବଂ ସଷ୍ଟେନବଲ ବ୍ୟବସାୟ ଭଳି କ୍ରିଏଟିଭ୍ ଫିଲ୍ଡ ବହୁତ ଲୋକଙ୍କୁ କ୍ୟାରିୟରରେ ନୂଆ ଦିଗ ପ୍ରଦାନ କରୁଛି। ଅନ୍ୟପଟେ ଜେନ୍ ଜେଡଙ୍କ ଲାଗି କ୍ୟାରିୟରର ଅର୍ଥ କେବଳ ଟଙ୍କା କମାଇବା ନୁହେଁ, ନିଜର ପରିଚୟ ସୃଷ୍ଟି କରିବା। ଏହି ଜେନରେସନ ପ୍ରମାଣିତ କରି ଦେଇଛନ୍ତି ସଫଳତାର ଆଧାର କେବଳ ଡିଗ୍ରୀ ନୁହେଁ, ବରଂ ଦକ୍ଷତା, କ୍ରିଏଟିଭିଟି ଏବଂ କୌଶଳ।

## ସମାଲୋଚକଙ୍କ ସହ କିଭଳି କରିବେ ଆଲୋଚନା

**ଅଫିସ୍ ସହକର୍ମୀ ହୁଅନ୍ତି ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଲୋଚନା କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



### ନାଗାଲାଣ୍ଡ ବିପକ୍ଷ ରଣଜୀରେ ସ୍ୱସ୍ତିକ-ଶୁଭ୍ରାଂଶୁଙ୍କ ଶତକ

# ପ୍ରଥମ ବିଜୟ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୧ (ସମିସ): ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି । ଘରୋଇ ଓଡ଼ିଶା ପକ୍ଷରୁ ୪୬୫

**ଶେଷ ଦିନ ନାଗାଲାଣ୍ଡ ସାମ୍ନାରେ ୪୨୪ ଲକ୍ଷ୍ୟ**

ରନର ବିଶାଳ ଟାର୍ଗେଟ୍ ନାଗାଲାଣ୍ଡ ସାମ୍ନାରେ ଧାର୍ଯ୍ୟ କରାଯାଇଛି । ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ନାଗାଲାଣ୍ଡ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି । ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ । ନାଗାଲାଣ୍ଡକୁ ବିଜୟ ଲାଗି ବଳକା ୯ ୱିକେଟ୍‌ରେ ଆହୁରି ୪୨୪ ରନ ଆବଶ୍ୟକ ହେଉଛି । ଯାହାକି ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡ ପାଇଁ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିଭଳି ଘରୋଇ ଓଡ଼ିଶା ବଳକା ୯ ୱିକେଟ୍ ନେଇ ସିଜନର ପ୍ରଥମ ବିଜୟ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି ।

### ୨୬୧ ରନର ଭାଗୀଦାରି; ଦ୍ୱିତୀୟ ଇନିଂସରେ ଓଡ଼ିଶା ୩୫୦/୫

୧୧୪ ରନରେ ଅଗ୍ରଣୀ ରହିଥିବା ଘରୋଇ ଓଡ଼ିଶା ଦ୍ୱିତୀୟ ପାଳିରେ ଦମ୍‌ଦାର ବ୍ୟାଟିଂ କରିଥିଲା । ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୨ରୁ ମଙ୍ଗଳବାର ଖେଳ ଆରମ୍ଭ କରି ଓଡ଼ିଶା ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା । ବିଶେଷ କରି ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ଓପନର ସ୍ୱସ୍ତିକ ସାମଲ ପ୍ରତିପକ୍ଷ ନାଗାଲାଣ୍ଡ ବୋଲରଙ୍କୁ ଅନାୟାସରେ ଖେଳିଥିଲେ । ଉଭୟ ନିଜ ନିଜର ଶତକ ହାସଲ କରିବା ସହ ୩ୟ ୱିକେଟ୍‌ରେ ୨୬୧ ରନର ବିଶାଳ ଭାଗୀଦାରି ଗଢ଼ିଥିଲେ । ଯାହାକି ଘରୋଇ ଦଳକୁ ଏକ ବିଶାଳ ସ୍କୋର ଦିଗରେ ଅଗ୍ରସର କରାଇଥିଲା । ତେବେ ଦଳୀୟ





ସ୍କୋର ୨୭୭ ରନ ହୋଇଥିବାବେଳେ ସ୍ୱସ୍ତିକଙ୍କୁ ଆଉଟ୍ କରି ପ୍ରତିପକ୍ଷ ଅଧିନାୟକ ରଙ୍ଗସେନ ନାଗାଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ।

ପ୍ରଥମଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ସ୍ୱସ୍ତିକ ୧୯୫ ବଲରେ ୧୬୯ ରନ କରି ଆଉଟ୍ ହୋଇଥିଲେ । ଏହି ପାଳିରେ ସେ ୧୧ ଚୌକା ଓ ୬ଟି ଛକା ମାରିଥିଲେ । ଏହାପରେ ଗୋବିନ୍ଦ ପୋଦ୍ଦାର ତାଙ୍କ ଖରାପ ଫର୍ମ ଜାରି ରଖି ମାତ୍ର ୧୨ ରନରେ ପ୍ୟାଭିଲିୟନ ଫେରିଥିଲେ । ତେବେ ଦଳୀୟ ସ୍କୋର ୩୫୦ ରନ ହୋଇଥିବାବେଳେ ପଞ୍ଚମ ବ୍ୟାଟର୍ ଭାବେ ଶୁଭ୍ରାଂଶୁ ଆଉଟ୍ ହୋଇଥିଲେ । ଶୁଭ୍ରାଂଶୁଙ୍କ ଆଉଟ୍ ସହ ଓଡ଼ିଶା ପାଳି ମଧ୍ୟ ଘୋଷଣା କରିଥିଲା । ଶୁଭ୍ରାଂଶୁ ୧୧ ଚୌକା ଓ ୪ ଛକା ସହ ୧୬୮ ବଲରେ ୧୩୭ ରନ କରିଥିଲେ ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/୧୦
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦
ଓଡ଼ିଶା ୨ୟ ଇନିଂସ: ୩୫୦/୫, ଘୋଷଣା (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)
ନାଗାଲାଣ୍ଡ ୨ୟ ଇନିଂସ: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)

ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୯ମ ଶତକ ଥିଲା । ସମ୍ବିତ ବରାଳ ୧୯ ରନ କରି ଅପରାଜିତ ରହିଥିଲେ । ନାଗାଲାଣ୍ଡ ପକ୍ଷରୁ ଜୋନାଥନ ଓ ଭିନୋ ଝିମୋମି ୨ଟି ଲେଖାଏ ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ୨୭୫ ଓ ନାଗାଲାଣ୍ଡ ୧୬୧ ରନ କରିଥିଲା ।

## ହାରିବା ପରେ ଇଡେନ୍‌ରେ ଭାରତର ଜୋର୍‌ଦାର୍ ଅଭ୍ୟାସ



କୋଲକାତା,୧୮ ।୧୧(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଗୌହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ କ୍ରିକେଟ ଦଳ ଇଡେନ ଗାର୍ଡେନ୍ସରେ ଆଜି ଜୋରଦାର ଅଭ୍ୟାସ କରିଛି । ପ୍ରଥମ ଟେଷ୍ଟଟି ଅଢ଼େଇ ଦିନରେ ଶେଷ ହୋଇଯାଇଥିବାରୁ ଭାରତ ଏଠାରେ ଅଟକି ରହିଥିଲା । ଆସନ୍ତାକାଲି ବା ବୁଧବାର ଦଳ ଗୌହାଟୀ ଯିବ । କିନ୍ତୁ ଏହା ପୂର୍ବରୁ ଅର୍ଥାତ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଇଡେନ୍‌ରେ ଅଭ୍ୟାସ କରିଥିଲା । ବିଶେଷ କରି ଖେଳାଳିମାନେ ସ୍ପିନ୍ ବୋଲିଂକୁ ଗୁରୁତ୍ୱ ଦେଇ ଖେଳିଥିଲେ । ବ୍ୟାଟର ହୁଅନ୍ତୁ କିମ୍ବା ସ୍ପିନରଙ୍କୁ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଉଥିବା ଦେଖାଯାଇଥିଲା । ବିଶେଷ କରି ବି. ସାଇ ସୁଦର୍ଶନ ଓ ଧ୍ରୁବ ଜୁରେଲ ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧି ଟର୍ଣ୍ଣିଂ ବଲ୍‌କୁ ଖେଳିଥିଲେ । ଯେଉଁ ସବୁ ବିଭାଗରେ ଭାରତୀୟ ବ୍ୟାଟର ଇଡେନ୍‌ରେ ଫେଲ ମାରିଥିଲେ, ସେହି ବିଭାଗରେ ବ୍ୟାଟରମାନେ ଅଧିକ ଖେଳିଥିଲେ । ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧିବା ଫଳରେ ଏଲବିଡବ୍ଲ୍ୟୁକୁ କିପରି ଏଡାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

**■ ରାଇଜିଂଷ୍ଟାର ଏସିଆ କପ୍**

## ମିର୍ଜାଙ୍କ ଲଢୁଆ ବ୍ୟାଟିଂ

ଦୋହା,୧୮ ।୧୧(ଏଜେନ୍ସି): ଏଠାରେ ମଙ୍ଗଳବାର ଖେଳାଯାଇଥିବା ରାଇଜିଂଷ୍ଟାର ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଭାରତ ବିପକ୍ଷ ମ୍ୟାଚ୍‌ରେ ଓମାନର ଅଧିନାୟକ ହାମଦ ମିର୍ଜା ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ଓମାନ ୬ ଓଭରରେ ୧ୱିକେଟ ହରାଇ ୫୨ ରନ୍ କରିନେଇଛି । ଏହି ସମୟରେ ଓପନର କରଣ ସୋନାଭାଲେ ୮ ଓ ୱାସିମ୍ ଅଲି ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ । ଆଉଟ ହୋଇଥିବା ମିର୍ଜା ମାତ୍ର ୧୬ଟି ବଲ୍‌ରୁ ୩ ଚୌକା ଓ ୨ଛକା ସହ ୩୨ ରନ୍‌ରେ ଆଉଟ ହୋଇଥିଲେ । ଗ୍ରୁପ-ଏ’ରେ ପାକିସ୍ତାନ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପାକିସ୍ତାନ ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ ।

## ଭାରତ-ବାଂଲା ମହିଳା ସିରିଜ୍ ବାତିଲ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ବିତାଡିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶରେ ଗଠିତ ଅନ୍ତର୍ଜାତୀୟ ନ୍ୟାୟାଳୟ ଫାଶୀଦଣ୍ଡରେ ଦଣ୍ଡିତ କରିଛି । ଏହି ନିଷ୍ପତ୍ତିର ସିଧାସଳଖ ପ୍ରଭାବ ପଡ଼ିଛି ଆସନ୍ତାମାସ ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମହିଳା ସୀମିତ ଓଭର କ୍ରିକେଟ୍ ସିରିଜ୍ ଉପରେ । କୋଲକତା ଓ କଟକରେ ହେବାକୁ ଥିବା ତିନୋଟି ଲେଖାଏଁ ଦିନିକିଆ ଓ ଟି-୨୦ ସିରିଜ୍‌କୁ ବାତିଲ କରିଦିଆଯାଇଛି । ଏହା ବଦଳରେ ଆଉ ଏକ ସିରିଜ୍ ଆୟୋଜନ ଲାଗି ବିସିସିଆଇ ଯୋଜନା କରିଛି ।

**● କୁଚ୍ ବିହାର ଟ୍ରଫି କ୍ରିକେଟ**

## ଓଡ଼ିଶାର ଇନିଂସ ପରାଜୟ

କଟକ,୧୮ ।୧୧(ସମିସ): ମହରାଷ୍ଟ୍ରର ନାଗାଥୋନେରେ ଆଜି ଶେଷ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୨୫୦ ରନ୍‌ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ପ୍ରଥମ ଇନିଂସରେ ୫୨୮ ରନ୍ କରିଥିଲା । ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୦୦ ରନ୍ କରି ଫଲୋଅନ୍ ହୋଇଥିଲା । ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ଦଳ ମାତ୍ର ୨୭.୫ ଓଭରରେ ମାତ୍ର ୭୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଫଳରେ ମହାରାଷ୍ଟ୍ର ଏକ ଇନିଂସ ଓ ୨୫୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା ।

**ଜାତୀୟ ପାରା ସୁଇମିଂ ଉଦ୍‌ଯାପିତ**

## ୮ ସ୍ୱର୍ଣ୍ଣ ସହ ଓଡ଼ିଶା ସପ୍ତମ


ଭୁବନେଶ୍ୱର, ୧୮ ।୧୧ (ସମିସ): ହାଇଦରାବାଦ୍‌ରେ ଉଦ୍‌ଯାପିତ ହୋଇଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୩୯ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୮ଟି



ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ରହିଛି । ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୩୨ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ । ୨୮ଟି ରାଜ୍ୟର ୬୨୮ ସନ୍ତରଣକାରୀ ଏଥିରେ ଭାଗନେଇଥିବାବେଳେ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି । ଓଡ଼ିଶା ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି । ଓଡ଼ିଶାର ଏହି ସଫଳତାରେ ଓଡ଼ିଶା ପାରା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗତ ସଂସ୍କରଣରେ ଓଡ଼ିଶା ୨୭ଟି ପଦକ ବିଜୟୀ ହୋଇଥିଲା । ଓଡ଼ିଶା ସନ୍ତରଣକାରୀମାନେ ଏଥିରେ ଅଂଶଗ୍ରହଣ କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ସୁଇମିଂ ଏଚ୍‌ପିସିରେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ । ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ ।

## ସୁବ୍ରତଙ୍କୁ ହରାଇ ଆଶୁତୋଷ ବିଲିୟାର୍ଡ୍ସ ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ହରାଇ ଶିଷ୍ୟ ତଥା ରାଜ୍ୟର ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ର୍‌ୟାଙ୍କିଂ ବିଲିଆର୍ଡ୍ସ ଟାଇଟଲ ବିଜୟୀ ହୋଇଛନ୍ତି । ପଟିଆ



ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ ଫ୍ରେମ୍‌ରେ ସୁବ୍ରତଙ୍କୁ ହରାଇ ୬ଷ୍ଠ ଥର ଟାଇଟଲ ହାସଲ କରିଛନ୍ତି । ଆଜି ଅନୁଷ୍ଠିତ ସିନିଅର ର୍‌ୟାଙ୍କିଂ ସ୍ନୁକର ବିଭାଗରେ ଚେତନ ଆନନ୍ଦ, ଅବିନାଶ ମହାପାତ୍ର, ବିଶେଷ ସିଂଘାଲ, ଜ୍ଞାନ ଦାସ, ଶୁଭାଶିଷ ସେଠୀ, ଅମିତ ସିଂ ବିଜୟୀ ହୋଇଛନ୍ତି । ୱାକ୍ ଓଭର ପାଇ ହରି କ୍ରିଷ୍ଣା ଓ ଆୟାମ ସିଂ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

## ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ଜିତିଲେ ରଘୁ



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଭାରତର ରଘୁ ପ୍ରସାଦ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବର୍ଷର ଶ୍ରେଷ୍ଠ ପୁରୁଷ ଅମ୍ପାୟର ପୁରସ୍କାର ଜିତିଛନ୍ତି । ମ୍ୟାଚ୍ ପରିଚାଳନାରେ ତାଙ୍କର ବୃତ୍ତିଗତତା, ସମର୍ପଣ ଓ ଉତ୍କର୍ଷତା ଲାଗି ଏଫ୍‌ଆଇଏଚ୍ ଅମ୍ପାୟରିଂ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛି । କର୍ଣ୍ଣାଟକ ଜନ୍ମିତ ରଘୁ ୨୨ ବର୍ଷର ଲମ୍ବା ଅମ୍ପାୟରିଂ କ୍ୟାରିୟରରେ ୧୯୮ଟି ଅନ୍ତର୍ଜାତୀୟ ହକି ମ୍ୟାଚ୍ ପରିଚାଳନା କରିଛନ୍ତି । ସେହିଭଳି ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭୂମିକା ତୁଲାଇଛନ୍ତି । ସେ ୪ଟି ବିଶ୍ୱକପ୍ ଓ ୩ଟି ଅଲିମ୍ପିକ୍ସରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଅପରପକ୍ଷରେ ଆର୍ଜେଣ୍ଟିନାର ଇରେନି ପ୍ରିସେନକ୍ସି ବର୍ଷର ଶ୍ରେଷ୍ଠ ମହିଳା ହକି ଅମ୍ପାୟର ବିବେଚିତ ହୋଇଛନ୍ତି ।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS